

ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୯ ଜୁନ୍ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 9 JUNE 2020
Vol.No. 30 ■ No. 145 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj


2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts From:- 2nd April (Thursday)
ଏହ SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା ,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No:
9437294587, 9438232419, 9437443950, 9937557158,9438317887
S d- P.C Bindhani
Chairman


## ଓଡିଶାକୁ ବିଜେପିର ଅଭେଦ୍ୟ ଗଡ କରିବା ପାଇଁ ଅମିତ୍ ଶାହାଙ୍କ ଆହ୍ୱାନ

### ଓଡିଶା ଜନସମ୍ବାଦ ଭର୍ଚୁଆଲ ର୍ୟାଲିକୁ ସମ୍ବୋଧିତ କଲେ ଶାହା
### ମୋଦି ଓଡିଶାବାସୀଙ୍କ ସହିତ ଚଟାଣ ଭଳି ଠିଆ ହୋଇଛନ୍ତି
### ବିଜେପି କ୍ଷମତାକୁ ଆସିଲେ ହିଁ ଓଡିଶାର ବିକାଶ ହେବ



ଭୁବନେଶ୍ୱର,୮।୬ (ନି.ପ୍ର): ଓଡିଶା ପାଇଁ ମୋଦି ସରକାର ଗତ ୬ ବର୍ଷରେ ଯାହା କରିଛନ୍ତି ତାହା କଂଗ୍ରେସ ସରକାର ୭୦ ବର୍ଷରେ କରିପାରି ନଥିଲା । ମୋଦି ସରକାର ଓଡିଶାର ବିକାଶ ପାଇଁ ସବୁବେଳେ ସମର୍ପିତ । ମୋଦି ଓଡିଶାବାସୀଙ୍କ ସହିତ ସବୁବେଳେ ସବୁସମୟରେ ଚଟାଣ ଭଳି ଠିଆ ହୋଇଛନ୍ତି । ଓଡିଶାର ଜନତାଙ୍କ ଆଶୀର୍ବାଦ ନଥିଲେ ଏହା ସମ୍ଭବ ହୋଇପାରି ନଥାନ୍ତା ବୋଲି ଆଜି ମୋଦି ସରକାରଙ୍କର ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂରଣ ଉପଲକ୍ଷେ ଆୟୋଜିତ ଭର୍ଚୁଆଲ ର୍ୟାଲିରେ ଯୋଗଦେଇ ଗୃହମନ୍ତ୍ରୀ ଶ୍ରୀ ଅମିତ୍ ଶାହା କହିଛନ୍ତି । ଏହାସହ ଓଡିଶାକୁ ବିଜେପିର ଅଭେଦ୍ୟ ଗଡ କରିବା ପାଇଁ ସେ ରାଜ୍ୟବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି । ଲୋକସଭା ନିର୍ବାଚନରେ ବିଜେପି ୩୮.୪% ଭୋଟ ଏବଂ ୮ ଜଣ ଲୋକସଭା ସାଂସଦଙ୍କୁ ବିଜୟୀ କରି ମୋଦିଜୀଙ୍କ ହାତମୁଠାଙ୍କୁ ଟାଣ କରିଛନ୍ତି ଓଡିଶାର ଜନତା । ଓଡିଶାବାସୀ ଦୀର୍ଘ ୨୦ ବର୍ଷ ଧରି ବିରୋଧୀ ଦଳ ଥିବା କଂଗ୍ରେସକୁ ପଛରେ ପକାଇ ବିଜେପି ପ୍ରମୁଖ ବିରୋଧୀ ଦଳର ମାନ୍ୟତା ଦେଇଛନ୍ତି । ୯୧ ଲକ୍ଷରୁ ଅଧିକ ଭୋଟ ବିଜେପିକୁ ଦେଇଛନ୍ତି । ଏହା ଫଳରେ ରାଜ୍ୟର ୨ ଜଣ ଓଡିଆ ଆଜି କ୍ୟାବିନେଟରେ ମନ୍ତ୍ରୀ ହୋଇଛନ୍ତି । ଓଡିଶା ଲୋକେ ମୋଦି ସରକାର ଉପରେ ଯେଉଁ ଆଶା ରଖିଛନ୍ତି, ସେହି ଆଶା ବିଜେପି ସରକାର ପୂରଣ କରିବେ ଏବଂ ଓଡିଶାକୁ ବିକଶିତ ପ୍ରଦେଶରେ ପରିଣତ କରିବୁ ବୋଲି ଶ୍ରୀ ଶାହା କହିଛନ୍ତି ।

ଶ୍ରୀ ଶାହା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ପ୍ୟାକେଜ ମାଧ୍ୟମରେ ମୋଦି ସରକାର ୧ଲକ୍ଷ ୭୦ ହଜାର କୋଟି ସାରା ଦେଶପାଇଁ ଅନୁଦାନ ବ୍ୟବସ୍ଥା କରିଛନ୍ତି । କରୋନା ଲକଡାଉନ ବେଳେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ରାଜ୍ୟର ୩.୨୪ କୋଟି ହିତାଧୀକାରିଙ୍କୁ ମିଳିଛି ମାସିକ ୫ କିଲୋ ହିସାବରେ ୩ ମାସ ପାଇଁ ଆଗୁଆ ଚାଉଳ । ଏ ବାବଦରେ ଖର୍ଚ୍ଚ କରିଛନ୍ତି ୧୪୬୧ କୋଟି ଟଙ୍କା । ୯୩ ଲକ୍ଷ ପରିବାରଙ୍କୁ ୩ ମାସ ପାଇଁ ଡାଲି ଦିଆଯାଇଛି । ଏ ବାବଦରେ ୨୭୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ବାର୍ଦ୍ଧ୍ୟକ ଭତା ପାଉଥିବା ୧୪ ଲକ୍ଷ ୬୬ ହଜାର ବୃଦ୍ଧା ବୃଦ୍ଧଙ୍କୁ ଅଗ୍ରିମ ୧୦୦୦ ଟଙ୍କାର ପେନସନ ଦିଆଯାଇଛି । ଏ ବାବଦରେ ୧୪୬.୭ କୋଟି ଟଙ୍କା ବ୍ୟୟ ହୋଇଛି । ୫.୨୫ଲକ୍ଷ ବିଧବା ମା' ମାଉସୀଙ୍କ ପାଇଁ ୧ ହଜାର ଟଙ୍କା ହିସାବରେ ୫୨ କୋଟି ଟଙ୍କା, ୮୬, ୭୬୧ ଜଣ ଦିବ୍ୟାଙ୍ଗ ଭାଇ ଭଉଣୀ ମାନଙ୍କ ପାଇଁ ୧ ହଜାର ଟଙ୍କା ହିସାବରେ ୮.୭ କୋଟି ଟଙ୍କା କେନ୍ଦ୍ର ସରକାର ଖର୍ଚ୍ଚ କରିଛନ୍ତି । ୨୮ ଲକ୍ଷ ନିର୍ମାଣ ଶ୍ରମିକଙ୍କୁ ୧୫୦୦ ଟଙ୍କା ଲେଖାଏଁ ସହାୟତା ଦିଆଯାଇଛି । ଏ ବାବଦରେ ଖର୍ଚ୍ଚ ହୋଇଛି ୪୧୮ କୋଟି ଟଙ୍କା । ୪୭.୪୭ ଲକ୍ଷ ଉଜ୍ଜଳା ହିତାଧିକାରିଙ୍କୁ ମାଗଣା ଗ୍ୟାସ ସିଲିଣ୍ଡର ଦିଆଯାଇଛି । ମୋଦି ସରକାର ଏବାବଦରେ ଓଡିଶା ପାଇଁ ଖର୍ଚ୍ଚ କରିଛନ୍ତି ୧୧୦୩ କୋଟି । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଇଛି ୫.୨୨ କୋଟି ବିଜୁଳି ବଲବ୍ ବଂଟାଯାଇଛି ବୋଲି ଶ୍ରୀ ଶାହା କହିଛନ୍ତି । ଦୀଘା-ଗୋପାଳପୁର କୋଷ୍ଟାଲ ହାଇୱେ ପାଇଁ ୯୦୦୦ କୋଟି, କଟକ-ଅନୁଗୁଳ-ସମ୍ବଲପୁର ଜାତୀୟ ରାଜପଥ ପାଇଁ ୪୫୦୦ କୋଟି, ଭାରତମାଳା ପରିଯୋଜନାରେ ଭୁବନେଶ୍ୱରରେ ୬୮ କିମି ରାସ୍ତା, ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୩୮ କରୋନା ଆକ୍ରାନ୍ତ ଚିହ୍ନଟ




ଭୁବନେଶ୍ୱର,୮।୬ (ନି.ପ୍ର): ରାଜ୍ୟରେ ଆଉ ୧୩୮ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୨୯୯୪କୁ ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୩୮ ଜଣଙ୍କ ମଧ୍ୟରୁ ୧୨୫ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୩ ଜଣ ସ୍ଥାନୀୟ ଲୋକ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୮ ଟି ଜିଲ୍ଲାରୁ ହୋଇଥିବା ଜଣା ପଡିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରୁ ସବୁଠାରୁ ଅଧିକ ୩୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଯାଜପୁର ଜିଲ୍ଲାରୁ ୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରୁ ୧୩ ଜଣ ଓ ରାୟଗଡା ଜିଲ୍ଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ମୟୁରଭଂଜ ଜିଲ୍ଲାରୁ ୬, ନୟାଗଡ ଜିଲ୍ଲାରୁ ୩ ଜଣ ତଥା ଢେଙ୍କାନାଳ ଜିଲ୍ଲାରୁ ୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କଟକ ଜିଲ୍ଲାରୁ ୧୫, କଳାହାଣ୍ଡି ଜିଲ୍ଲାରୁ ୨ ଓ କେନ୍ଦୁଝର ଜିଲ୍ଲାରୁ ୧୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କନ୍ଧମାଳ ଜିଲ୍ଲାରୁ ୧୦ ଜଣ, ଭଦ୍ରକ ଜିଲ୍ଲାରୁ ୧୧ ଜଣ ଓ ସମ୍ବଲପୁର ଜିଲ୍ଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଅନୁରୂପ ଭାବେ ବଲାଙ୍ଗୀର ଜିଲ୍ଲାରୁ ଜଣେ ଓ ସୁନ୍ଦରଗଡ ଜିଲ୍ଲାରୁ ୧୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରୁ ୩ ଜଣ, ପୁରୀ ଜିଲ୍ଲାରୁ ୭ ଜଣ ଓ କେନ୍ଦ୍ରାପଡା ଜିଲ୍ଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ଚରଣ ସେଠୀଙ୍କ ପରଲୋକ



ବାଲେଶ୍ୱର,୮।୬ (ନି.ପ୍ର): ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ଚରଣ ସେଠୀଙ୍କର ଆଜି ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା । ବୟସାଧିକ ଯୋଗୁଁ ରୋଗରେ ପୀଡ଼ିତ ହୋଇ ସେ ଭୁବନେଶ୍ୱରର ଏକ ହସପିଟାଲରେ ଚିକିତ୍ସିତ ହେଉଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଯାଇଛି । ସେ ନିଜର ରାଜନୈତିକ ଜୀବନରେ ଶୀର୍ଷରେ ପହଞ୍ଚିବା ସହ ଶେଷ ପର୍ଯ୍ୟନ୍ତ ଜନସେବାରୁ ବିଚ୍ୟୁତ୍ ହୋଇ ନଥିଲେ । ୮ଥର ସାଂସଦ ଓ ଦୁଇଥର ବିଧାୟକ ଭାବେ ନିର୍ବାଚିତ ▶▶ପୃଷ୍ଠା ୭

### ଓଡିଶା ଜନ ସମ୍ବାଦ ରାଲିରେ କେନ୍ଦ୍ରମନ୍ତ୍ରୀଙ୍କ ଉଦବୋଧନ

## ସ୍ୱାଧୀନତା ପରେ ମୋଦିଙ୍କ ପରି ଓଡିଶାର ବିକାଶ ଦାୟିତ୍ୱ କେହି ନେଇନଥିଲେ : ଧର୍ମେନ୍ଦ୍ର




ନୂଆଦିଲ୍ଲୀ/ଭୁବନେଶ୍ୱର,୮।୬ (ନି.ପ୍ର): ଦେଶରେ ସ୍ୱାଧୀନତା ପରବର୍ତୀ ସମୟରେ ଓଡିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଗତ ୬ ବର୍ଷରେ ଯେପରି ଦାୟିତ୍ୱ ନେଇଛନ୍ତି ପୂର୍ବରୁ କୌଣସି ସରକାର ଏପରି ଦାୟିତ୍ୱ ନେଇନଥିଲେ ବୋଲି ସୋମବାର ମୋଦି ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ବର୍ଷ ପୂର୍ତି ଅବସରରେ ବିଜେପି ପକ୍ଷରୁ ଆୟୋଜିତ ଭର୍ଚୁଆଲ ରାଲି-ଓଡିଶା ଜନ ସମ୍ବାଦ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନେକ ପ୍ରଧାନମନ୍ତ୍ରୀ ଦିଲ୍ଲୀ ଦରବାରରେ ଦାୟିତ୍ୱ ନେଇଛନ୍ତି । ମାତ୍ର ମୋଦି ସରକାର ବିଗତ ୬ ବର୍ଷରେ ଓଡିଶାର ବିକାଶ ପାଇଁ ଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରିଛନ୍ତି । ବିଗତ ୬ ବର୍ଷରେ ମୋଦି ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ନୂଆ ନୂଆ ଯୋଜନା ମାଧ୍ୟମରେ ସ୍ୱଷ୍ଟକ୍ରିୟାନ୍ୱୟନ କରି ପୂର୍ବ ଭାରତକୁ ଅନ୍ୟ ଅଂଚଳକୁ ସମକକ୍ଷ କରିବାକୁ କଟିବଦ୍ଧ । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଶ୍ରୀ ପ୍ରଧାନ କୃତଜ୍ଞତା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନା ତଥା ଆବାସ, ଉଜ୍ଜଳା ଓ ଜନଧନ ପରି ଯୋଜନାରେ ଓଡିଶା ସବୁଠୁ ବଡ ଅଂଶ ଲାଭ ପାଇଛି । ଉପକୂଳ ଜାତୀୟ ରାଜପଥ, ଶିକ୍ଷାୟନ, କଳିଙ୍ଗ ନଗରକୁ ଷ୍ଟିଲ୍ ହବରେ ପରିଣତ କରିବା, ପାରାଦୀପ ରିଫାଇନାରୀର କାମ ମୋଦି ସରକାରରେ ହୋଇଛି । ଏତବ୍ୟତିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବର ସମୟରେ ପ୍ରଧାନମନ୍ତ୍ରୀ ମୋଦି ୫୦ କୋଟି ଟଙ୍କା ଦେଇଥିଲେ । ଲେଖକ ହଳଦର ନାଗଙ୍କ ଭଳି ବ୍ୟକ୍ତିତ୍ୱଙ୍କୁ ପଦ୍ମଶ୍ରୀ ପୁରସ୍କାର ଦେଇ ଦେଶରେ ଓଡିଆ ଜାତିର ସମ୍ମାନ ବଢାଇଥିଲେ । ମାଣବସା ଗୁରୁବାର, ରାବଣ ଛାୟା ଓ ଛଉ ନୃତ୍ୟକୁ ମାନ୍ୟତା ଦେଇ ଓଡିଶା ସଂସ୍କୃତି ଓ ପରମ୍ପରାର ସମ୍ମାନ ବଢାଇଥିଲେ, କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ମଧ୍ୟ ସୌର ଶକ୍ତି ନଗର କରିବାର ଦାୟିତ୍ୱ ପ୍ରଧାନମନ୍ତ୍ରୀ ନେଲେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ପ୍ରଧାନମନ୍ତ୍ରୀ ଅମ୍ଫନ ବାତ୍ୟାର ଅନୁଧ୍ୟାନ ଓ ସମୀକ୍ଷା କରିବା ପାଇଁ ମେ ୨୨ ତାରିଖରେ ଓଡିଶା ଓ ପଶ୍ଚିମବଙ୍ଗ ଗସ୍ତରେ ଯାଇଥିଲେ । ଦୁଇ ରାଜ୍ୟରେ ବିଜେପି ସରକାର ନଥାଇ ମଧ୍ୟ ଗରିବଙ୍କ କଥା ଚିନ୍ତା କରି ସବକା ସାଥ୍, ସବକା ବିକାଶ ଓ ସବକା ▶▶ପୃଷ୍ଠା ୭

## ଦିଲ୍ଲୀ ଏନସିଆରରେ ଭୂକମ୍ପ

ନୂଆଦିଲ୍ଲୀ,୮।୬ (ନି.ପ୍ର): ଦିଲ୍ଲୀ ଏନସିଆରରେ ସୋମବାର ଦିନ ପୁଣି ଏକ ଭୂମିକମ୍ପର ଝଟକା ଅନୁଭୁତ ହୋଇଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୨.୧ ରହିଛି । ଭୂମିକମ୍ପର କେନ୍ଦ୍ରସ୍ଥଳ ଦିଲ୍ଲୀର ଗୁରୁଗାଓ ର ପଶ୍ଚିମରେ ଜମିରେ ୧୮ କି.ମି. ଭିତରେ ଥିଲା । ଏହା ପୂର୍ବରୁ ଆସିଥିବା ଭୂକମ୍ପର କେନ୍ଦ୍ର କେବେ ଦିଲ୍ଲୀ, କେବେ ରୋହତକ ଏବଂ ଫରିଦାବାଦରେ ଥିଲା । ଦିଲ୍ଲୀ ଏନସିଆରରେ ୧୨ ଏପ୍ରିଲକୁ ଛାଡ଼ିଦେଲେ ୧୪ ଥର ଭୂକମ୍ପର ଝଟକା ଅନୁଭୂତ ହୋଇଛି । ସେହି ଅଂଚଳରେ ଦୁଇ ମାସ ଭିତରେ ଲଗାତର ଭୂକମ୍ପ ଯୋଗୁଁ ସ୍ଥାନୀୟ ଜନସାଧାରଣଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ହୋଇଛି । ୧୨ ଏପ୍ରିଲରେ ଭୂକମ୍ପର ତୀବ୍ରତା ୩.୫ ଥିଲା ।

## କେଜ୍ରିୱାଲ ଅସୁସ୍ଥ : ଆଜି ହେବ କରୋନା ପରୀକ୍ଷା



ନୂଆଦିଲ୍ଲୀ,୮।୬ (ନି.ପ୍ର): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଯାଇଛି । ଏଥିପାଇଁ ସେ ନିଜକୁ ସେଲ୍ଫ ଆଇସୋଲେସନ୍ ରେ ରଖିଛନ୍ତି । ଆସନ୍ତାକାଲି ଡାକ୍ତରଙ୍କ ପରାମର୍ଶ କ୍ରମେ ସେ କରୋନା ପରୀକ୍ଷା କରିବେ । ସୂଚନା ଅନୁଯାୟୀ ରବିବାର ଠାରୁ କେଜ୍ରିୱାଲ ସାମାନ୍ୟ ଜ୍ୱର ଏବଂ ଗଳା ଯନ୍ତ୍ରଣା ଅନୁଭବ କରୁଛନ୍ତି । ଏହି କାରଣରୁ, ତାଙ୍କର କରୋନା ପରୀକ୍ଷା କରାଯିବ । ସେଥିପାଇଁ ଇତିମଧ୍ୟରେ ସେ ଯୋଗ ଦେବାକୁ ଥିବାସମସ୍ତ ମିଟିଂ ବାତିଲ ହୋଇଛି । ଗତକାଲି ଠାରୁ କେଜ୍ରିୱାଲ କାହାକୁ ଭେଟି ନାହାଁନ୍ତି ଏବଂ ସତର୍କତା ସ୍ୱରୂପ ନିଜକୁ ପୃଥକବାସ କରିଛନ୍ତି । ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ କହିଛନ୍ତି ଯେ ଗତକାଲିଠାରୁ ମୁଖ୍ୟମନ୍ତ୍ରୀଙ୍କ ସାମାନ୍ୟ ଜ୍ୱର ଏବଂ ଗଳା ଯନ୍ତ୍ରଣା ହୋଇଛି । ▶▶ପୃଷ୍ଠା ୭

## ପ୍ରସ୍ତାବିତ ହଂସପାଳ ଫ୍ଲାଇ ଓଭରବ୍ରିଜ୍‌ର ଭୂମିପୂଜନ କଲେ ସାଂସଦ ଅପରାଜିତା ଷଡଙ୍ଗୀ



ଭୁବନେଶ୍ୱର,୮।୬ (ନି.ପ୍ର): ସୋମବାର ସକାଳେ ହଂସପାଳ ଫ୍ଲାଇ ଓଭରବ୍ରିଜ୍‌ର ନିରାଡ଼ମ୍ବରଭାବେ ସାମାଜିକ ଦୂରତା ଅବଲମ୍ବନ କରି ଭୂମିଭୂଜନ କରିଛନ୍ତି ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ । ଏଥିନେଇ ଅଂଚଳବାସୀଙ୍କ ମଧରେ ଆନନ୍ଦର ଲହରୀ ଖେଳିଯାଇଛି ଓ ସମସ୍ତ ଅଂଚଳବାସୀ ସାଂସଦଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି । କଟକ-ଭୁବନେଶ୍ୱର ଜାତୀୟ ରାଜପଥର ହଂସପାଳ ଛକରେ ଫ୍ଲାଇ ଓଭରବିଜ୍ ନଥିବାରୁ ଟ୍ରାଫିକ୍ ସମସ୍ୟାରେ ଦୁର୍ଘଟଣାରେ ବହୁ ଧନଜୀବନ ହାନିହୋଇ ହଂସପାଳ ଛକ ମରଣଯନ୍ତା ପାଲଟି ଅଂଚଳବାସୀଙ୍କ ପାଇଁ ସବୁବେଳେ ଦୁର୍ଘଟଣା ଜନିତ ଆସନ୍ନ ମୃତ୍ୟୁକୁ ଆମନ୍ତ୍ରଣ କରୁଥିଲା । ▶▶ପୃଷ୍ଠା ୭

## ବର୍ଷିୟାନ ନେତା ଅର୍ଜୁନ ସେଠୀଙ୍କ ବିୟୋଗରେ ରଘୁନାଥ ମହାନ୍ତିଙ୍କ ଶୋକ

ବାଲେଶ୍ୱର, ବାଲେଶ୍ୱର,୮।୬ (ନି.ପ୍ର): ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ଚରଣ ସେଠୀଙ୍କର ଆଜି ପରଲୋକରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି । ତାଙ୍କର ଦୀର୍ଘ ରାଜନୈତିକ ଜୀବନରେ ସେ ଶ୍ରୀଯୁକ୍ତ ଅର୍ଜୁନ ଚରଣ ସେଠୀଙ୍କ ସହ ଗଭୀର ଭାବେ ଓତଃପ୍ରୋତଃ ଭାବେ ଜଡ଼ିତ ଥିଲେ । ଦୀର୍ଘ ଦିନର ରାଜନୈତିକ ଜୀବନ ଉଭୟ ସାମନ୍ତରିକ ଭାବେ ଆରମ୍ଭ କରି ପରସ୍ପର ସୁଖଦୁଃଖରେ ସମଭାଗୀ ଥିଲେ । ଭଦ୍ରକ ଜିଲ୍ଲାର ସେ ବହୁବିଦ୍ଧ ଉନ୍ନତି କରିବା ସହ ସମଗ୍ର ଓଡ଼ିଶା ଓ ଭାରତ ରାଜନୀତିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଜଣେ ଶାନ୍ତ ସିଷ୍ଟ ଓ ମେଳାପୀ ଲୋକ ହିସାବରେ ସେ ସମସ୍ତଙ୍କ ନିକଟରେ ଖୁବ୍ ଆଦୃତ ଥିଲେ । ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଶୋକସନ୍ତପ ପରିବାରକୁ ଭଗବାନ ସହାୟ ହୁଅନ୍ତୁ ବୋଲି ପ୍ରାର୍ଥନା କରିଥିଲେ ।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ : ବନ ବିଭାଗର ଖାମଖିଆଲି ମନୋଭାବକୁ ଦାୟୀ କଲେ ଲୋକେ

ବାରିପଦା,୮/୬ (ନି.ପ୍ର): ବର୍ତ୍ତମାନ ହାତୀ ମଣିଷ ମଧ୍ୟରେ ଲଢ଼େଇ ଜାରି ରହିଥିବାର ଦେଖିବାକୁ ମିଳିଛି । କେତେବେଳେ ମଣିଷ ହାତୀର ଜୀବନ ନେଉଛି, ପୁଣି କେତେବେଳେ ହାତୀ ମଣିଷର ଜୀବନ ନେଉଛି । ଅନୁରୂପ ଘଟଣା କ୍ରମେ ଆଜି ସକାଳ ସମୟରେ ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ଥାନା ଅନ୍ତର୍ଗତ ତଥା ବାରିପଦା ବନଖଣ୍ଡ ଅଧୀନ ରାସଗୋବିନ୍ଦପୁର ରେଞ୍ଜ ରଜାବସା ଗ୍ରାମପଚାଂୟତ କୁକୁଡ଼ାଯୋଡ଼ି ଗ୍ରାମରେ ବନ ବିଭାଗର ଖାମଖିଆଲି ମନୋଭାବ କାରଣରୁ ହାତୀଟି ଜଣେ ବୃଦ୍ଧଙ୍କ ଜୀବନ ନେଇଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁସାରେ ସକାଳ ପ୍ରାୟ ୬ଟା ସମୟରେ କୁକୁଡ଼ାଯୋଡ଼ି ଗ୍ରାମର ଚତୁର୍ଭୁଜ ନାଏକ (୬୫) ନିକଟ କୁକୁଡ଼ାଯୋଡ଼ି ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱ ବନ୍ଧକୁ ଶୌଚ ପାଇଁ ଯାଇଥିଲେ । ଏହି ସମୟରେ ୫ଟି ହାତୀ ଥିବା ପଲ ହଠାତ୍ ସମ୍ମୁଖକୁ ଆସିଯାଇଥିଲେ ଏବଂ ଉକ୍ତ ପଲ ମଧ୍ୟରୁ ଏକ ହାତୀ ଚତୁର୍ଭୂଜଙ୍କୁ ଶୁଣ୍ଢରେ ଟେକି ତଳେ କଚାଡ଼ିବା ସହ ପାଦରେ ଦଳି ମାରିଥିଲା । ତାଙ୍କୁ ଏଭଳି କଲବଲ କରି ମାରିବା ପରେ ହାତୀଟି ସେଠାରେ ପ୍ରାୟ ଏକ ଘଂଟାରୁ ଅଧିକ ସମୟ ଧରି ହାତୀ ପଲ ସହିତ ଜଗି ବସିଥିଲା । ଏହି ଖବର ପ୍ରଚାରିତ ହେବା ପରେ ହାତୀ ପଲ ଗ୍ରାମ ଭିତରକୁ ପଶି ଆସିବା ଭୟରେ କୁକୁଡ଼ାଯୋଡ଼ି ଗ୍ରାମରେ ଜନସାଧାରଣଙ୍କ ଘରେ ତାଟି କବାଟ ପଡ଼ିଯାଇଥିଲା । ହାତୀ ପଲ ଜଙ୍ଗଲ ଭିତରକୁ ଚାଲିଯାଇଥିବାର ଜଣାପଡ଼ିବା ପରେ ନିଜ ନିଜ ଘରୁ ପଦାକୁ ବାହାରିଥିଲେ ଲୋକେ । ଖବର ପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଁଚି ଶବ ଜବତ କରି ବାରିପଦା ପିଆରଏମ ମେଡ଼ିକାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଥିଲେ । ଏହି ହାତୀ ପଲ କୁଲଡ଼ିହା ଜଙ୍ଗଲରୁ ଆସିଥିବାର କୁହାଯାଉଥିବା ବେଳେ ଗତ କାଲି ରାତିରେ କୁକୁଡ଼ାଯୋଡ଼ି ଜଙ୍ଗଲରେ ରହିଥିଲେ । ତେବେ ବନ ବିଭାଗ ନିକଟରେ ଉକ୍ତ ହାତୀ ପଲର ଚଳପ୍ରଚଳ ଓ ଗତିବିଧି ସମ୍ପର୍କରେ ସୂଚନା ଥିଲା କି ନାହିଁ । ଯଦି ରହିଥିଲା ଘଉଡ଼ାଇବା ନିମନ୍ତେ ବନ କର୍ମଚାରୀ ନିୟୋଜିତ କରାଯାଇଥିଲା କି ନାହିଁ ତାହା ଏକ ପ୍ରଶ୍ନବାଚୀ । ସେହିପରି ହାତୀ ପଲର ଗତିବିଧି ଉପରେ ବନ ବିଭାଗ ପକ୍ଷରୁ ନଜର ରଖାଯାଇଥିଲା, ତେବେ ସେ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀମାନଙ୍କୁ ସତର୍କ କରାଯାଇଥିଲେ ହୁଏତ ଚର୍ତୁଭୂଜ ନାଏକଙ୍କ ମୃତ୍ୟୁ ହୋଇନଥାନ୍ତା । ଏପରି ସ୍ଥିତିରେ ଘଟଣା ପାଇଁ ବନ ବିଭାଗର ଖାମଖିଆଲି ମନୋଭାବକୁ ଦାୟୀ କରଛନ୍ତି ସ୍ଥାନିୟ ଲୋକେ । ଏ ବିଷୟରେ ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟଂମ୍ ମଲ୍ଲିକ ରାତି ଅଢ଼େଇଟା ସମୟରେ ଆମ ହ୍ୱାଟ୍ସଆପ୍ ଗ୍ରୁପରେ ହାତୀପଲ ସମ୍ପର୍କରେ ମେସେଜ ରହିଛି । ଜନସାଧାରଣଙ୍କୁ ସ୍ୱଚ୍ଛ ଭାରତ ଯୋଜନାରେ ସରକାର ଶୌଚ ନିମନ୍ତେ ପାଇଖାନା ଯୋଗାଇ ଦେଇଛନ୍ତି । ମାତ୍ର ସେମାନେ ବାହ୍ୟ ମଳତ୍ୟାଗକୁ ପରିତ୍ୟାଗ କରିବାକୁ ପ୍ରସ୍ତୁତ ନୁହନ୍ତି । ଯେତିକି ହାତୀ ଆକ୍ରମଣରେ ମୃତ୍ୟୁ ଖବର ରହିଛି ଏହା ମଧ୍ୟରୁ ଅଧିକାଂଶ ବୃଦ୍ଧ ଅଟନ୍ତି । ହଠାତ୍ ହାତୀ ସମ୍ମୁଖକୁ ଚାଲି ଆସିଲେ ପଳାୟନ କରିବାରେ ସାମର୍ଥ୍ୟ ନ ଥିବାରୁ ହାତୀ ହାବୁଡ଼ରେ ପଡ଼ିଯାଉଛନ୍ତି । ମୃତକ ଚତୁର୍ଭୂଜଙ୍କ ପରିବାରକୁ ସରକାରଙ୍କ ନିୟମ ଅନୁସାରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ଏଥି ନିମନ୍ତେ ଆବଶ୍ୟକ କାଗଜପତ୍ର ଦାଖଲ ହେବା ପରେ ୪ କିସ୍ତିରେ ସହାୟତା ମିଳିଯିବ । ତେବେ ପରିବାରକୁ ଚତୁର୍ଭୂଜଙ୍କ ଅନ୍ତିମ ସଂସ୍କାର ଓ ଶୁଦ୍ଧିକ୍ରିୟା ଆଦି ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ବୋଲି ବାରିପଦା ବନଖଣ୍ଡ ଅଧିକାରୀ ଶ୍ରୀ ମଲ୍ଲିକ ସୂଚନା ଦେଇଥିଲେ ।

## ଯାଜପୁର ଜିଲ୍ଲାରେ ଆଉ ୭ ଜଣ କରୋନା ପଜିଟିଭ୍ ଚିହ୍ନଟ
## ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୧୯କୁ ବୃଦ୍ଧି

ଯାଜପୁର,୮/୬ (ନି.ପ୍ର): ଯାଜପୁର ଜିଲ୍ଲାରେ ଆଜି ଆଉ ୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୧୯କୁ ବୃଦ୍ଧି ପାଇଛି । ଆଜି ଚିହ୍ନଟ ହୋଇଥିବା ଆକ୍ରାନ୍ତ ମାନେ ସମସ୍ତେ ଦଶରଥପୁର ବ୍ଲକର ଏବଂ କ୍ୱାରେଂଟାଇନ ସେଂଟରର ବୋଲି ଜଣାପଡିଛି । ଏମାନଙ୍କ ମଧ୍ୟରେ ୩ ଜଣ ଦିଲ୍ଲୀ ଫେରନ୍ତା, ଦୁଇ ଜଣ ସୁରତ ଫେରନ୍ତା ରହିଥିବା ବେଳେ ଅନ୍ୟ ଦୁଇ ଜଣ କଲିକତାରୁ ଫେରିଥିବା ନେଇ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ । ଏଠାରେ ଉଲ୍ଲେଖଯୋଗ୍ୟ, ଜିଲ୍ଲାକୁ ପୂର୍ବରୁ ରେଡ୍ ଜୋନ୍ ଅନ୍ତର୍ଭୁକ୍ତ କରାଯାଇଛି । ଜିଲ୍ଲାରେ ପ୍ରତି ଶନିବାର ଓ ରବିବାର ସଟ୍ ଡାଉନ୍ ଜାରୀ ରହିଛି ।

### ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତର ମାନ୍ୟତା

# ମୁଖ୍ୟମନ୍ତ୍ରୀ ନବୀନଙ୍କୁ କୃତଜ୍ଞତା ଜଣାଇଲେ ଓଡ଼ିଶା କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି

ବାରିପଦା,୮/୬ (ନି.ପ୍ର): କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତର ମାନ୍ୟତା ଦେଇଛନ୍ତି ରାଜ୍ୟ ସରକାର । ଏହି ଐତିହାସିକ ନିଷ୍ପତି ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ଓଡ଼ିଶା କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି । କରୋନା ଯୁଦ୍ଧାମାନଙ୍କ ତ୍ୟାଗ, ବଳିଦାନ, ସେବା ମନୋଭାବକୁ ଉତ୍ସାହିତ ଏବଂ ସମ୍ମାନ ଜଣାଇବାକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ଗତ ମେ ୩୦ ସାଢ଼େ ୫ଟା ସମୟରେ ସମସ୍ତ ଓଡ଼ିଶାବାସୀଙ୍କ ସହିତ ପୃଥିବୀର କୋଣ ଅନୁକୋଣରେ ବସବାସ କରୁଥିବା ସମସ୍ତ ପ୍ରବାସୀ ଓଡ଼ିଆମାନଙ୍କୁ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ । ଏହି ସମୟରେ ଓଡ଼ିଶାର ଗଗନପବନରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତର ମୁର୍ଚ୍ଛନା ଗୁଞ୍ଜରିତ ହୋଇଉଠିବା ସାଙ୍ଗକୁ ଭାରତର ସମସ୍ତ ରାଜ୍ୟ ଏବଂ ପୃଥିବୀର ବିଭିନ୍ନ ଦେଶଗୁଡ଼ିକରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆମାନେ ମଧ ଗାନ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନଙ୍କ ଏହି ନିଷ୍ପତି ଓଡ଼ିଆ ଭାଷା ଓ ଓଡ଼ିଆମାନଙ୍କ ମଧ୍ୟରେ ସମ୍ପର୍କର ସେତୁକୁ ଅଧିକ ସୁଦୃଢ଼ କରାଇବା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରାଥିଲା । ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ସହିତ ରାଜ୍ୟର ସାଢ଼େ ୪ କୋଟି ଜନସାଧାରଣଙ୍କ ଭାବାବେଗ ଜଡ଼ିତ ରହିଅଛି । ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ । ତେଣୁ ଏହାକୁ ରାଜ୍ୟ ସଙ୍ଗୀତର ମାନ୍ୟତା ନିଷ୍ପତିକୁ ସମସ୍ତ ଓଡ଼ିଶାର ଜନସାଧାରଣ ହୃଦୟର ସହିତ ଗ୍ରହଣ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ ଓଡ଼ିଶା କୃଷି ନିଗମ ଅଧ୍ୟକ୍ଷ ଶ୍ରୀମହାନ୍ତି ।

# ବଢ଼ି ଚାଲିଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା : ଗୋଷ୍ଠି ସଂକ୍ରମଣ ଆଶଙ୍କାକୁ ନେଇ ଜିଲ୍ଲାବାସୀ ଆତଙ୍କିତ

ଭଦ୍ରକ,୮/୬ (ହି.ସ.)- ଭଦ୍ରକ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଧିରେଧିରେ ବୃଦ୍ଧି ପାଇବାରେ ଲାଗିଛି । ଆଜି ଜିଲ୍ଲାର ବିଭିନ୍ନ ସଂଗରୋଧ କେନ୍ଦ୍ରରେ ଥିବା ଅନ୍ତେବାସୀଙ୍କ ମଧ୍ୟରୁ ୪ଜଣ ନୂତନ କରୋନା ରୋଗୀ ଚିହ୍ନଟ ହେବା ପରେ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୪୦ରେ ପହଂଚିଛି । ସେହିପରି ୧୦୪ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ, ୩୬ଜଣ ଚିକିତ୍ସାଧିନ ଅଛନ୍ତି । ବର୍ତ୍ତମାନ ସମୟରେ ଚିହ୍ନଟ ହେଉଥିବା ସମସ୍ତ ନୂତନ କରୋନା ଆକ୍ରାନ୍ତ ପ୍ରବାସୀ ଓଡ଼ିଆ । ଲକ୍‌ଡାଉନ୍-୪ ଓ ଅନ୍‌ଲକ୍-୧ ସମୟରେ ସେମାନେ ସୁରଟ, ତାମିଲନାଡ୍ଡୁ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ପରି ବିଭିନ୍ନ ରାଜ୍ୟରୁ ଫେରି ସଂଗରୋଧ କେନ୍ଦ୍ରରେ ଥିଲେ । ପରବର୍ତ୍ତୀ ସମୟରେ ସେମାନଙ୍କ ନିକଟରୁ ସଂଗ୍ରହ କରାଯାଇଥିବା ସ୍ୱାବ୍ ରିପୋର୍ଟ ପଜିଟିଭ ଆସିଥିଲା । ସଂଗରୋଧ କେନ୍ଦ୍ରରୁ ନୁତନ ଆକ୍ରାନ୍ତମାନେ ଚିହ୍ନଟ ହେଉଥିବା କାରଣରୁ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ୱାନ୍ତନା ଦିଆଯାଉଛି । ଏହା ସତ୍ୱେ ଗୋଷ୍ଠୀ ସଂକ୍ରମଣର ଆଶଙ୍କାରେ ଜିଲ୍ଲାବାସୀ ଆତଙ୍କିତ ହୋଇ ଚାଲିଛନ୍ତି । ଲକ୍‌ଡାଉନ୍-୧ ଆରମ୍ଭରେ କରୋନାକୁ ନେଇ ବେଶ୍ ସତର୍କ ଥିଲେ ଜିଲ୍ଲାବାସୀ । ସକାଳ ହେଲେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ପ୍ରଥମ ବୁଲେଟିନ୍‌କୁ ଅପେକ୍ଷା କରି ଟିଭି ଆଗରେ ବସି ରହୁଥିଲେ । ପରବର୍ତ୍ତୀ ବୁଲେଟିନକୁ ମଧ ଚାହିଁ ବସୁଥିଲେ । ଶେଷରେ ସବୁ କାମଧନ୍ଦା ଛାଡ଼ି ଅପରାହ୍ନରେ କୋଭିଡ ମୁଖପାତ୍ର ସୁବ୍ରତ ବାଗ୍‌ଚୀଙ୍କ ସିଧା ପ୍ରସାରିତ ସାମ୍ବାଦିକ ସମ୍ମିଳନୀକୁ ଗୁରୁତ୍ୱର ସହ ଶୁଣୁଥିଲେ । ଜିଲ୍ଲାର କେଉଁ ସ୍ଥାନରୁ ନୂତନ ଆକ୍ରାନ୍ତ ଚିହ୍ନଟ ହେଲେ, ସେମାନଙ୍କ ଗସ୍ତ ଇତିହାସ, କଂଟାକ୍ଟ ଟ୍ରେସିଂ, ସ୍ୱାବ ରିପୋର୍ଟ ସବୁ କିଛି ଥିଲା ପ୍ରତ୍ୟେକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଇତିମଧ୍ୟରେ ସବୁ କିଛି ବଦଳି ଯାଇଛି । ଉଭୟ ଜୀବନ ଜୀବିକାକୁ ଗୁରୁତ୍ୱ ଦେଇ ସରକାର ଲକ୍‌ଡାଉନ ନିୟମକୁ କୋହଳ କରି ଦେଇଛନ୍ତି । ଅଧିକାଂଶ ଦୋକାନ ବଜାର ଖୋଲିଯାଇଛି । ବଜାରରେ ପୂର୍ବପରି ଗହଳୀ ଆରମ୍ଭ ହୋଇ ଯାଇଛି । ସାମାଜିକ ଦୂରତା ରକ୍ଷା, ମାସ୍କ ପରିଧାନ ପରି ସରକାରଙ୍କ ନିବେଦନକୁ ଅଧିକାଂଶ ଲୋକ ଫୁ କରି ଦେଇଛନ୍ତି । ତେବେ ଆରୋଗ୍ୟଙ୍କ ପ୍ରତିଶତ ହାରକୁ ନେଇ ପ୍ରଶାସନର ଆଶ୍ୱସନା ସତ୍ୱେ ବର୍ତ୍ତମାନ ସରକାର ଓ ଜିଲ୍ଲା ପ୍ରଶାସନର କୋଭିଡ ପରିଚାଳନାର ଶୈଳୀକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେବାରେ ଲାଗିଛି । କାରଣ ବର୍ତ୍ତମାନର କୋଭିଡ଼ ପରିଚାଳନା ନିତୀ ଗୋଷ୍ଠି ସଂକ୍ରମଣ ସମ୍ଭାବନା ବୃଦ୍ଧି କରିଛି ବୋଲି ଅଧିକାଂଶଙ୍କ ମତ । ସୂଚନାଯୋଗ୍ୟ ଏପ୍ରିଲ ମାସ ପ୍ରଥମ ସପ୍ତାହରେ ଭଦ୍ରକ ପୌରାଂଚଳ ଓ ପୌରାଂଚଳ ସଂଲଗ୍ନ ଏକ ପଂଚାୟତରୁ ୩ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ଏହି ୩ଜଣଙ୍କ ଦୁବାଇ ଓ ଦିଲ୍ଲୀ ଗସ୍ତର ଯାତ୍ରା ଇତିହାସ ରହିଥିଲା । ଏହାର ପ୍ରାୟ ୧୪ ଦିନ ପରେ ବାସୁଦେବପୁର, ଧାମନଗର ଓ ତିହିଡ଼ି ବ୍ଲକରୁ କେତେକ କରୋନା ଆକ୍ରାନ୍ତ ଚିହ୍ନଟ ହେଲେ । ଏସମସ୍ତ ନୂତନ ଆକ୍ରାନ୍ତ କୋଲକତା ଫେରନ୍ତା ବୋଲି ଜଣାପଡ଼ିଥିଲା । ତେଣୁ ପ୍ରଶାସନ ପକ୍ଷରୁ ଏହାକୁ ନେଇ ବେଶ୍ ତତ୍ପରତା ପ୍ରକାଶ ପାଇଥିଲା । ଚିହ୍ନଟ ଆକ୍ରାନ୍ତଙ୍କ ପଂଚାୟତକୁ କଂଟେନମେଂଟ ଜୋନ ଘୋଷଣା କରି ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିବିଶେଷଙ୍କୁ ଠାବ କରିବା, ବ୍ୟାପକ ସ୍ୱାବ ପରୀକ୍ଷା କରିବା, ସଂପୃକ୍ତ ଅଂଚଳକୁ ସେନିଟାଇଜ କରିବା ପରି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା । ପ୍ରଥମେ ଯେତେବେଳେ ସ୍ୱତନ୍ତ୍ର ଟ୍ରେନ ଯୋଗେ ପ୍ରବାସୀ ଓଡ଼ିଆଙ୍କ ଆସିବା ଆରମ୍ଭ ହେଲା, ପ୍ରଶାସନ ପକ୍ଷରୁ ଷ୍ଟେସନ ଅଂଚଳରେ କର୍ଫ୍ୟୁ ଜାରୀ କରିବା ସହ ସମସ୍ତ ପ୍ରବାସୀଙ୍କୁ ସତର୍କତାର ସହ ବିଭିନ୍ନ ସଂଗରୋଧ କେନ୍ଦ୍ରକୁ ନିଆଯାଉଥିଲା ଓ ବାହାର ଜିଲ୍ଲାର ପ୍ରବାସୀଙ୍କୁ ନିର୍ଦ୍ଦିଷ୍ଟ କେନ୍ଦ୍ରରେ ରଖି ଅନ୍ୟତ୍ର ପଠାଯାଉଥିଲା । କିନ୍ତୁ ଏବେ ଆଉ ସେପରି ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳୁନି । କୋଭିଡ ପରିଚାଳନାକୁ ପ୍ରଶାସନ ହାଲୁକା ଭାବେ ନେଉଥିବା ସାଧାରଣରେ ଅଭିଯୋଗ ହେଉଛି । କାରଣ ସେପରି କୌଣସି ଲକ୍ଷଣ ନଥିଲେ ପ୍ରବାସୀଙ୍କ ସ୍ୱାବ ପରୀକ୍ଷା କରାଯାଉ ନାହିଁ । ବିଭିନ୍ନ ସଂଗରୋଧ କେନ୍ଦ୍ରରେ ଯେପରି କଠୋର ନିୟମ ପାଳନ କରାଯିବା କଥା କରାଯାଉ ନାହିଁ । ସ୍ୱାବ୍ ରିପୋର୍ଟ ଆସିବା ପୂର୍ବରୁ ପ୍ରବାସୀଙ୍କୁ ଘରକୁ ବିଦା କରି ଦିଆଯାଉଛି । ବାହାର ଜିଲ୍ଲାର ପ୍ରବାସୀ ବଜାରରେ ବୁଲିଲା ବେଳେ, ସେମାନଙ୍କ ଉପରେ ପ୍ରଶାସନର କୌଣସି ନିୟନ୍ତ୍ରଣ ରହୁ ନାହିଁ । ସର୍ବୋପରି ସରକାରୀ ନିୟମ ମାନୁନଥିବା ଅମାନିଆଙ୍କ ଉପରେ ମଧ ସେପରି କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ । ମୋଟାମୋଟି ଭାବେ ପ୍ରଶାସନର କୋଭିଡ ପରିଚାଳନା ଶୈଳୀକୁ ନେଇ ଜିଲ୍ଲାର ସଚେତନ ନାଗରିକଙ୍କ ମଧ୍ୟରେ କ୍ରମେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ପ୍ରଶାସନର ଏପରି କାର୍ଯ୍ୟଶୈଳୀ ଗୋଷ୍ଠି ସଂକ୍ରମଣକୁ ଜନ୍ମଦେବ ବୋଲି ଜିଲ୍ଲାର ବହୁ ବରିଷ୍ଠ ନାଗରିକ ଆଶଙ୍କାବ୍ୟକ୍ତ କରିଛନ୍ତି ।

# କ୍ଷେତ ମୂଲିଆ ଓ କୃଷକ ସଭା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭଦ୍ରକ,୮/୬ (ହି.ସ.)- ଓଡ଼ିଶା କ୍ଷେତ ମୂଲିଆ ୟୁନିୟନ ଓ କୃଷକ ସଭା ପକ୍ଷରୁ ଜିଲା କୃଷକ ନେତା ଚନ୍ଦ୍ରଶେଖର ନାୟକଙ୍କ ନେତୃତ୍ୱରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ମହାତ୍ମାଗାନ୍ଧି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ମୂଲିଆଙ୍କୁ ବର୍ଷକୁ ୩ ଶହ ଦିନ କାମ ଓ ଦିନକୁ ୩ ଶହ ଟଙ୍କା ମଜୁରୀ, ସମସ୍ତ ରାସନ୍ କାର୍ଡ ନଥିବା ଲୋକଙ୍କୁ ମାସକୁ ମାଗଣାରେ ୧୦ କିଗ୍ରା ଚାଉଳ ଓ ୭ ହଜାର ୫ ଶହ ଟଙ୍କା ପ୍ରଦାନ, କୃଷି ଋଣ ଛାଡ, ମଣ୍ଡି ଜରିଆରେ ଚାଷୀଙ୍କ ଠାରୁ ଧାନ ସରକାରୀ ସହାୟତା ମୂଲ୍ୟରେ କ୍ରୟ କରିବା, ସହରାଳରେ ମହାତ୍ମାଗାନ୍ଧି ରୋଜଗାର ଯୋଜନା କାର୍ଯ୍ୟକାରୀ କରି ବେକାର ଯୁବକ ଯୁବତୀଙ୍କୁ କାମ ଦେବା ଭଳି ଦାବିରେ ଶ୍ରୀ ନାୟକଙ୍କ ନେତୃତ୍ୱରେ ନିରଂଜନ ପାଣି, ଅଭିରାମ ବଳ, ରାଧାଶ୍ୟାମ ନାୟକ, ମୋହନ ବାରିକ, ରାଧା ଦାସ, ସେକ୍ କମର, ଅବଦୁଲ ରୌପ୍, ଶରତ ମାଝୀ, ସେକ୍ ବସୁ ପ୍ରମୁଖ ଏକ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପରୋକ୍ତ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ବିକ୍ଷୋଭ ଜନିତ ପ୍ରତିବାଦ ସଭାରେ ଶ୍ରମିକ ନେତା ଦର୍ବ୍ୟସିଂହ ନାୟକ, ନିରଂଜନ ପାଣି ଓ ଚନ୍ଦ୍ରଶେଖର ନାୟକ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାର କରୋନାରେ କ୍ଷତିଗ୍ରସ୍ତ ମୂଲିଆ ଓ ଚାଷୀଙ୍କୁ ଅବହେଳା କରୁଥିବାରୁ ଚାଷୀ ଓ ମୂଲିଆ ମାନେ ମୁଣ୍ଡରେ ହାତଦେଇ ବସିଛନ୍ତି ବୋଲି କହିବା ସହ ୨୦ ଲକ୍ଷ କୋଟି ଟଙ୍କା ବଜେଟ୍ ଆଗତ ହୋଇଥିଲେ ହେଁ ମୂଲିଆ ଓ ଚାଷୀଙ୍କୁ ଅବହେଳା କରାଯାଇଥିବାରୁ କ୍ଷୋଭ ପ୍ରକାଶ କରିଥିଲେ ।

### ସାହୁକାରଙ୍କ ଶୋଷଣର ଶୀକାର

# ଶାଳ ମଞ୍ଜି ସଂଗ୍ରହକାରୀଙ୍କୁ ଉପଯୁକ୍ତ ପାରିଶ୍ରମିକ ମିଳୁନି

କନ୍ଧମାଳ,୮/୬ (ନି.ପ୍ର): ଏବେ ଶାଳ ମଞ୍ଜି ସଂଗ୍ରହ ଋତୁ । ପିଲାଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତେ ଏବେ ଜିଲାର ଗାଁ ଗାଁରେ ଶାଳ ମଞ୍ଜି ସଂଗ୍ରହ କରିବାରେ ବ୍ୟସ୍ତ । କନ୍ଧମାଳ ଜିଲ୍ଲାରେ ମୋଟ ଜଙ୍ଗଲ ପରିମାଣର ଶତକଡା ୭୦ ପ୍ରତିଶତ କେବଳ ଶାଳ ଜଙ୍ଗଲ ରହିଛି । ଫଳରେ ଖରାଦିନ ଆସିଲେ ଶାଳ ଗଛରେ ଶାଳ ମଞ୍ଜି ଆସିଥାଏ । ଶାଳ ଗଛର ମଞ୍ଜି ଗୁଡିକ ଶୁଖିବା ପରେ ପବନରେ ଆପେ ଆପେ ଝଡି ତଳେ ପଡିଯାଏ । ସେଗୁଡିକୁ ଜିଲ୍ଲାର ଆଦିବାସୀ ପୁରୁଷ ମହିଳା ମାନେ ସଂଗ୍ରହ କରିଥାନ୍ତି । ସେହିପରି ଖରାଦିନେ ସ୍କୁଲ ଛୁଟି ହୋଇଥିବାରୁ ସ୍କୁଲ ପିଲାମାନେ ମଧ ଶାଳ ମଞ୍ଜି ସଂଗ୍ରହ କରିବାରେ ଲାଗିଥାନ୍ତି । କନ୍ଧମାଳ ଜିଲ୍ଲାରୁ ହଜାର ହଜାର ମେଟ୍ରିକ ଟନ୍ ଶାଳ ମଞ୍ଜି ସଂଗୃହୀତ ହୋଇଥାଏ । ପ୍ରତିବର୍ଷ ଆଦିବାସୀ ଲୋକମାନେ ଏହି ଶାଳ ମଞ୍ଜି ସଂଗ୍ରହ କରିବା ପରେ ବିକ୍ରି କରି ବେଶ୍ ଦୁଇପଇସା ରୋଜଗାର କରିଥାନ୍ତି । ତେବେ, ଚଳିତବର୍ଷ କରୋନା ସଂକ୍ରମଣ ଯୋଗୁଁ ଏଯାଏଁ ଲକଡାଉନ୍ ଜାରୀ ରହିଛି । ଗାଡିମଟର ସ୍ୱାଭାବିକ ଭାବେ ଚାଲିନି ଏଯାଏଁ । ଫଳରେ ସାହୁକାର ମାନେ ବାହାରୁ ଆସି ଶାଳ ମଞ୍ଜି କିଣି ନେଇପାରୁନାହାଁନ୍ତି । କେବଳ ସ୍ଥାନୀୟ ସାହୁକାର ମାନେ ହିଁ ଏବେ କିଣୁଛନ୍ତି ଶାଳ ମଞ୍ଜି । ଚଳିତବର୍ଷ ଶାଳ ମଞ୍ଜି ଦର ବହୁତ କମ୍ ଅଛି । ମାତ୍ର କିଲୋ ପିଛା କିଏ ୨୦ ଟଙ୍କା ତ କିଏ ୨୫ ଟଙ୍କାରେ ବିକ୍ରି କରିବାକୁ ବାଧ ହେଉଛନ୍ତି । ଶାଳ ମଞ୍ଜିରୁ ସାବୁନ ଓ ତେଲ ଆଦି ହୋଇଥାଏ । ଶାଳ ମଞ୍ଜି ଗୁଡିକ ପ୍ରଥମେ ଗୋଟାଇବା ପରେ ଶୁଖାଇ ତାର ପର ବାହାର କରି ବିକ୍ରି କରାଯାଇଥାଏ । ହେଲେ ଉପଯୁକ୍ତ ମୂଲ୍ୟ ମିଳୁନି ଆଦିବାସୀଙ୍କୁ । ଚଳିତବର୍ଷ କରୋନା ସଂକ୍ରମଣ ଯୋଗୁଁ ଗତ ୨ ମାସରୁ ଉର୍ଦ୍ଧ୍ୱ ହେଲା ଲକଡାଉନରେ ଅଛନ୍ତି ଲୋକେ । କାମଧନ୍ଦା ନାହିଁ, ରୋଜଗାର ବି ଏତେ ନାହିଁ । ଫଳରେ ଏହି ମଞ୍ଜି ସଂଗ୍ରହ କରି ବିକ୍ରି କଲେ ଦିପଇସା ଲାଭ ମିଳିବ ବୋଲି ଭାବିଥିଲେ ସଂଗ୍ରହକାରୀ ହେଲେ ଦର ବହୁତ କମ୍ ଥିବାରୁ ସେମାନେ ବାଧହୋଇ ବିକ୍ରି କରୁଛନ୍ତି । ଜିଲ୍ଲାର ବିଭିନ୍ନ ଅଂଚଳର ରାସ୍ତା ଉପରେ ହିଁ ଆଦିବାସୀ ମହିଳା ପୁରୁଷ ମାନେ ଶାଳ ମଞ୍ଜି ସଂଗ୍ରହ କରି ଶୁଖାଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ସେ ଯାହା ହେଲେ ବି ଏହି ଶାଳ ମଞ୍ଜି ନିଶ୍ଚିତ ଭାବେ ଜିଲ୍ଲାର ଆଦିବାସୀ ଲୋକମାନଙ୍କୁ କିଛିଟା ରୋଜଗାର ଯୋଗାଇବ ବୋଲି ଆଶା କରାଯାଉଛି । ତେବେ, ଜଙ୍ଗଲ ବିଭାଗ ଶାଳ ମଞ୍ଜିର ଦର ନିର୍ଦ୍ଧାରଣ କଲେ ସେମାନେ କିଛିଟା ଉପକୃତ ହୋଇପାରନ୍ତେ ବୋଲି ମତପ୍ରକାଶ ପାଉଛି ।

# କନ୍ଧମାଳକୁ ୬୨୯୫ ପ୍ରବାସୀ ଓଡିଆ ଫେରିଛନ୍ତି ୨୫ କରୋନା ପଜିଟିଭ୍, ସୁସ୍ଥ ହେଲେଣି ୨୨ ଜଣ

କନ୍ଧମାଳ,୮/୬ (ନି.ପ୍ର): ବର୍ତ୍ତମାନ ସୁଦ୍ଧା କନ୍ଧମାଳ ଜିଲ୍ଲାକୁ ବିଭିନ୍ନ ରାଜ୍ୟରେ ଥିବା ୬,୨୯୫ ଜଣ ପ୍ରବାସୀ ଓଡିଆ ଫେରିଥିବା ନେଇ ପ୍ରଶାସନ ସୂଚନା ଦେଇଛି । ଏମାନଙ୍କ ମଧ୍ୟରୁ ଏଯାଏଁ ୨୨୧୧ ଜଣ କ୍ୱାରେଂଟାଇନ ପିରିୟଡ ସାରି ନିଜ ନିଜ ଘରକୁ ଫେରିଛନ୍ତି । ବଳକା ୪୦୮୪ ଜଣ ପ୍ରବାସୀ ଓଡିଆଙ୍କୁ ଜିଲ୍ଲାରେ ଥିବା ୯୪ଟି ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି । ଜିଲ୍ଲାକୁ କେରଳରୁ ୨୫୦୩ ଜଣ ଫେରିଥିବା ବେଳେ ସୁରାଟରୁ ୪୧୩, ଝାଡଖଣ୍ଡରୁ ୧୩, ମହାରାଷ୍ଟ୍ରରୁ ୧୯୩, ଆନ୍ଧ୍ରପ୍ରଦେଶରୁ ୩୭୭ ଜଣ, ତେଲେଙ୍ଗାନାରୁ ୪୪୧, ତାମିଲନାଡୁରୁ ୧୫୬୯ ଜଣ, କୋଲକତାରୁ ୪୮ ଜଣ, କର୍ଣ୍ଣାଟକରୁ ୩୧୯, ମଧ୍ୟପ୍ରଦେଶରୁ ୮୦ଜଣ, ଉତରାଖଣ୍ଡରୁ ୧୫ ଜଣ, ଛତିଶଗଡରୁ ୧୫, ଉତରପ୍ରଦେଶରୁ ୧୮, ବିହାରରୁ ୫୧, ଦିଲ୍ଲୀରୁ ୨୮, ଗୋଆରୁ ୭୯ ଜଣ, ହରିଆଣାରୁ ୬, ରାଜସ୍ଥାନରୁ ୨୫, ଜାମୁ-କାଶ୍ମିରରୁ ୨ ଜଣ, ଡାମନଡିଉରୁ ଜଣେ, ପଣ୍ଡିଚେରୀରୁ ୧୪ ଓ ଆସାମରୁ ୪ ଜଣ ତ୍ରିପୁରାରୁ ଜଣେ କନ୍ଧମାଳ ଜିଲ୍ଲାକୁ ଫେରିଥିବା ପ୍ରଶାସନ ତରଫରୁ ଜଣାପଡିଛି । ତେବେ ସେଥିରୁ ଜିଲାର ବିଭିନ୍ନ କ୍ୱାରେଣ୍ଟାଇନରେ ଥିବା ୨୫ ଜଣ କରୋନା ପଜିଟିଭ୍ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରୁ କିଛି ଦିନର ଚିକିତ୍ସା ପରେ ୨୨ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ଆଉ ୩ ଜଣ ଚିକିତ୍ସିତ ହେଉଥିବା ଜଣାପଡିଛି ।

## ଯାଜପୁର ଜିଲ୍ଲାରେ ସୁସ୍ଥ ହେଲେ ୧୧ କରୋନା ପଜିଟିଭ୍

ଯାଜପୁର,୮/୬ (ନି.ପ୍ର): ଯାଜପୁର ଜିଲ୍ଲାରେ ଆଜି ୧୧ ଜଣ କରୋନା ପଜିଟିଭ୍ ସୁସ୍ଥ ହୋଇଛନ୍ତି । ଏହାକୁ ମିଶାଇ ଜିଲ୍ଲାରେ ମୋଟ୍ କରୋନା ପଜିଟିଭ୍ ସୁସ୍ଥ ସଂଖ୍ୟା ୨୫୩ରେ ପହଂଚିଛି । ଆଜି ସୁସ୍ଥ ହୋଇଥିବା ୧୧ ଜଣଙ୍କ ମଧ୍ୟରୁ ଦଶରଥପୁର ବ୍ଲକର ୮ ଜଣ, ବଡ଼ଚଣାର ଦୁଇ ଜଣ ଏବଂ ବରୀ ବ୍ଲକର ଜଣେ ରହିଛନ୍ତି ।

### ଗଞ୍ଜାମ ଜିଲ୍ଲାରେ କରୋନା ସ୍ଥିତି ଉଦ୍‌ବେଗଜନ

# ଜିଲ୍ଲା ପ୍ରଶାସନ ଓ ଜନସାଧାରଣ ସତର୍କ ରହିବାକୁ ଜିଲ୍ଲାପାଳଙ୍କ ପରାମର୍ଶ

ଗଞ୍ଜାମ,୮/୬ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ କରୋନା ସ୍ଥିତି ଉଦବେଗଜନ ରହିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଗୋଷ୍ଠୀ ସଂକ୍ରମଣ ହୋଇନଥିବା କୁହାଯାଉଥିବା ବେଳେ ବ୍ରହ୍ମପୁର ଜେଲ୍ ମଧ୍ୟରେ ଦୁଇ ଜଣ ବନ୍ଦୀଙ୍କ ନମୂନା ରିପୋର୍ଟ ପଜିଟିଭ୍ ଆସିଛି । ଜିଲ୍ଲାରେ ଏବେ ସଂକ୍ରମଣ ଆରମ୍ଭ ହୋଇଯାଇଛି । ବର୍ତ୍ତମାନ ଠାରୁ ଜିଲ୍ଲା ପ୍ରଶାସନ ଓ ଜନସାଧାରଣ ସତର୍କ ନହେଲେ ଆଗକୁ ସ୍ଥିତି ଅସମ୍ଭାଳ ଓ ସାଙ୍ଘାତିକ ହେବ ବୋଲି ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ କହିଛନ୍ତି । ଆଜି ଓ ଗତକାଲି ଦୁଇ ଦିନ ମଧ୍ୟରେ ଜିଲ୍ଲାରେ ୬୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଗ୍ରୀନ୍ ଜୋନ୍ ଥିବା ଗଞ୍ଜାମ ଜିଲ୍ଲାକୁ ବହୁ ସଂଖ୍ୟାରେ ପ୍ରବାସୀ ଫେରିବା ପରେ ଏହା ରେଡ୍ ଜୋନ୍ କୁ ଆସିଥିଲା । ତେବେ ଜିଲ୍ଲାରେ କରୋନା ସ୍ଥିତି କ୍ରମଶଃ ଅଣାୟତ ହେବାରେ ଲାଗିଛି । ଗତକାଲି ବ୍ରହ୍ମପୁର ଜେଲ୍ ରେ ଦୁଇ ଜଣ ବନ୍ଦୀ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସମସ୍ତଙ୍କ ମନରେ ଭୟ ସୃଷ୍ଟି ହୋଇଛି । ଏମକେସିଜି ମେଡ଼ିକାଲ କଲେଜ ହସ୍ପିଟାଲର କର୍ମଚାରୀ ମଧ କ୍ୱାରେଂଟାଇନରେ ରହିଥିବା କଲେଜ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ମିଶ୍ର କହିଛନ୍ତି । ସେହିପରି ସମସ୍ତ ସ୍ଥାନୀୟ ପଜିଟିଭ୍ ମାନେ ବିଭିନ୍ନ ରାଜ୍ୟରୁ ଫେରୁଥିବା ପ୍ରବାସୀଙ୍କ ସଂସ୍ପର୍ଶରେ ଆସିଥିବାରୁ ଏମାନଙ୍କର ପଜିଟିଭ୍ ବାହାରିଥିବା ନେଇ ଜିଲ୍ଲାପାଳ ଟ୍ୱିଟ୍ କରି ସୂଚନା ଦେଇଛନ୍ତି । ହେଲେ ଏପର୍ଯ୍ୟନ୍ତ ଜିଲ୍ଲାରେ କୌଣସି ଗୋଷ୍ଠୀ ସଂକ୍ରମଣ ନାହିଁ ବୋଲି ସେ କହିଛନ୍ତି । ବହୁ ସଂଖ୍ୟାରେ ପ୍ରବାସୀ ଫେରୁଛନ୍ତି ଏବଂ ସେମାନେ ହୋମ୍ କ୍ୱାରେଂଟାଇନରେ ରହୁଛନ୍ତି । ତେଣୁ ସମସ୍ତଙ୍କୁ ସାମାଜିକ ଦୂରତା ରକ୍ଷା କରିବାକୁ ହେବ । ଯଦି ଲକ୍ଷଣ ରହୁଛି, ତେବେ ଏହାକୁ ଲୁଚାନ୍ତୁ ନାହିଁ ବୋଲି ଜିଲ୍ଲାପାଳ କହିଛନ୍ତି । ଗତକାଲି ସୁସ୍ଥ ହୋଇଥିବା ୮ ଜଣ ଘରକୁ ଫେରିଛନ୍ତି । ଇତିମଧ୍ୟରେ ଜିଲ୍ଲାରେ ୩୯୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ଜିଲ୍ଲା ପ୍ରଶାସନ ସୂତ୍ରରୁ ପ୍ରକାଶ ।

# ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଂଗୀତର ମାନ୍ୟତା : ଜିଲାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ଭଦ୍ରକ, ୮/୬ (ହି.ସ.)- ସଂଗ୍ରାମୀ ଭୂମି ଅବିଭକ୍ତ ବାଲେଶ୍ୱର ଜିଲାର ସାରସ୍ୱତ ସାଧକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ବନ୍ଦେ ଉତ୍କଳ ଜନନୀ' ସଂଗୀତକୁ ରାଜ୍ୟ ସଂଗୀତର ମାନ୍ୟତା ମିଳିଥିବାରୁ ଆଜି ଭଦ୍ରକ ଜିଲାର କୋଣଅନୁକୋଣରେ ଥିବା ବହୁ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଜସ୍ର କୃତଜ୍ଞତା ଜ୍ଞାପନ କରାଯାଇଛି । ଏଠାରେ ସୂଚନାଯୋଗ୍ୟ ୧୯୧୨ ମସିହାରେ ବାଲେଶ୍ୱରରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ କାନ୍ତକବିଙ୍କର ଏହି କାଳଜୟୀ ସଂଗୀତ 'ବନ୍ଦେ ଉତ୍କଳ ଜନନୀ'କୁ ଗାନ କରାଯାଇଥିଲା । ଏବଂ ଉତ୍କଳ ସମ୍ମିଳନୀ ପକ୍ଷରୁ ଏଯାବତ ଉକ୍ତ ସଂଗୀତକୁ ରାଜ୍ୟ ସଂଗୀତର ମାନ୍ୟତା ପାଇଁ ଦାବି ହୋଇଆସୁଥିଲା । ଏପରିକି ମୁଖ୍ୟମନ୍ତ୍ରୀଙ୍କୁ ଏ ସଂପର୍କରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ବହୁବାର ସ୍ମାରକପତ୍ର ପ୍ରଦାନ ସହ ଅନୁରୋଧ କରାଯାଇଆସୁଥିଲା । ତେବେ ଯାହା ହେଉନା କାହିଁକି ଆଜି ବହୁ ତର୍କ ବିତର୍କର ଅନ୍ତ ଘଟିଛି । ରାଜ୍ୟ ସରକାର ଏହି କାଳଜୟୀ ସଂଗୀତକୁ ରାଜ୍ୟ ସଂଗୀତର ମାନ୍ୟତା ଦେଇଛନ୍ତି । ମାତ୍ର ଏହି ଜାତିର ଉତର ଦାୟାଦଙ୍କୁ ଏହି ଗୀତର ମହତ୍ୱ ବୁଝିବାକୁ ଦୀର୍ଘ ୧୦୮ ବର୍ଷ ଲାଗିଗଲା ବୋଲି ବହୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଏଠାରେ ସୂଚନାଯୋଗ୍ୟ କବିଙ୍କର ଜନ୍ମ ୧୮୮୮ ମସିହା ଡିସେମ୍ବର ୯ତାରିଖ ମାର୍ଗଶୀର ମାସ ମାଣବସା ଗୁରୁବାର ଦିନ ଭଦ୍ରକର ଅନ୍ୟତମ ପୁରାତନ ଓକିଲ ଭାଗବତ ପ୍ରସାଦ ମହାପାତ୍ର ଏବଂ ମାତା ରାଧାମଣି ଦେବୀଙ୍କ ଗର୍ଭରୁ ଭୂମିଷ୍ଠ ହୋଇ ସେ ଭଦ୍ରକ ଜିଲାର ଅନାମଧେୟ ଗ୍ରାମ ତାଳପଦାର ନାମ ଉଜ୍ଜ୍ୱଳ କରିଥିଲେ । ତାଙ୍କର ଲେଖନୀ ସାହିତ୍ୟର ସମସ୍ତ ଦିଗକୁ ସ୍ପର୍ଶ କରିଛି । ତାଙ୍କ ଜୀବନ ଅରଣ୍ୟ ଏକାଧାରରେ କବିତା, ସଂଗୀତ, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ଓ ଶିଶୁ ସାହିତ୍ୟଭଳି ଫଳ-ପୁଷ୍ପରେ ଭରପୂର ଥିଲା । ୧୯୨୧ ମସିହାରେ ନିଜର କୁଳଦେବତା ଗୋପୀନାଥଙ୍କ ନାମାନୁସାରେ ସେ "ଗୋପୀନାଥ ସଂଗୀତ ସମାଜ" ଗଢ଼ି ଶରଦ୍ରାସ, ବସନ୍ତବିଳାସ, ବ୍ରଜବର୍ଜନ ଭଳି ସଂଗୀତ ଭକ୍ତିଭାବର ନାଟକ ନାଟିକା ରଚନା କରିବା ସହ କର୍ମ କଳାପାହାଡ଼, ଲକ୍ଷ୍ମୀଚଣ୍ଡାଲୁଣୀ, ଚନ୍ଦ୍ରହାସଭଳି ପୌରାଣିକ ଓ ଐତିହାସିକ ନାଟକ ମଧ ଲେଖିଛନ୍ତି । ତାଙ୍କ ରଚିତ ଉଦ୍‌ବୋଧନୀ ସଂଗୀତ "ବନ୍ଦେ ଉତ୍କଳ ଜନନୀ" ଆଜି ଏକ ଜନପ୍ରିୟ ସଂଗୀତ ଭାବେ ସର୍ବଜନ ବିଦିତ । ବ୍ୟାସକବି ଫକୀରମୋହନଙ୍କ ପରେ କାନ୍ତକବି ପ ।ମୃତ, ହନୁମନ୍ତ ବସ୍ତ୍ରହରଣ, ଅର୍ପିମଲୀଳା ଭଳି ବହୁ ବ୍ୟଙ୍ଗ ନାଟକ, ଲାଳିକା ଓ ଚଟକ ଚନ୍ଦ୍ରହାସ ଚମ୍ପୁ, ପଣ୍ଡିତଙ୍କ ପ୍ରେମଭଳି ବହୁ ହାସ୍ୟ ଗଳ୍ପ, ବୁଢ଼ାଶଙ୍ଖାରି ଭଳି ମାର୍ମିକ ଗଳ୍ପ, ଚିଡ଼ିଆଖାନା, ପିଲାଙ୍କ କଥା, ପାଠମାଳା ଆଦି ଶିଶୁସାହିତ୍ୟ, କଣାମାମୁଁ ଭଳି ଏକମାତ୍ର ଦୁର୍ଲଭ ଉପନ୍ୟାସ ବ୍ୟତୀତ ଚିନ୍ତା ଚେତନା ଓ ନିର୍ଭୀକ ସାହିତ୍ୟ ପତ୍ରିକା 'ଡଗର' ମାଧମରେ ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାର ଦୂର କରି ନାରୀ ଜାଗରଣ, କୃଷି ଓ କୁଟୀରଶିଳ୍ପର ବିକାଶଭଳି ସମାଜର ଅର୍ଥନୈତିକ ଅଭିବୃଦ୍ଧି ଦିଗରେ ପ୍ରୟାସ କରିଥିଲେ । ତାଙ୍କର ମହନୀୟ କବିତା ଗ୍ରନ୍ଥ 'ଜୀବନ ସଂଗୀତ' ତାଙ୍କ କବି ଜୀବନର ଏକ ମନୋଜ୍ଞ ଆଲେଖ୍ୟ । ସେ ଯେଭଳି ଲେଖନୀ ଚାଳନା କରୁଥିଲେ ସେମିତି ସୁନ୍ଦର ଅଭିନୟ ଓ ସୁରସାଧନା ମଧ କରୁଥିଲେ । ଏଠାରେ ସ୍ମରଣଯୋଗ୍ୟ ଯେ, ରାଜ୍ୟର ଜନାଦୃତ 'ବନ୍ଦେ ଉତ୍କଳ ଜନନୀ' ଭଳି ଜାତୀୟ ସଙ୍ଗୀତରୁ ଆରମ୍ଭ କରି 'ବୁଢ଼ାଶଙ୍ଖାରି' ପୁଣି 'କଣାମାମୁଁ' ରୁ 'ଜୀବନ ସଙ୍ଗୀତ', ପିଲାଙ୍କ 'ଚିଡ଼ିଆଖାନା' ଭଳି ଓଡ଼ିଆ ସାହିତ୍ୟରେ ଚହଳ ସୃଷ୍ଟିକାରୀ ଲେଖାର ସ୍ରଷ୍ଟା ଭଦ୍ରକ ଜିଲାର ତିହିଡ଼ି ବ୍ଲକର ତାଳପଦା ମାଟିର କୃତୀ ସନ୍ତାନ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର କେବଳ ଯେ, କବିତା ରଚନା କ୍ଷେତ୍ରରେ ନିଜକୁ ସୀମିତ ରଖିନଥିଲେ । ବରଂ, ସଙ୍ଗୀତ, ବ୍ୟଙ୍ଗ, ଗଳ୍ପ ରମ୍ୟରଚନା, ଉପନ୍ୟାସ ଓ ଶିଶୁ ସାହିତ୍ୟ ଆଦି କ୍ଷେତ୍ରରେ କଲମ ଚାଳନା କରି ଅନେକ ଯଶ ଓ ଖ୍ୟାତିର ଅଧିକାରୀ ମଧ ହୋଇପାରିଛନ୍ତି । ତେବେ ଏଭଳି ଜଣେ ଯୋଗଜନ୍ମାଙ୍କ ସମ୍ମାନ ଓ ସ୍ୱାଭିମାନଙ୍କୁ ଆଜି ସଠିକ୍ ଭାବେ ମୂଲ୍ୟାୟନ କରାଯାଇନାହିଁ ।

## ଦେହକୁ ହିତ ଫିଟିକିରି

ବିଭିନ୍ନ କାମରେ ଲାଗୁଥିବା ଦ୍ରବ୍ୟଗୁଡିକ ମଧ୍ୟରୁ ଫିଟିକିରି ଅନ୍ୟତମ । ପ୍ରାୟ ସମସ୍ତଙ୍କ ଘରେ ଏହା ଥାଏ । ନଥିଲେ ବଜାରରୁ ସହଜରେ ଅଣାଯାଇ ପାରିବ । ଏକଥା କାହାକୁ କହିବାକୁ ପଡିବ ନାହିଁ ଯେ ଏହା, ଦୁଷିତ ପାଣିକୁ ସଫା କରିଦେଇପାରେ । ଫିଟ୍‌କିରିର ଅନେକ ଗୁଣ ମଧ୍ୟରୁ ଏହା ଗୋଟିଏ । ହେଲେ ବହୁ ଲୋକ ଏହାର ଅନ୍ୟ ଗୁଣଗୁଡିକ ସମ୍ପର୍କରେ ଜାଣନ୍ତି ନାହିଁ । ଏହାର ବୈଜ୍ଞାନିକ ନାମ ପୋଟାସିଅମ ଆଲୁମିନିୟମ ସଲ୍‌ଫେଟ୍ । ଆସନ୍ତୁ ଫିଟ୍‌କିରିର ଅନ୍ୟ ଗୁଣଗୁଡିକ ସମ୍ପର୍କରେ ଜାଣିବା ।



୧. ମୁହଁରେ କଳା ବା ଅନ୍ୟ ଦାଗ ଥିଲେ ପ୍ରଥମେ ଥଣ୍ଡା ଓ ପରିଷ୍କାର ପାଣିରେ ମୁହଁ ସଫା କରନ୍ତୁ ଏବଂ ଫିଟିକିରିକୁ ଭିଜାଇ ଧୀରେଧୀରେ ମୁହଁରେ ମାଲିସ୍ କରନ୍ତୁ । ଅଳ୍ପଦିନ ପରେ ଦାଗ ଦୂର ହେବ ।

୨. ଦାନ୍ତରେ ଦରଜ ଥିଲେ ଫିଟିକିରିକୁ ପାଉଡର ପରି ଗୁଣ୍ଡ କରନ୍ତୁ ଏବଂ ଦରଜଥିବା ସ୍ଥାନରେ ଲଗାନ୍ତୁ । କିଛି ସମୟ ପରେ ଦରଜ କମିଯିବ ।

୩. ପ୍ରତିଦିନ ଫିଟିକିରି ମିଶା ପାଣିରେ ସ୍ନାନ କରନ୍ତୁ । ଏହା କୀଟାଣୁ ଓ ବ୍ୟାକ୍ଟେରିଆରୁ ରକ୍ଷା କରିବ । ଖରାଦିନରେ ଦେହରୁ ଝାଳ ବାହାରିବା ଏକ ସ୍ୱାଭାବିକ ପ୍ରକ୍ରିୟା । ଝାଳରେ ଥିବା ବ୍ୟାକ୍ଟେରିଆ ଯୋଗୁଁ ଦୁର୍ଗନ୍ଧ ସୃଷ୍ଟି ହୁଏ । ଏଥିରୁ ମଧ୍ୟ ରକ୍ଷା ମିଳିବ ।

୪. ବୟସ ବଢିଲେ ମୁହଁର ତ୍ୱଚା ଧୀରେଧୀରେ ଢିଲା ହେବାକୁ ଆରମ୍ଭ କରେ । ଫିଟିକିରି ପାଣିରେ ଗୋଲାପ ଜଳ ମିଶାଇ ମୁହଁରେ ନିୟମିତ ଲଗାନ୍ତୁ । ଏହି ପ୍ରକ୍ରିୟା ବିଳମ୍ବିତ ହେବ ।

୫. ଆଘାତଜନିତ କାରଣରୁ ଗୋଡ ବା ହାତ କଟି ରକ୍ତ ଝରୁଥିଲେ ଫିଟିକିରି ଲଗାନ୍ତୁ । ଅଳ୍ପ ସମୟ ପରେ ବନ୍ଦ ହୋଇଯିବ । ତେବେ ରକ୍ତ ବେଶୀ ଝରୁଥିଲେ ବା ଜୋରରେ ବାହାରୁଥିଲେ ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

## ସୁନାର ପର୍ବତ



ଉତ୍ତର ପ୍ରଦେଶର ସୋନଭଦ୍ର ଏକ ନକ୍ସଲପ୍ରବଣ ଜିଲ୍ଲା ଭାବେ ଜଣାଶୁଣା । ଏବେ ଆଉ ଏକ କାରଣ ପାଇଁ ଜିଲ୍ଲାଟି ସାରା ଦେଶରେ ଚର୍ଚ୍ଚା ପରିସରକୁ ଆସିଛି ଚର୍ଚ୍ଚା ପଛରେ ରହିଛି ଏହି ଜିଲ୍ଲାର ଦୁଇଟି ଅଞ୍ଚଳରୁ ଠାବ ହୋଇଥିବା ପର୍ଯ୍ୟାପ୍ତ ପରିମାଣର ସୁନା । ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ଆକଳନ ଅନୁସାରେ ଏହି ଅଞ୍ଚଳରେ ପ୍ରାୟ ତିନି ହଜାର ଟନ୍ ଓଜନର ସୁନା ଗଚ୍ଛିତ ଅଛି । ସୋନପାହାଡି ନାମକ ଏକ ଛୋଟିଆ ପର୍ବତରେ ୨,୯୪୪ ଟନ୍ ଏବଂ ହାର୍ଡିବ୍ଲକ୍‌ର ଗୋଟିଏ ସ୍ଥାନରେ ପ୍ରାୟ ୬୪୬ କିଲୋଗ୍ରାମ୍ ଓଜନର ସୁନା ପୋତି ହୋଇ ରହିଛି, ଯାହାର ଅନୁମାନିକ ମୂଲ୍ୟ ବାର ଲକ୍ଷ କୋଟି ଟଙ୍କା ହେବ । ଏବେ ଭାରତ ପାଖରେ ମୋଟ ୬୨୬ ଟନ୍ ଓଜନ ଏହା ଠାରୁ ପ୍ରାୟ ପାଞ୍ଚ ଗୁଣ ଅଧିକ । କେବଳ ସୁନା ନୁହେଁ, ୟୁରାନିୟମ୍, ଲୌହ, ପଟାସ୍, ସିଲିମାନାଇଟ୍ ଭଳି ମୂଲ୍ୟବାନ୍ ଖଣିଜ ପଦାର୍ଥ ମଧ୍ୟ ଏହି ପର୍ବତରେ ଥିବାର ସନ୍ଧାନ କରାଯାଇଛି । ଖୁବ୍ ଶୀଘ୍ର ସୁନା ପର୍ବତର ନିଲାମ ହେବ । ଉଲ୍ଲେଖନୀୟ, ସବୁଠାରୁ ଅଧିକ ସୁନା ଗଚ୍ଛିତ ଥିବା ରାଷ୍ଟ୍ର ତାଲିକାର ଶୀର୍ଷରେ ଏବେ ଯୁକ୍ତରାଷ୍ଟ୍ର ଆମେରିକା ଥିବାବେଳେ ଭାରତ ଦ୍ୱିତୀୟ ସ୍ଥାନକୁ ଉଠିବାର ଆଶା ସଂଚାର ହୋଇଛି ।

## ବିଦ୍ୟାଳୟ ଚଳାଇବା ପାଇଁ ଜୋତା ପଲିସ୍



ଅନେକ ମହାନ୍ ମଣିଷ ଜୀବନରେ ସେବାକୁ ସର୍ବାଧିକ ଗୁରୁତ୍ୱ ଦିଅନ୍ତି । ଜଣେ ନିଆରା ସ୍ୱେଚ୍ଛାସେବୀ ହେଉଛନ୍ତି, ତମିଲ ନାଡୁର ଏସ୍ ସେଲଭାକୁମାର । ସେ ଅନାଥ ପିଲାଙ୍କ ନିମନ୍ତେ 'ମଦର୍ ଟେରେସା ନର୍ସର ଆଣ୍ଡ ପ୍ରାଇମେରି ସ୍କୁଲ୍' ଚଳାଉଛନ୍ତି । ପିଲାଙ୍କ ଖାଦ୍ୟ-ପାନୀୟ, ବହି-ପତ୍ର ତଥା ରହଣି ବ୍ୟୟ ଆଦି ନିଜେ ବହନ କରୁଛନ୍ତି । ସେଲଭାଙ୍କ ସଂପର୍କରେ ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି, ସେ ଅନାଥ ପିଲାଙ୍କ ଯତ୍ନ ନିମନ୍ତେ ଦାନ, ଭିକ୍ଷା ଆଦି ଉପରେ ନିର୍ଭର କରୁନାହାନ୍ତି । ସେ ଜୋତା ପଲିସ୍‌ରୁ ମିଳୁଥିବା ଅର୍ଥରେ ବିଦ୍ୟାଳୟ ଚଳାଉଛନ୍ତି । ସେଲଭା ମୋଚି ନୁହନ୍ତି । ସେ ଚେନ୍ନଇର ଲୟଲା କଲେଜ୍‌ରୁ ସ୍ନାତକ ପରେ ମାଡ୍ରାସ୍ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର କରିଥିଲେ । ଏବେ ଏକ ଘରୋଇ କଲେଜ୍‌ରେ ଅଧ୍ୟପନା କରୁଛନ୍ତି । ତେବେ, କେବଳ ଦରମା ଟଙ୍କାରେ ସ୍କୁଲ୍ ଚଳାଇବା ଓ ଅନାଥ ପିଲାଙ୍କ ମୁହଁରେ ଦାନା ଦେବା ସମ୍ଭବ ନୁହେଁ । ତେଣୁ, ଅବସର ସମୟରେ ଜୋତା ପଲିସ୍ କରୁଛନ୍ତି । ଜୋତା କରୁଥିବା ବେଳେ ସେ ଏକ ବ୍ୟାନର୍ ଟାଙ୍ଗୁଛନ୍ତି । ବ୍ୟାନର୍‌ରେ ଲେଖାଅଛି- 'ମୋତେ କାମ କରିବାକୁ ସୁଯୋଗ ଦିଅନ୍ତୁ । କାମ ପାଇଁ ପାରିଶ୍ରମିକ ଦିଅନ୍ତୁ । ମୁଁ ଆପଣଙ୍କ ଜୋତା ପୋଛି ସଫାକରିଦେବି । ଆପଣ, ମୋର ପିଲାଙ୍କ ଆଖିରୁ ଲୁହ ପୋଛିବାରେ ସାହାଯ୍ୟ କରନ୍ତୁ ।' ସେଲଭାଙ୍କ ସେବା ମନୋବୃତ୍ତି ଦେଖି କେହି କେହି ଜୋତା ସଫା ବାବଦକୁ ବିପୁଳ ପାରିଶ୍ରମିକ ଦେଉଥିବାରୁ , ତାଙ୍କ ଶିକ୍ଷାନୁଷ୍ଠାନ ଚାଲିବାରେ କୌଣସି ଅସୁବିଧା ହେଉନାହିଁ ।

## ସ୍ୱାସ୍ଥ୍ୟ ମନ୍ତ୍ର

♦ ହଳଦୀ ଜୀବଣୁ ଓ କୀଟାଣୁ ବିରୋଧୀ । କ୍ଷତ ସ୍ଥାନରେ ହଳଦୀ ଲଗାଇଦିଅନ୍ତୁ । ଏହା ଦ୍ୱାରା ସଂକ୍ରମଣ ଆଶଙ୍କା ରହେ ନାହିଁ ଏବଂ ରକ୍ତସ୍ରାବ ବନ୍ଦ ହୁଏ ।

♦ ହଳଦୀ ଓ ହିଙ୍ଗୁ ପାଣିରେ ବଟୁରାଇ ଦାନ୍ତ ବିନ୍ଧୁଥିବା ସ୍ଥାନରେ ଲଗାଇ ରଖନ୍ତୁ ।

-ବାୟୁଦୋଷ ଦୂର ପାଇଁ ଉଷୁମ ପାଣିରେ ଚିମୁଟାଏ ହଳଦୀ ଓ ଲୁଣ ଘାଣ୍ଟି ପିଅନ୍ତୁ ।

♦ ଗରମ କ୍ଷୀରରେ ହଳଦୀ ଫେଣ୍ଟି ପିଇବା ଦ୍ୱାରା ଥଣ୍ଡା ଦୋଷ ଦୂର ହୁଏ ।

♦ ପାଟି ଭିତର ଘା' ହୋଇଥିଲେ ହଳଦୀ ଓ ମହୁ ମିଶାଇ ଲଗାନ୍ତୁ । କିଛି ସମୟ ପରେ ଉଷୁମ ଲୁଣ ପାଣି କୁଳି କରନ୍ତୁ ।

♦ ପାଦ ଫାଟୁଥିଲେ ନଡିଆ ତେଲ ଓ ହଳଦୀ ଗୋଳାଇ ଲଗାନ୍ତୁ ।



## ଗଡାମିସ୍



ଲିବ୍ୟା ଅନ୍ତର୍ଗତ ଗଡାମିସ୍‌କୁ 'ମରୁଭୂମିର ମୁକ୍ତା' କୁହାଯାଏ । ଏହା ଏକ ପ୍ରସିଦ୍ଧ ପ୍ରାଚୀନ ମରୁଦ୍ୟାନ । ପ୍ରାୟ ଅଣଚାଳିଶ ହେକ୍ଟର୍ ଭୂମିକୁ ଏହା ପରିବ୍ୟାପ୍ତ । ଏହା ଧ୍ୱଂସ-ମୁହଁରେ ଥିବା ବିଶ୍ୱ ଐତିହ୍ୟ । ୧୯୮୪ରେ ଏହା ବିଶ୍ୱ ଐତିହ୍ୟ ତାଲିକାଭୁକ୍ତ ହୋଇଥିଲା । ୪୦୦୦ ବିସିରୁ ଏ ପର୍ଯ୍ୟନ୍ତ ଏହା ମଣିଷର ବାସସ୍ଥାନ ରହିଆସିଲାଣି । ଅତି ପ୍ରାଚୀନ କାଳରୁ ଏହା ବର୍ବର୍ ସଂପ୍ରଦାୟର ମଣିଷଙ୍କ ବାସସ୍ଥାନ ହୋଇରହିଛି । ୧୦୦ ବିସିରେ ରୋମାନ୍‌ମାନେ ଏହାକୁ ଅଧିକାର କରିଥିଲେ । ତେବେ, ପ୍ରତିକୂଳ ପରିବେଶ ଯୋଗୁଁ ଏହାକୁ ଦୀର୍ଘ କପାଳ ନିଜ ଅଧିକାରରେ ରଖିପାରି ନଥିଲେ । ୧୯୧୧ରେ ଏହା ଇଟାଲି ସେନା ଦଖଲକୁ ଆସିଥିଲା । ୧୯୪୩ରେ ଫ୍ରେଞ୍ଚ ସେନା ଏହାକୁ ଦଖଲ କରିବା ପର୍ଯ୍ୟନ୍ତ ଏହା ଇଟାଲି ଅଧୀନରେ ଥିଲା । ୧୯୫୧ରେ ଲିବ୍ୟାର ସ୍ୱାଧୀନତା ସହ ଏହା ମୁକ୍ତ ହୋଇଥିଲା । ଏଠାରେ ଅନାବଶ୍ୟକ ଭାବେ ବହୁ ଯୁଦ୍ଧ ଲଢାଯାଇଥିବା ଇତିହାସ କହେ । ସଂପ୍ରତି ଏହା ପ୍ରାୟ ଦଶ ହଜାର ମଣିଷଙ୍କ ବାସସ୍ଥାନ । ସେମାନଙ୍କ ମଧ୍ୟରୁ ଅଧିକାଂଶ ବର୍ବର୍ ସଂପ୍ରଦାୟର ।

## ତୃତୀୟ ଥର ପାଇଁ 'ଟାଇମ୍' ତାଲିକାରେ

କ୍ରମାଗତ ଭାବେ ତୃତୀୟ ଥା ପାଇଁ 'ଟାଇମ୍' ପତ୍ରିକାର 'ବିଶ୍ୱର ସବୁଠାରୁ ଆକାଂକ୍ଷିତ ମହିଳା' ବା 'ମୋଷ୍ଟ୍ ଡିଜାରେବଲ୍ ଓମ୍ୟାନ୍' ତାଲିକାରେ ସ୍ଥାନ ପାଇଛନ୍ତି ପଂଜାବୀ ଅଭିନେତ୍ରୀ ସୋନମ ବାଜୱା । ବିମାନ ପରିଚାରିକା ଭାବେ ସେ ପେସାଦାର ଜୀବନ ଆରମ୍ଭ କରିଥିଲେ । ତେବେ, କିଛି କାଳ ପରେ ମଡେଲିଂ ଓ ଅଭିନୟ ପତ୍ର ଆକର୍ଷିତ ହୋଇ ପେସା ବଦଳାଇଥିଲେ । ୨୦୧୨ ରେ ସେ 'ଫମିନା ମିସ୍ ଇଣ୍ଡିଆ' ପ୍ରତିଯୋଗିତା ଚୂଡାନ୍ତ ପର୍ଯ୍ୟାୟକୁ ଯାଇଥିଲେ । ପର ବର୍ଷ ପଂଜାବୀ ଫିଲ୍ମ 'ବେଷ୍ଟ୍ ଅଫ୍ ଲକ୍' ମାଧ୍ୟମରେ ତାଙ୍କର ଅଭିନେତ୍ରୀ ଜୀବନ ଆରମ୍ଭ ହୋଇଥିଲା । ୨୦୧୭ରେ ମୁକ୍ତିଲାଭ କରିଥିଲା, ତାଙ୍କର ପ୍ରଥମ ହିନ୍ଦୀ ଫିଲ୍ମ 'ତକଡମ' । ଅଦ୍ୟାବଧି ସେ ଦୁଇଟି ମାତ୍ର ହିନ୍ଦୀ ଫିଲ୍ମରେ ଦେଖିବାକୁ ମିଳିଛନ୍ତି । ଅନ୍ୟଟି ଗତ ବର୍ଷ ମୁକ୍ତିଲାଭ କରିଥିବା 'ବାଲା' । ଚଳିତ ବର୍ଷ ତାଙ୍କର ଆଉ ଏକ ହିନ୍ଦୀ ଫିଲ୍ମ- 'ଷ୍ଟ୍ରିଟ୍ ଡ୍ୟାନ୍‌ସର୍ ୩ଡି' ମୁକ୍ତିଲାଭ କରିବ । ସୋନମ ମୁ୍ୟଖତଃ ପଂଜାବୀ ଫିଲ୍ମ ଦୁନିଆରେ ସକ୍ରିୟ କେତେକ ଦକ୍ଷିଣୀ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି । ସେ ଜନ୍ମ ହୋଇଥିଲେ ନୈନୀତାଲରେ ଏବଂ ବଢିଥିଲେ ଦିଲ୍ଲୀରେ ।

## ମହାକାଶରେ ଚାଷ ହୋଇଥିବା ପରିବା ସୁରକ୍ଷିତ



ପ୍ରାୟ ୨ ବର୍ଷ ତଳେ ପ୍ରଥମେ ଆମେରିକୀୟ ମହାକାଶ ସଂସ୍ଥା 'ନାସା' ମହାକାଶରେ ପରିବା ଚାଷର ପଦକ୍ଷେପ ନେଇଥିଲା । ଏଥିରେ ସଫଳ ହେବେ କି ନାହିଁ, ସେ ନେଇ ଗବେଷକ ଦଳ ସନ୍ଦିହାନରେ ଥିଲେ । ଏବେ କିନ୍ତୁ ଗବେଷକ ମୁଖ୍ୟ ଏକ ସାକ୍ଷାତକାର୍‌ରେ ସ୍ପଷ୍ଟ କରିଛନ୍ତି, ଲେଟ୍ୟୁସ୍ ନାମକ ଚାରାରୋପଣ କରି ସେମାନେ ସଫଳ ହେବା ସହ ଏହାର ପୋକତ୍ୱ କୁ ପରୀକ୍ଷା କରାଯାଇଛି । ପୃଥିବୀପୃଷ୍ଠରେ ଉତ୍ପନ୍ନ ହେଉଥିବା ଲେଟ୍ୟୁସ୍ ପରି ଏହାର ସ୍ୱାଦ ହୋଇଥିବାବେଳେ ପୋଷକତ୍ୱରେ ମଧ୍ୟ କୌଣସି ଅଭାବ ନାହିଁ । ବିଦେଶୀ ରାଇଜରେ ଲେଟ୍ୟୁସ୍‌କୁ ସାଲାଡ୍ ଭାବେ ଲୋକେ ଖାଇଥାନ୍ତି । କେନେଡି ସ୍ପେସ୍ ସେ[ରରେ ମଧ୍ୟ ଏଇ ମହାକାଶ ଚାଷ ପରିବାକୁ ପରୀକ୍ଷା ପରେ ସବୁଜ ସଙ୍କେତ ମିଳିଛି । ମହାକାଶଚାରୀମାନେ ଯାତ୍ରା ସମୟରେ ପ୍ୟାକେଟ୍ ଖାଦ୍ୟ ନେଉଥିବାବେଳେ ସାଲାଡ୍ ସେମାନେ ଖାଇପାରୁ ନଥିଲେ । କାରଣ ସାଲାଡ୍ ଜାତୀୟ ପରିବାଗୁଡିକକର ସତେଜତା ଅଧିକ ବିଶେଷଜ୍ଞଙ୍କ ମତ । ଏବେଠାରୁ ମହାକାଶଚାରୀଙ୍କ ସାଲାଡ୍ ଖାଇବାରେ ଅସୁବିଧା ନାହିଁ ବୋଲି ଗବେଷକଦଳ ପ୍ରକାଶ କରିଛନ୍ତି ।

## ବାସ୍କେଟ୍‌ବଲ୍ ଖେଳିବା ରୋବୋଟ୍




ଜାପାନରେ ଅଲ୍ ଷ୍ଟାର୍ ଗେମ୍ କାର୍ ନିର୍ମାତା କମ୍ପାନୀ ଟୋୟୋଟାର ୬ ଫୁଟ୍ ୧୦ ଇଞ୍ଚର ହ୍ୟୁମାନଏଡ୍ ରୋବୋଟ ବାସ୍କେଟବଲ୍‌ରେ ୩୩ ପଏଣ୍ଟ ହାସଲ କରିଛି । ହୋକ୍କାଇଦୋରେ ଲେଓ୍ୱାଙ୍ଗାରବିଲିଗ୍ ଗେମ୍ ପୂର୍ବରୁ ସୁଟ୍ କରିବା ପାଇଁ ରୋବୋଟ୍ 'କ୍ୟୁ ୪' କୁ ଅଲ୍-ଷ୍ଟାର୍ସ ଜର୍ସିରେ ବାସ୍କେଟ୍‌ବଲ୍ କୋର୍ଟ ଭିତରକୁ ଅଣାଯାଇଥିଲା । ଖେଳ ସମୟରେ ରୋବୋଟ୍ ବଲ୍‌କୁ ଉଠାଇବା, କୋର୍ଟରେ ଦୌଡିବା ଓ ଭିନ୍ନ ଭିନ୍ନ ଆଙ୍ଗଲ୍‌ରେ ବଲ୍ ଫୋପାଡିବା ଦେଖିବାକୁ ମିଳିଥିଲା । ରୋବୋଡିବା କାର୍ବନ ଫାଇବର ନିର୍ମିତ ୧୫ ଜଏଣ୍ଟ ଓ ୨୩ ମୋଟର ସଫ୍ଟ ଲାଗିଛି । ଏହା ସାହାଯ୍ୟରେ 'କ୍ୟୁ ୪' ଯେକୌଣସି ସ୍ଥାନକୁ ଯିବା ସହ ନିଜକୁ ନିଜେ ନିୟନ୍ତ୍ରଣ କରିପାରୁଛି । ପ୍ରୋଜେକ୍ଟ ଲିଡର୍ ଟୋମୋହିରୋ କହିଛନ୍ତି, କ୍ୟୁ ୩କୁ ଅପଗ୍ରେଡ୍ କରି କ୍ୟୁ ୪ ରୋବୋଟ୍ ତିଆରି କରାଯାଇଛି । ରୋବୋଟ୍‌ରେ ଅନେକ ସେନ୍ସର୍ ଲାଗିଛି । ଥ୍ରୀଡି ଇମେଜ୍ ସାହାଯ୍ୟରେ ସୁଟ୍ ପାଇଁ ବାସ୍କେଟ୍ ସର୍ଚ୍ଚ କରିଥାଏ ଲାଗିଥିବା ମୋଟର ବଲ୍ ଫୋପାଡିବାରେ ସାହାଯ୍ୟ କରେ ।

## ସବୁଠୁ ଭୟଙ୍କର ବିଲେଇ...




ଏମିତି ଏକ ବିଲେଇ ସ୍ୱିଜରଲାଣ୍ଡରେ ଅଛି । ତାକୁ ୬ବର୍ଷ ବୟସ ହୋଇଥିବା ବେଳେ ଦେହରେ ଆଦୌ ଲୋମ ନଥିବାରୁ ସେ ଭୟଙ୍କର ଦେଖାଯାଏ । ବିଲେଇର ନାଁ ଜେର୍ଡାନ୍ । ତେବେ ସେ ଖୁବ୍ ଶାନ୍ତ ସ୍ୱଭାବର ବୋଲି ତା'ର ମାଲିକାଣୀ ସାଣ୍ଡ୍ରା ଫିଲିପି କହିଛନ୍ତି । ଅନେକେ ଏହି ବିଲେଇକୁ ଏଲିଅନ୍ ସହ ତୁଳନା କରୁଥିବାରୁ ସାଣ୍ଡ୍ରା ଏଥିରେ ବିରକ୍ତ ହୁଅନ୍ତି ।

## ରହସ୍ୟମୟୀ କୁଣ୍ଡ ଗଭୀରତା ମାପିପାରୁନି ବୈଜ୍ଞାନିକ ଯନ୍ତ୍ର



ମଧ୍ୟପ୍ରଦେଶର ଛତରପୁର ଜିଲାରୁ ୭୦ କି.ମି ଦୂର ବାଜନା ଗ୍ରାମ ସ୍ଥିତ ଏକ କୁଣ୍ଡକୁ ଦେଖିବାକୁ ଦେଶ ବିଦେଶରୁ ଲୋକେ ନିୟମିତ ଆସୁଛନ୍ତି । ଏହି କୁଣ୍ଡଟି ମହାଭାରତ କାଳର ବୋଲି କୁହାଯାଉଛି । କୁଣ୍ଡର ଗଭୀରତା ଏତେ ଅଧିକ ଯେ, ଏହାକୁ ମାପିବା ପାଇଁ ବ୍ୟବହାର ହେଉଥିବା ଯନ୍ତ୍ରାଂଶ ବିଫଳ ହେଉଛି । କୁହାଯାଏ ଯେ, ଯେତେବେଳେ ପାଣ୍ଡବମାନେ ଅଜ୍ଞାତବାସରେ ଥିଲେ ସେତେବେଳେ ପାଣିର ସନ୍ଧାନ ପାଇଁ ସେମାନେ ଏଠାକୁ ଆସିଥିଲେ । ଏଠାରେ ପାଣିର କୌଣସି ସ୍ରୋତ ନମିଳିବାରୁ ସେତେବେଳେ ଭୀମ ନିଜ ଗଦାରେ ଏହି କୁଣ୍ଡ ବନାଇଥିଲେ । ଏହି କୁଣ୍ଡର ଆକାର ମଧ୍ୟ ଠିକ୍ ଗଦା ଭଳି ରହିଛି । ଆଜି ପର୍ଯ୍ୟନ୍ତ ବୈଜ୍ଞାନିକମାନେ ଏହି କୁଣ୍ଡର ଗଭୀରତା ମାପିବାରେ ବିଫଳ ରହିଛନ୍ତି । ବିଦେଶୀ ବୈଜ୍ଞାନିକମାନେ ମଧ୍ୟ ଏହି ଉଦ୍ୟମ କରି ବିଫଳ ହୋଇଛନ୍ତି ।

## ଆଗ୍ନେୟଗିରି ଉପରେ ରୋପ୍ ୱାକ୍



ଆମେରିକାର ୪୧ ବର୍ଷୀୟ ଡେୟାରଡେଭିଲ୍ ନିକ୍ ୱାଲେଣ୍ଡା ନିକାରାଗୁଆରେ ସକ୍ରିୟ ଆଗ୍ନେୟଗିରି ଉପରେ ରୋପ୍ ୱାକ୍ କରିଛନ୍ତି । ନିକ୍‌ଙ୍କ ଷ୍ଟଣ୍ଟ୍ ପାଇଁ ଆଗ୍ନେୟଗିରିର ମୁହଁ (କ୍ରେଟର୍) 'ମାଉଥ୍ ଅଫ୍ ହେଲ୍'ରୁ ୧୮୦୦ ଫୁଟ୍ ଉପରେ ରସି ବନ୍ଧାଯାଇଥିଲା । ସେ ପ୍ରାୟ ୩୧ ମିନିଟ ୨୩ ସେକେଣ୍ଡରେ କ୍ରେଟର୍ ପାର କରିଥିଲେ । ସେ ହାନିକାରକ ଧୂଆଁରୁ ବର୍ତ୍ତିବା ପାଇଁ ଗ୍ୟାସ୍ ମାସ୍କ, ହାର୍ନେସ ଓ ଚଷମା ପିନ୍ଧିଥିଲେ । ଷ୍ଟଣ୍ଟ୍ ପରେ ନିକ୍ କହିଛନ୍ତି ଏହି ଯାତ୍ରା ଏତ ରୋମାଞ୍ଚକ ଥିଲା ଯେ ଶବ୍ଦରେ ପ୍ରକାଶ କରିପାରିବି ନାହିଁ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୯ ଜୁନ୍ ୨୦୨୦, ମଙ୍ଗଳବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆସନ୍ତା ଭବିଷ୍ୟତ....

ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ଚଳିତ ଆର୍ଥିକ ବର୍ଷରେ ବିଯୁକ୍ତାତ୍ମକ ହୋଇପାରେ ବୋଲି ଅନୁମାନ କରାଯାଉଛି । ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ), ଆନ୍ତର୍ଜାତିକ ରେଟିଂ ସଂସ୍ଥା ଓ ଅର୍ଥ ବିଶାରଦଙ୍କ ପୂର୍ବାନୁମାନରୁ ଆପାତତଃ ଏହା ସ୍ପଷ୍ଟ ହେଉଛି । ଏହି ସମୟରେ ଭାରତର ଅର୍ଥନୀତିର ଆଉ ଏକ ନକାରାତ୍ମକ ତଥ୍ୟ ସାମ୍ନାକୁ ଆସିଛି । ସାମଗ୍ରିକ ଭାବେ ଦେଶର ଅର୍ଥନୀତି ପ୍ରତି ଦେଶବାସୀଙ୍କ ଆସ୍ଥା ହ୍ରାସ ପାଇଥିବା ଆରବିଆଇର ସର୍ବେକ୍ଷଣ ସୂଚାଉଛି । ସାମ୍ପ୍ରତିକ ଅର୍ଥନୈତିକ ସ୍ଥିତି, ନିଯୁକ୍ତି ବଜାର, ଲୋକଙ୍କ ଆୟ ଆଦି ଆଧାରରେ ଗତ ମେ' ମାସରେ ହୋଇଥିବା ଏହି ସର୍ବେକ୍ଷଣରେ ଦେଶର ଉପଭୋକ୍ତାଙ୍କ ନୈରାଶ୍ୟଜନକ ଚିତ୍ର ପ୍ରତିଫଳିତ ହୋଇଛି । ସବୁଠାରୁ ଉଦ୍‌ବେଗଜନକ ହେଉଛି, ଆସନ୍ତା ଆର୍ଥିକ ବର୍ଷରେ ମଧ୍ୟ ଦେଶର ଆର୍ଥିକ ସ୍ଥିତିକୁ ନେଇ ଦେଶବାସୀ ସେତେଟା ଆଶାବାଦୀ ନୁହନ୍ତି । ଅର୍ଥାତ୍ ଚଳିତ ଆର୍ଥିକ ବର୍ଷରେ ଲାଗି ରହିଥିବା ଆର୍ଥିକ ସଙ୍କଟରୁ ଆସନ୍ତା ବର୍ଷ ମୁକୁଳିବାର ସମ୍ଭାବନା କମ୍ ବୋଲି ଭାରତୀୟ

> ସାମ୍ପ୍ରତିକ ଅର୍ଥନୈତିକ ସ୍ଥିତି, ନିଯୁକ୍ତି ବଜାର, ଲୋକଙ୍କ ଆୟ ଆଦି ଆଧାରରେ ଗତ ମେ' ମାସରେ ହୋଇଥିବା ଏହି ସର୍ବେକ୍ଷଣରେ ଦେଶର ଉପଭୋକ୍ତାଙ୍କ ନୈରାଶ୍ୟଜନକ ଚିତ୍ର ପ୍ରତିଫଳିତ ହୋଇଛି । ସବୁଠାରୁ ଉଦ୍‌ବେଗଜନକ ହେଉଛି, ଆସନ୍ତା ଆର୍ଥିକ ବର୍ଷରେ ମଧ୍ୟ ଦେଶର ଆର୍ଥିକ ସ୍ଥିତିକୁ ନେଇ ଦେଶବାସୀ ସେତେଟା ଆଶାବାଦୀ ନୁହନ୍ତି ।

ଉପଭୋକ୍ତା ଏକପ୍ରକାର ନିଶ୍ଚିତ ଅଛନ୍ତି । ଆରବିଆଇର ତଥ୍ୟାନୁଯାୟୀ, ସାମ୍ପ୍ରତିକ ସ୍ଥିତି ସୂଚକାଙ୍କ (ସିଏସ୍ଆଇ) ଓ ଭବିଷ୍ୟତ ପ୍ରତ୍ୟାଶା ସୂଚକାଙ୍କ (ଏଫ୍ଇଆଇ) ଉଭୟ ନକାରାତ୍ମକ ରହିଛି । ଯଦି ୨୨ ଜଣିଆ ବିଶେଷଜ୍ଞ ମଣ୍ଡଳୀଙ୍କ ଆକଳନକୁ ବିଶ୍ୱାସକୁ ନିଆଯାଏ ତେବେ ଚଳିତ ଆର୍ଥିକ ବର୍ଷରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ବିଯୁକ୍ତ ୧.୫% ହେବ; କିନ୍ତୁ ଆସନ୍ତା ଆର୍ଥିକ ବର୍ଷରେ ସୁଧାର ଆସି ଯୁକ୍ତାତ୍ମକ ୭.୨% ହେବ । ଆରବିଆଇ ଓ ବିଶେଷଜ୍ଞ କମିଟିର ତଥ୍ୟକୁ ମିଳାଇ ଅନୁଶୀଳନ କଲେ ଏହି ଉପସଂହାର ମିଳୁଛି ଯେ କ୍ରମଶଃ ମହାମାରୀ ପଞ୍ଝାରୁ ମୁକୁଳି ଅର୍ଥନୀତିର ଗତି ତ୍ୱରନ୍ୱିତ ହେବ; କିନ୍ତୁ ଉପଭୋକ୍ତାଙ୍କ ବିଶ୍ୱାସ ଓ ଭରସା ହାସଲ କରିପାରିବ ନାହିଁ । ଅର୍ଥନୀତିର ଗତି ଆସ୍ଥାହୀନ ହେବ । ଉପଭୋକ୍ତାଙ୍କ ଏଭଳି ନୈରାଶ୍ୟ ବିଜଡ଼ିତ ତଥ୍ୟକୁ ବିଶ୍ୱାସକୁ ନେବାରେ କୌଣସି ସଂଶୟ ନାହିଁ । ଇତିମଧ୍ୟରେ ଖାଉଟି ସାମଗ୍ରୀ ଦର ବଢ଼ିଚାଲିଥିବାବେଳେ ଉତ୍ପାଦନ ହ୍ରାସ ଯୋଗୁଁ ଆଗାମୀ ଦିନରେ ଏହା ଆହୁରି ବୃଦ୍ଧି ପାଇ ମୁଦ୍ରାସ୍ଫୀତି ସମସ୍ୟାକୁ ଜନ୍ମ ଦେବ । ଜମା ଉପରେ ସୁଧ ହାର ହ୍ରାସ, ନିଯୁକ୍ତି ଓ ଆୟରେ ସଂକୋଚନ ଆଦି ଯୋଗୁଁ ଉପଭୋକ୍ତାଙ୍କ ଆର୍ଥିକ ସଙ୍କଟ ଆହୁରି ଉତ୍କଟ ହେବ । ଗତ କିଛିବର୍ଷ ତଳୁ ଦେଶର ଅର୍ଥନୀତିରେ ସୃଷ୍ଟି ହୋଇସାରିଥିବା ସଙ୍କଟ ନିକଟ ଭବିଷ୍ୟତରେ ସୁଧୁରିବାର ଆଶା ନାହିଁ । ଗତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକର ଶେଷ ଆଡ଼କୁ କେନ୍ଦ୍ର ଅର୍ଥମନ୍ତ୍ରୀ ଘୋଷଣା କରିଥିବା ଟିକସ ସଂସ୍କାରର ଫଳସ୍ୱରୂପ କେନ୍ଦ୍ର ସରକାରଙ୍କ ମୋଟ ପ୍ରତ୍ୟେକ୍ଷ ଟିକସ ସଂଗ୍ରହ ପରିମାଣ ଧାର୍ଯ୍ୟ ଲକ୍ଷ୍ୟଠାରୁ ୪.୯୨% ବା ୧୨.୩୩ ଲକ୍ଷ କୋଟି ଟଙ୍କା କମ୍ ରହିବ । ତେଣୁ ଏଭଳି ପରିସ୍ଥିତିରେ ଆତ୍ମନିର୍ଭର ଭାରତ ଅଭିଯାନର ଲକ୍ଷ୍ୟ ଓ ଯୋଜନା କେତେ ବାସ୍ତବତାବାଦୀ ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଉପଭୋକ୍ତା କେତେକ କାରକ ଉପଭୋକ୍ତାଙ୍କୁ ନିରାଶାବାଦୀ କରିବା ସ୍ୱାଭାବିକ । ଦେଶର ଅର୍ଥନୀତିର ବେଗ କେତେ ରହିବ ତାହା ଉପଭୋକ୍ତାଙ୍କ ଚାହିଦା ଉପରେ ନିର୍ଭର କରୁଥିବାରୁ ଆରବିଆଇର ଏହି ତଥ୍ୟ ନିଶ୍ଚିତ ରୂପେ ବିଦେଶୀ ନିବେଶକ ଓ ଭାରତରେ ବ୍ୟବସାୟ ଆରମ୍ଭ କରିବାକୁ ଚାହୁଁଥିବା ବିଦେଶୀ କମ୍ପାନୀଙ୍କୁ ପରାଙ୍ମୁଖୀ କରିପାରେ । ଉପଭୋକ୍ତାଙ୍କ ଆଶା, ବିଶ୍ୱାସ ସହିତ ବିଦେଶୀ ନିବେଶକଙ୍କ ଭରସା ଜିତିବାକୁ ହେଲେ କେନ୍ଦ୍ର ସରକାର ଚାହିଦଦା ଭିତ୍ତିକ ଯୋଜନା ପ୍ରଣୟନ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ଅର୍ଥନୀତି ଆଶାଯୁକ୍ତ ହେଲେ ଅଭିବୃଦ୍ଧି ଆହୁରି ତ୍ୱିରାନ୍ୱିତ ହୋଇପାରିବ ।




### ସୁଖଶାନ୍ତି ଆସୁ ଫେରି

**ଶରତ ଚନ୍ଦ୍ର ଜାଲି**

କରୋନା ଦାଉରୁ ରଖ ମହାପ୍ରଭୁ
ନହେଲେ ଗଲୁଟି ଭାସି
ଦୁର୍ଦ୍ଦିନ ବେଳରେ ସଂଜସକାଳରେ
ଡାକୁଛନ୍ତି ବିଶ୍ୱବାସୀ
ଦେଖ ଥରେ ତୁମେ ଆସି
ତୁମେ ଥାଉ ଥାଉ କରୋନା ଭୂତାଣୁ
ବିଶ୍ୱକୁ ଗଲାଣି ଗ୍ରାସି ।

ଜୀବନ ଜୀବିକା ଭୁଶୁଡ଼ି ପଡ଼ିଛି
ଗୃହବନ୍ଦୀ ବିଶ୍ୱଜନେ
ଦିନୁଦିନ ଦୁଃଖ ପ୍ରବଳ ହେଉଛି
ବିଜୁଳି ଯେସନେ ଘନେ
ଜଳ, ସ୍ଥଳ, ନଭ, ବନେ
ଭୂତାଣୁ ରାକ୍ଷସ କାୟା ବିସ୍ତାରିଛି
ଆତଙ୍କ ଖେଳିଛି ମନେ ।

ସୁନ୍ଦର ସଂସାର ଉଜୁଡ଼ି ଯାଇଛି
ନାହିଁ କେଉଁଠାରେ ଶାନ୍ତି
ଚିନ୍ତାରେ ମଗନ ସର୍ବପ୍ରାଣୀ ମନ
ଅସମ୍ଭାଳ ପରିସ୍ଥିତି
ବିପତ୍ତିର କଳା ରାତି
ଅପସରି ଯାଉ ତୁମରି କୃପାରୁ
ହସୁଏ ମଣିଷ ଜାତି ।


ଯୁଗେ ଯୁଗେ ତୁମେ ବିପତ୍ତି ନାଶନ
ବିପତ୍ତି ତୁମର ଦାସ
ଭୂମିକମ୍ପ, ବନ୍ୟା, ବାତ୍ୟା, ମହାମାରୀ
ସର୍ବ କରିଅଛ ନାଶ
ତୁମ ମାୟା ପରକାଶ
କରୋନାକୁ ନାଶି କରୁଣୀ କୈବଲ୍ୟ
ପରଶ ହେ ପୀ ତବାସ ।

ବିଶ୍ୱର ବିଜୟ କେତନ ଉଡୁହେ
କରୋନାଟା ଯାଉ ମରି
ତୁମ ହାତେ ଗଢ଼ା ତୁମରି ସଂସାର
ଯତନେ ରଖ ହେ ହରି
ଆଉ କରନାହିଁ ଡେରି
ଶ୍ରୀପୟରେ ତବ ଗୁହାରି କରୁଛୁ
ସୁଖଶାନ୍ତି ଆସୁ ଫେରି ।


+ ପଥରା, ଖଲ୍ଲିକୋଟ ଗଂଜାମ
ମୋ:୭୮୭୩୯୧୭୬୫୧


## ଚୀନର ପ୍ରଳାପ

**ଗୋପାଳ ମହାପାତ୍ର**



ଭାରତ ଓ ଚୀନ ମଧ୍ୟରେ ଲଦାଖ ଠାରେ ଥିବା ବାସ୍ତବିକ୍ ନିୟନ୍ତ୍ରଣ ରେଖା ନିକଟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଚୀନ ଲଦାଖ ସୀମାରେ ତାର ସୈନ୍ୟ ସଂଖ୍ୟା ବୃଦ୍ଧି କରିଛି ଓ ପରିସ୍ଥିତିକୁ ଅଧିକ ଜଟିଳ କରିବା ପାଇଁ ଉଦ୍ୟମ କରୁଛି। ଭାରତ ପକ୍ଷରୁ ଚୀନକୁ ସେଇ ଭାଷାରେ ଜବାବ ଦେବା ପାଇଁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବର୍ତ୍ତମାନର ଘଟଣା ପୂର୍ବର ଡୋକଲାମ ଘଟଣାକୁ ମନେପକାଇ ଦିଏ। ଡୋକଲାମ ଠାରେ ଭାରତ-ଚୀନ ସେନା ମଧ୍ୟ ମୁହାଁ ମୁହିଁ ହୋଇଥିଲେ। ଚୀନ ଏ ଭଳି ଘଟଣା ବହୁବାର କରିଛି। ଚୀନ ଯେ କେବଳ ଭାରତ ଉପରେ ଚାପ ପକାଇବା ପାଇଁ ଏଭଳି କରୁଛି ତାନୁହେଁ। ନେପାଳରେ ଥିବା ଚୀନ ସମର୍ଥକ ମାଓବାଦୀ ପାର୍ଟି ସରକାରକୁ ମତାଇ ନେପାଳ ଦ୍ୱାରା ଏକ ନୂଆ ସୀମା ବିବାଦ ମଧ୍ୟ ସୃଷ୍ଟି କରିଛି। ପ୍ରଶ୍ନ ଉଠୁଛି ଚୀନ ଏଭଳି କରୁଛି କାହିଁକି? ଚୀନର ଏଇ ବ୍ୟବହାର ସମ୍ପର୍କରେ ଜାଣିବାକୁ ହେଲେ ଇତିହାସକୁ ଜାଣିବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଙ୍କ ସମୟରେ ଭାରତ ସରକାର ଚୀନ ସରକାର ସହ ଏକ ପଞ୍ଚଶୀଳ ନୀତିକୁ ଆପଣେଇଥିଲେ। ଅନ୍ୟପକ୍ଷରେ କହିବାକୁ ଗଲେ ଏହାଥିଲା ପଞ୍ଚଶୀଳ ସନ୍ଧି। ଭାରତ ଏହାକୁ ନେଇ ଖୁସି ଥିଲା ଏପରିକି ଭାରତରେ ଚୀନ ସମର୍ଥକ କମ୍ୟୁନିଷ୍ଟ ଲବି ହିନ୍ଦ୍-ଚୀନ ଭାଇ ଭାଇ ସ୍ଲୋଗାନ ମଧ୍ୟ ଦେଉଥିଲେ। କିନ୍ତୁ ଚୀନ ଭିତରେ ଭିତରେ ଭାରତ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିଲା। କିନ୍ତୁ ଚୀନକୁ ବିଶ୍ୱାସ କରି ଭାରତର ତତ୍କାଳୀନ ନେତୃତ୍ୱ ଚୀନକୁ ମିତ୍ର ବୋଲି ଭାବିନେଇଥିଲା। କିନ୍ତୁ ଚୀନ ତାର ଅସଲ ରୂପ ଦେଖାଇଥିଲା ଓ ୧୯୬୨ରେ ଭାରତ ଉପରେ ଆକ୍ରମଣ କରିଥିଲା। ଚୀନ ସେନା ଭାରତ ସୀମାରେ ଭାରତ ଭିତରକୁ ପଶିଆସିଥିଲେ। ଯେଉଁ ଅଞ୍ଚଳକୁ ଚୀନ ପଶି ଆସିଥିଲା ସେସବୁ ହଜାର ହଜାର ହେକ୍ଟର ଭୂମି ଏବେ ଚୀନ କବ୍‌ଜାରେ ରହିଛି। ୧୯୬୨ ମସିହା ନଭେମ୍ବର ୧୪ ତାରିଖ ଦିନ ଭାରତର ସଂସଦ (ପାର୍ଲ୍ୟାମେଣ୍ଟ)ରେ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା ଓ ଚୀନ କବ୍‌ଜାରେ ଥିବା ଅଞ୍ଚଳକୁ ଫେରାଇ ଅଣାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଚୀନ କବ୍‌ଜାରେ ଥିବା ଅଞ୍ଚଳକୁ ଫେରାଇ ଆଣିବା ପ୍ରସ୍ତାବ ସିନା ସଂସଦରେ ଗୃହୀତ ହେଲା କିନ୍ତୁ ଭାରତ-ଚୀନ ଯୁଦ୍ଧରେ ଭାରତର ଭରାଜୟ ହୋଇଥିଲା ଓ ଭାରତ ଏଯାବତ୍ ଚୀନ କବ୍‌ଜାରୁ ସେ ଅଞ୍ଚଳକୁ ଛଡ଼ାଇ ଆଣି ପାରିନାହିଁ।

ଚୀନ ଭାରତ ଯୁଦ୍ଧ ପରଠାରୁ ଅର୍ଥାତ୍ ୧୯୬୨ରୁ ଚୀନ ଭାରତ ସୀମା ପର୍ଯ୍ୟନ୍ତ ସଡ଼କ ଓ ଅନ୍ୟାନ୍ୟ ଗମନାଗମନ ବ୍ୟବସ୍ଥାର ନିର୍ମାଣ କାର୍ଯ୍ୟ ଦୃତ ଗତିରେ ଆରମ୍ଭ କଲା। କିନ୍ତୁ ଚୀନ ଯେପରି ଭାବରେ ସୀମାରେ ତାର ସ୍ଥିତିକୁ ଜାହିର କରିବାରେ ଉଦ୍ୟମ କରିଥିଲା ଭାରତ ସେପରି କରିପାରିନଥିଲା। ଏହାର ଅନେକ କାରଣ ମଧ୍ୟ ଥାଇପାରେ। ଏଥି ମଧ୍ୟରୁ ଗୋଟିଏ କାରଣ ହୁଏତ ୧୯୬୨ର ପରାଜୟ ଓ ଏହାର ମନୋବୈଜ୍ଞାନିକ ପ୍ରଭାବ ହୋଇପାରେ। ଦ୍ୱିତୀୟ କାରଣ ଦେଶରେ ଥିବା ଚୀନ ସମର୍ଥକ ଲବି ଭାରତ ଚୀନର ମୁକାବିଲା କରିବା ପାଇଁ କୌଣସି ପଦକ୍ଷେପ ନେଉ ବୋଲି ଚାହୁଁନଥିଲେ। କିନ୍ତୁ ଧିରେ ଧିରେ ସ୍ଥିତିରେ ପରିବର୍ତ୍ତନ ହେଲା ଓ ଭାରତ ନିଜର ଉତ୍ତର ସୀମାନ୍ତରେ ସଡ଼କ, ପୋଲ ଓ ଅନ୍ୟାନ୍ୟ ଗମନାଗମନ ବ୍ୟବସ୍ଥା ପାଇଁ ଆବଶ୍ୟକୀୟ ସଂରଚନା ର ନିର୍ମାଣ ଉପରେ ଗୁରୁତ୍ୱ ଦେଲା। ବିଶେଷ କରି ୨୦୧୪ରେ କେନ୍ଦ୍ରରେ ନୂଆ ସରକାର ଆସିବା ପରେ ଏସବୁ ଉପରେ ଅଧିକ ଗୁରୁତ୍ୱ ଦିଆଗଲା। ସୀମାନ୍ତରେ ଥିବା ରାସ୍ତାଘାଟର ପୁନଃବିନ୍ୟାଶ କରାଗଲା। ଏକ ଉଦାହରଣ ମାଧ୍ୟମରେ ଏକଥାକୁ ବୁଝାଇ ଦିଆଯାଇପାରିବ। ୧୯୯୭ରେ ଭାରତ ସରକାରଙ୍କ ଦ୍ୱାରା ଗଠିତ ଚାଇନା ଷ୍ଟଡ଼ି ଗୃପ୍ ଦ୍ୱାରା ଭାରତ-ଚୀନ ର ବାସ୍ତବିକ୍ ନିୟନ୍ତ୍ରଣରେଖା (ଏଲ୍ଏସି) ନିକଟରେ ୪୬୪୩ କିଲୋମିଟର ସଡ଼କ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହି ସଡ଼କ କୁ ଇଣ୍ଡିଆ ଚାଇନା ବର୍ଡ଼ର ରୋଡ଼ କୁହାଗଲା। ରଣନୀତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଥିବା ଏହି ରାସ୍ତା ନିର୍ମାଣର ମୂଳ ଉଦ୍ଦେଶ୍ୟ ଥିଲା ବାସ୍ତବିକ୍ ନିୟନ୍ତ୍ରଣରେଖା ନିକଟକୁ ଭାରତୀୟ ସେନାଙ୍କର ଗତାଗତ ସହଜ କରିବା। ଏହାପରେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧିନ ସରକାର ୧୯୯୯ ମସିହାରେ ଭାରତ-ଚୀନ ସୀମାରେ ରଣନୀତି ଦୃଷ୍ଟିରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ୬୧ଟି ସଡ଼କ (ପାଖାପାଖି ୩୩୪୬ କି.ମି.) ନିର୍ମାଣ ପାଇଁ ନିଷ୍ପତ୍ତି ନେଲେ। ଏହି ସଡ଼କ ସବୁର ନିର୍ମାଣ ଦାୟୀତ୍ୱ ବର୍ଡ଼ର ରୋଡ଼ ଅର୍ଗାନାଇଜେସନକୁ ପ୍ରଦାନ କରାଗଲା। ବର୍ଡର ରୋଡ଼ ଅର୍ଗାନାଇଜେସନକୁ ଏହି ସଡ଼କ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ୨୦୦୩ ମସିହା ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। କିନ୍ତୁ ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ଶେଷ ନହେବାରୁ ଏହି ସମୟ ସୀମାକୁ ଦୁଇଟି ପର୍ଯ୍ୟାୟରେ ୨୦୦୬ ଓ ପରେ ୨୦୧୨ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିଲା। ଏହି ସଡ଼କ ନିର୍ମାଣ କାର୍ଯ୍ୟ ମଧ୍ୟରୁ ୧୨ଟି ସଡ଼କର ନିର୍ମାଣ କାର୍ଯ୍ୟ ଅନ୍ୟ ଏକ ସଂସ୍ଥାକୁ ମଧ୍ୟ ଦିଆଯାଇଥିଲା। କିନ୍ତୁ ଏସବୁ ପରେ ମଧ୍ୟ ସୀମାନ୍ତରେ ନିର୍ମାଣାଧିନ ଏହି ଗୁରୁତ୍ୱପୂର୍ଣ୍ଣ ଗମନାଗମନ ପଥ ପରିଯୋଜନାର କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରିନଥିଲା।

୨୦୧୪ରେ କେନ୍ଦ୍ରରେ ନୂଆ ସରକାର ଗଠନ ହେବା ପରେ ଏହି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା। ଏପରିକି ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅନ୍ୟ କେତେକ ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଗଲା। ଏହିସବୁ ଯୋଜନା ପାଇଁ ଆବଶ୍ୟକୀୟ ଧନରାଷି ମଧ୍ୟ ଅଗ୍ରାଧିକାର ଭିତ୍ତିରେ ପ୍ରଦାନ କରାଗଲା ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ଏସବୁ ନିର୍ମାଣ କାର୍ଯ୍ୟର ସମୀକ୍ଷା କରାଗଲା। ପରିଣାମ ସ୍ୱରୂପ ସୀମାରେ ଚାଲିଥିବା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଲା। ସୀମାରେ ସେନାବାହିନୀର ଗତାଗତ ପାଇଁ ସଡ଼କ ନିର୍ମାଣ ଓ ବିମାନ ଅବତରଣ ବ୍ୟବସ୍ଥା କରାଯିବା ଏବଂ ଅଧିକ ସଂଖ୍ୟକ ସେନା ମୁତୟନ କରାଯିବା ସର୍ବୋପରି ସେନାବାହିନୀକୁ ଅଧିକ ଶକ୍ତିଶାଳୀ କରାଯିବା ଘଟଣାକୁ ଚୀନ ସହଜରେ ହଜମ କରିପାରୁ ନାହିଁ। ସେହି କାରଣରୁ ବିଭିନ୍ନ ସମୟରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି କରୁଛି। ଅନ୍ୟଏକ ଘଟଣା ଚୀନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ପାକ୍ ଅଧିକୃତ କାଶ୍ମୀର (ଗିଲଗିଟ୍) ଦେଇ ଚୀନ ବଲୁଚିସ୍ଥାନର ଗ୍ୱାଦର ବନ୍ଦର ପର୍ଯ୍ୟନ୍ତ ଚୀନ-ପାକିସ୍ଥାନ ଇକୋନୋମିକ୍ କରିଡ଼ରର ନିର୍ମାଣ କରୁଛି। ଏହି କରିଡ଼ର ପାଇଁ ବ୍ୟାପକ ଅର୍ଥ ବ୍ୟୟ କରୁଛି ଚୀନ। ଏପଟେ କେନ୍ଦ୍ର ସରକାର ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଜାମ୍ମୁ-କାଶ୍ମୀରରୁ ଧାରା ୩୭୦ ହଟାଇ ଦେଇଛନ୍ତି। ଏଣୁ ଚୀନ ବିଚଳିତ ହୋଇଉଠିଛି। ଏବେ ଭାରତ ସରକାରଙ୍କ ପାଣିପାଗ ବିଭାଗ ଗିଲଗିଟ୍ ଓ ବାଲତିସ୍ଥାନ ର ପାଣିପାଗ ବିଷୟରେ ସୂଚନା ପ୍ରସାରଣ କରୁଛି। ଚୀନ ମନରେ ଭୟ ଉପୁଜୁଛି ଯେ ଯଦି ଭାରତ ପାକ୍ ଅଧିକୃତ କାଶ୍ମୀରକୁ ଅକ୍ତିଆର କରିନେବ ତେବେ ଗିଲଗିଟ୍ ଓ ବାଲତିସ୍ଥାନ ଭାରତ ଅଧିନକୁ ଚାଲିଯିବ। ଏଭଳି ହେଲେ ଚୀନ ପାକିସ୍ଥାନ ଇକୋନୋମିକ୍ କରିଡର ନିର୍ମାଣ କାର୍ଯ୍ୟା ଆଉ ହୋଇପାରିବ ନାହିଁ ଓ ଏଥିପାଇଁ ଯେଉଁ ପୁଁ ନିବେଶ ହୋଇଛି ତାହା ବୃଥା ହୋଇଯିବ। ଏହି ଭୟ ଏବେ ଚୀନକୁ ଘାରିଛି।

ଏବେ ବି ଚୀନ ସମର୍ଥକ ଲବି ଭାରତରେ ସକ୍ରିୟ ଅଛନ୍ତି। ଚୀନ ଏବେବି ଭାବୁଛି ଯେ ୧୯୬୨ ମସିହାର ସେଇ ଅବସ୍ଥା ରହିଛି। ତେଣୁ ବିଭିନ୍ନ ସମୟରେ ବିଭିନ୍ନ ହରକତ କରିବାରେ ଲାଗିଛି ଓ ଭାରତ ଉପରେ ଚାପ ସୃଷ୍ଟି ପାଇଁ ଉଦ୍ୟମ କରୁଛି। କିନ୍ତୁ ଚୀନ ଭାବିବା ଉଚିତ୍ ଯେ ଭାରତ ଆଉ ସେଇ ୧୯୬୨ର ଭାରତ ହୋଇରହିନାହିଁ। ୨୦୧୭ ମସିହାରେ ଡ଼ୋକଲାମ୍ ଠାରେ ୭୩ଦିନ କାଳ ଭାରତ ଚୀନ ସେନା ମୁହାଁମୁହିଁ ରହିଥିଲେ। ଚୀନ ସଡ଼କ ନିର୍ମାଣ କରିବାକୁ ଚାହୁଁଥିଲା ଓ ଭାରତ ତାକୁ ବିରୋଧ କରିଥିଲା। ଚୀନ ବାରମ୍ବାର ଭାରତ ଭିତରକୁ ଅନୁପ୍ରବେଶ କରିବାର ଉଦ୍ୟମ କରୁଛି। କୋରେନା ଭାଇରସକୁ ନେଇ ଏବେ ଆନ୍ତର୍ଜାତୀକସ୍ତରରେ ଚୀନ ବିରୋଧର ସମ୍ମୁଖୀନ ହେଉଛି ଓ ଚାପରେ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମେରିକା ଜି.-୭ର ବିସ୍ତାର କରିବାକୁ ଚାହୁଁଛି ଓ ଭାରତକୁ ସେଥିରେ ସାମିଲ କରିବାକୁ ଚାହୁଁଛି ଏହା ମଧ୍ୟ ଚୀନ ଚାହୁଁନାହିଁ। ଇତିମଧ୍ୟରେ ଭାରତରେ ଅବସ୍ଥାପିତ ଚୀନ ରାଷ୍ଟ୍ରଦୂତ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସୀମାବିବାଦର ସମାଧାନ କଥା କହିଛନ୍ତି। କିନ୍ତୁ ଚୀନ ସମାଧାନ ଚାହୁଁ ନାହିଁ। ଚୀନ ରାଷ୍ଟ୍ରପତି ସେନାକୁ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାପାଇଁ କହିଛନ୍ତି। ଭାରତ ମଧ୍ୟ ଉଚିତ୍ ପଦକ୍ଷେପ ପାଇଁ ପ୍ରସ୍ତୁତ। ଭାରତର ଶକ୍ତି ବୃଦ୍ଧି ଓ କାଳେ ଚୀନ ପାକିସ୍ତାନ ଇକୋନୋମିକ୍ କରିଡର କାର୍ଯ୍ୟ ବାଧାପ୍ରାପ୍ତ ହେବ ସେହି ଆଶଙ୍କାରେ ଏବେ ଚୀନ ପ୍ରଳାପ କରିବାରେ ଲାଗିଛି।


+ରାମଚନ୍ଦ୍ରପୁର, ରଣପୁର,
ମୋ.-୯୪୩୮୪୮୫୦୯୪


## ରାମାୟଣର କୁମ୍ଭକର୍ଣ୍ଣ ଚରିତ୍ର !

**ଡାକ୍ତର ସୁରେନ୍ଦ୍ର ନାଥ ଦାଶ**



ମହାକାବ୍ୟ ରାମାୟଣର କୁମ୍ଭକର୍ଣ୍ଣ ଏକ ବିଚିତ୍ର ଚରିତ୍ର । ଭାରତର ଅସଂଖ୍ୟ ରାମାୟଣ ପ୍ରେମୀ ତାହାକୁ ଏକ ଭୟଙ୍କର, ବିଶାଳ ଶରୀର ବିଶିଷ୍ଟ, ଆସୁରିକ ଚରିତ୍ରର ଏକ ମୂର୍ତିମନ୍ତ ପ୍ରତୀକ ବୋଲି ଭାବିଥାଆନ୍ତି । ମାତ୍ର ତାର ଭୟଙ୍କର ଶରୀର ତଳେ ଯେ ଏକ କୋମଳ, ନ୍ୟାୟଦିପ୍ତ ହୃଦୟ ରହିଥରଲା,ତାହା ଅନେକଙ୍କର ବିଶ୍ୱାସର ବାହାରେ ଥିଲା ।

ଆମ ପୁରାଣକାର ମାନେ ନିଜ ଲେଖନୀରେ ଅସୁର ମାନଙ୍କୁ ଦୁରାଚାର,ପାପୀ,ନରମାଂସ ଭୋଜୀ,ମାୟାବୀ ବୋଲି ଚିତ୍ରଣ କରିଛନ୍ତି । ମାତ୍ର ଏହା ଯେ ଏକପାଖିଆ ନ୍ୟାୟ ସେଥିରେ ସନ୍ଦେହ ନାହିଁ । ଅସୁର ସମ୍ରାଟ ବଳୀ ପୃଥିବୀର ସର୍ବଶ୍ରେଷ୍ଠ ଶାସକ ରୁପେ ଦେବତା ମାନଙ୍କ ଦ୍ୱାରା ମଧ୍ୟ ସ୍ୱିକୃତ । ତାଙ୍କ ଶାସନରେ ତିନି ଲୋକରେ ସର୍ବତ୍ର ଶାନ୍ତି ବିରାଜମାନ ରହୁଥିଲା । ଆମର ଜ୍ଞାନୀ ଋଷି ମାନେ ତାଙ୍କର ଅତି ଦାନ ଦେବାକୁ ତାଙ୍କ ପତନର କାରଣ ବୋଲି ବର୍ଣ୍ଣନା କରିଛନ୍ତି । ସୃଷ୍ଟି ର ଆରମ୍ଭରେ ଉଭୟ ଅସୁର ଓ ଦେବତା, କଶ୍ୟପ ଋଷି ଙ୍କର ସ୍ତ୍ରୀ ଦିତି ଓ ଅଦିତୀଙ୍କ ଗର୍ଭରୁ ଜନ୍ମ ନେଇଥିଲେ । ଦେବତା ମାନେ ଅମର ହୋଇ ସ୍ୱର୍ଗ ରେ ସବୁ ସୁଖ ଭୋଗ କଲେ। ସମୁଦ୍ର ମନ୍ଥନରୁ ଯାହା ମିଳିଲା ନିଜେ ଆତ୍ମସାତ କଲେ । ବଡଭାଇ ଅସୁରଙ୍କୁ କୁଟାଖିଏ ଦେଲେନି । ତାଙ୍କର ରାଜା ଇନ୍ଦ୍ର ପୃଥିବୀର ସମସ୍ତ ମହାପାପ,ପରସ୍ତ୍ରୀ ହରଣ, ଭାତୃ ହତ୍ୟା, ବନ୍ଧୁ ହତ୍ୟା, ବ୍ରହ୍ମ ହତ୍ୟା ଭଳି ଦୁଷ୍କର୍ମ ମାନ କରି ନାନା ଅଭିଶାପରେ ନିଜର ପୁରୁଷାଙ୍ଗ ହରାଇଥିଲେ,ତଥାପି ସେମାନଙ୍କୁ ରକ୍ଷାପାଇଁ ମହାବିଷ୍ଣୁ ବାରମ୍ବାର ଅବତାର ଗ୍ରହଣ କରି ଅସୁର ମାନଙ୍କୁ ମାରୁଥିଲେ ଓ ଆମ ଋଷି ମାନେ, 'ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେଯୁଗେ'ବୋଲି ବର୍ଣ୍ଣନା କରୁଥିଲେ ।

ଗୋଟିଏ ଦିଗରେ ବ୍ରହ୍ମା ଓ ଅନ୍ୟ ଦିଗରେ ଅସୁର ମାନଙ୍କର ଆଦି ପୁରୁଷ ପ୍ରହେତିର ତୃତୀୟ ପୁରୁଷ ରୂପେ କୁମ୍ଭକର୍ଣ୍ଣ ଜନ୍ମ ନେଇଥିଲା । ତ୍ରୀ ଭୂବନ ବିଜୟୀ ରାବଣର ସେ ସାନଭାଇ । ତାର ସାନଭାଇ ଧର୍ମାତ୍ମା ବିଭିଷଣଙ୍କୁ ଆମ ପୂରାଣ କାର ମାନେ ଅମରତ୍ୱ ପ୍ରଦାନ କରିଛନ୍ତି, କାରଣ ସେ ନିଜ ସ୍ୱାର୍ଥ ପାଇଁ ପକ୍ଷ ପରିବର୍ତନ କରି ରାମଙ୍କୁ ରାବଣ ସମେତ ପୁତୁରା ଇନ୍ଦ୍ରଜିତ, କୁମ୍ଭକର୍ଣ୍ଣଙ୍କର ମୃତ୍ୟୁଭେଦ କହି ରାବଣ ପରେ ଲଙ୍କାର ସିଂହାସନରେ ବସିଥିଲା । ବାଲ୍ୟ କାଳରୁ କୁମ୍ଭକର୍ଣ୍ଣ ଅତି ବିଶାଳାକାୟ ହୋଇଥିଲା । ଦେବାସୁର ଯୁଦ୍ଧରେ ଇନ୍ଦ୍ରଙ୍କ ଐରାବତ ହସ୍ତୀର ଦାନ୍ତ ସେ ଉପାଡି ଦେଇ ଦେବତାଙ୍କର ତ୍ରାସର କାରଣ ହୋଇଥିଲା । ସେମାନଙ୍କର ପିତା ମହର୍ଷି ବିଶ୍ରବା ଅସୁର ସମ୍ରାଟ ସୁମାଳୀର କନ୍ୟା ଅନିନ୍ଦ୍ୟ ସୁନ୍ଦରୀ ନିକଷା ବା କୈକେସୀକୁ ପ୍ରେମ ବିବାହ କଲେ, ଯାହାଙ୍କ ଗର୍ଭରୁ ତିନି ପୁଅ ଓ ଝିଅ ସୂପର୍ଣ୍ଣଖା ଜନ୍ମ ନେଲେ । ଅସୁରୀ ମାଆର ସନ୍ତାନ ହୋଇଥିବାରୁ ଅନ୍ୟ ଋଷି ମାନେ ମା ସହ ଚାରି ସନ୍ତାନଙ୍କୁ ଆଶ୍ରମରୁ ବାହାର କରିଦେଲେ । କିଛିଦିନ ଆଗରୁ ଦେବାସୁର ଯୁଦ୍ଧ ହୋଇଯାଇଥାଏ । ଅସୁର ରାଜା ତଥା ସୁମାଳୀର ଭାଇ ମାଳି ନିହତ ହୋଇଥିଲା । ସ୍ୱୟଂ ବିଷ୍ଣୁ ସୁଦର୍ଶନଚକ୍ରରେ ତା ବେକ କାଟି ଦେଲେ । ଅସୁରମାନେ ହତୋତ୍ସାହ ହୋଇ ରାଜ୍ୟ ଛାଡି ଭୟରେ ପାତାଳରେ ଲୁଚିଥାଆନ୍ତି । ନିଜ ଜାତିର ବିପଦ ବେଳେ ରାବଣ ଓ ତା ଭାଇମାନେ ବ୍ରହ୍ମାଙ୍କ ପାଖରେ କଠୋର ତପସ୍ୟାରେ ବସିଲେ । କୁମ୍ଭକର୍ଣ୍ଣ ମଧ୍ୟ ବସିଲା । ଭୟଙ୍କର ରାକ୍ଷସ ବର ପାଇ ଶକ୍ତିଶାଳୀ ହେଲେ ସ୍ୱର୍ଗପୂରୀକୁ ଧ୍ୱଂସ କରିଦେବ,ସେଥିପାଇଁ ଦେବତା ମାନେ ସରସ୍ୱତୀ ମାଙ୍କୁ କୁମ୍ଭକର୍ଣ୍ଣର ଜ୍ୱିହାରେ ବସିବାକୁ ଅନୁରୋଧ କଲେ । ଫଳରେ ବ୍ରହ୍ମାଙ୍କ ଆଗରେ ସେ ଅଦଭୁତ ବର ମାଗିଲା ଯେ, "ମୁଁ ଖାଲି ଖାଇବି ଓ ଶୋଇବି !"ବ୍ରହ୍ମା ତଥାସ୍ତୁ କଲେ ।

ଦୁଃଖିତ ରାବଣ ବ୍ରହ୍ମାଙ୍କୁ ମିନତି କରିବାରୁ ସେ କହିଲେ, ମୋର ବାକ୍ୟ ଅଳଂଘ୍ୟ । ମାତ୍ର କୁମ୍ଭକର୍ଣ୍ଣ ୬ ମାସରେ ଥରେ ଉଠିବ, ମନଇଛା ଖାଇ ପୁଣି ଶୋଇବ, ସେ ଦିନ ତାକୁ ଯୁଦ୍ଧରେ କେହି ପରାସ୍ତ କରିପାରିବେ ନାହିଁ ।

ତପସ୍ୟାରୁ ଫେରି ରାବଣ ଅସୁର ମାନଙ୍କର ପୁର୍ବତନ ରାଜଧାନୀ ଲଙ୍କାକୁ କୁବେର ଠାରୁ ବଳପୂର୍ବକ ଛଡେଇ ଆଣିଲା । ଦିଗବିଜୟ କରି ସାରା ତ୍ରିପୁର ଜୟ କଲା । ଛୋଟଭାଇ କୁମ୍ଭକର୍ଣ୍ଣ ପାଇଁ ସବୁ ବ୍ୟବସ୍ଥା କରିଦେଲା । ସୁବର୍ଣ୍ଣ ପଲଙ୍କରେ ଏକ ବିଶାଳ କକ୍ଷରେ ସେ ଶୋଇ ରହିଲା । ଛ'ମାସ ପରେ ଯେବେ ଉଠିଲା, ତା ପାଇଁ ଶଗଡ,ଶଗଡ ଖାଦ୍ୟ, ହାଣ୍ଡି ହାଣ୍ଡି ପାନୀୟ ଖଞ୍ଜି ଦେଲା ।

ସେ ଶୋଇଥିଲା ବେଳେ ଲଙ୍କା ଉପରେ ଦୁର୍ଯୋଗ ମାଡି ଆସିଲା । ଭଉଣୀ ସୂପର୍ଣ୍ଣେଖାର ଅସମ୍ମାନର ପ୍ରତିଶୋଧ ପାଇଁ ରାବଣ ମାୟା ସନ୍ୟାସୀ ବେଶରେ ରାମଙ୍କ ସ୍ତ୍ରୀ ସୀତାଙ୍କୁ ଦଣ୍ଡକାରଣ୍ୟରୁ ଅପହରଣ କଲା । ସୀତାଙ୍କୁ ଉଦ୍ଧାର ପାଇଁ ରାମ ସମୁଦ୍ରରେ ବନ୍ଧ ବାନ୍ଧି ଲଙ୍କାରେ ପହଂଚିଲେ। ସୁବିଧା ଦେଖି ବିଭିଷଣ ରାବଣ ପକ୍ଷ ପରିତ୍ୟାଗ କରି ରାମଙ୍କ ଶିବିରରେ ପହଂଚିଗଲା । ବାନର ସେନାଧରି ରାମ ଆକ୍ରମଣ ଆରମ୍ଭ କଲେ । ଯେଉଁ ନର ବାନରଙ୍କୁ ହେୟ ଜ୍ଞାନ କରି ରାବଣ ବ୍ରହ୍ମାଙ୍କୁ ସେମାନଙ୍କ ବିଜୟ ପାଇଁ ବର ମାଗିନଥିଲା। ସେମାନଙ୍କ ହାତରେ ଲଙ୍କାର ମହାବୀର ମାନେ ନିହତ ହେଲେ । ବାଧ୍ୟ ହୋଇ ରାବଣ ସମୟ ହୋଇନଥିଲେ ମଧ୍ୟ କୁମ୍ଭକର୍ଣ୍ଣ କୁନିଦରୁ ଉଠାଇବାକୁ ସୈନ୍ୟ ମାନଙ୍କୁ ଆଦେଶ ଦେଲା । ଅନେକ ଚେଷ୍ଟା ପରେ ତା ନିଦ ଭାଙ୍ଗିଲା। ତା ଉପରେ ହାତି ମାନଙ୍କୁ ଚଢାଇବାକୁ ପଡିଲା । ଉଠିଲା ପରେ ତାକୁ ଗାଡି ଗାଡି ଖାଦ୍ୟ ଖାଇବାକୁ ଦିଆଗଲା। ଖାଦ୍ୟ ପରେ ହାଣ୍ଡି ହାଣ୍ଡି ପାନୀୟ ପିଇଲା । ତାର ପ୍ରବଳ ନିଶ୍ୱାସରେ ଅସୁର ମାନେ ଉଡି ଯାଉଥାଆନ୍ତି । ତାପରେ ବଡଭାଇ ରାବଣର ଦର୍ଶନ ପାଇଁ ସଭାରେ ପହଂଚିଲା । ଦେଖିଲା ସଭା ଖାଲି ପଡିଛି । ଅନେକ ପୁଅ ନାତି, ସେନାପତି ରାମଙ୍କ ଶରରେ ଟଳି ପଡିଲେଣି । ସବୁକଥା ଶୁଣିଲା ପରେ ସେ ରାବଣକୁ ତାର କାର୍ଯ୍ୟ ପାଇଁ ନିନ୍ଦା କଲା । "ଭୁବନ ବିଜୟୀ ରାବଣ ଅନ୍ୟର ସ୍ତ୍ରୀ ଚୋରି କରି ଆଣିବା ଆଦୌ ସମାଚିନ ନୁହେଁ, ବରଂ ଭଉଣୀର ମାନ ରକ୍ଷା ପାଇଁ ବୀର ଭଳି ସମ୍ମୁଖ ଯୁଦ୍ଧକୁ ରାମଙ୍କୁ ଆହ୍ୱାନ କରିଥିଲେ ବିରୋଚିତ ହୋଇଥାଆନ୍ତା । ଆଜି ସାମାନ୍ୟ ନର ବାନରଙ୍କ ଯୋଗୁ ସୁନା ଲଙ୍କା ଚୁନା ହୋଇ ନ ଥାଆନ୍ତା । ସେ ସୀତାଙ୍କୁ ଫେରେଇ ଦେଇ ସନ୍ଧି କଲେ, ଲଙ୍କା ରକ୍ଷା ପାଇଯାଆନ୍ତା !" ବୋଲି ମତ ଦେଲା । ଯେଉଁ ରାମ ବାଳୀ ଭଳି ମହାବୀରକୁ ଅକ୍ଳେଶରେ ମାରିଲେ, ସାତ ସମୁଦ୍ରରେ ବନ୍ଧ ବାନ୍ଧିଲେ, ସେ ସାମାନ୍ୟ ଲୋକ ନୁହଁନ୍ତି ।

ସେତେବେଳକୁ ନେଡି ଗୁଡ କହୁଣି କୁ ବହି ଯାଇଥିଲା । ମହାବୀର ରାବଣ ସାମାନ୍ୟ ମାନବ ପାଖରେ ମୁଣ୍ଡ ନଇଁବାର ପ୍ରଶ୍ନ ନଥିଲା । ସେ କୁମ୍ଭକର୍ଣ୍ଣ କୁ ଭର୍ତ୍ସନା କଲା ଓ ନିଜେ ଏକୁଟିଆ ଯୁଦ୍ଧ କରିବ ବୋଲି ଘୋଷଣା କଲା । ମାତ୍ର କୁମ୍ଭକର୍ଣ୍ଣ ବିଭିଷଣ ଭଳି ସ୍ୱାର୍ଥପର ନଥିଲା । ବଡଭାଇ ପାଇଁ ସେ ଯୁଦ୍ଧ କରିବ । ଲଙ୍କା ତାର ଜନ୍ମ ଭୂମି, ତାର ରକ୍ଷା ସେ ନିଶ୍ଚୟ କରିବ । କେବଳ ଏତିକି କହିଗଲା, "ଯୁଦ୍ଧରେ ଜଦି ତାର ପତନ ହୁଏ, ତାହାଲେ ସେ ସୀତା ଙ୍କୁ ଫେରାଇଦେବ । କାରଣ ଯାହା ସେ ପାରିବ ନାହିଁ ତାହା ଆଉକିଏ ଲଙ୍କାର ପାରିବେ ନାହିଁ !"

କୌଣସି ସୈନ୍ୟ ସାଙ୍ଗରେ ନଆଣି ସେଭୟଙ୍କର ରୂପ ଧାରଣ କରି ମାଡିଗଲା । ତାର ବିଶାଳ ରୂପ ଦେଖି ଭୟରେ ବାନର ମାନେ ପଳାୟନ କଲେ । ନିଜ ଭାଇକୁ ଶେଷ ଦର୍ଶନ ପାଇଁ ବିଭିଷଣ ଯୁଦ୍ଧ କ୍ଷେତ୍ରରେ କୁମ୍ଭକର୍ଣ୍ଣ କୁ ସାକ୍ଷାତ କରିଥିଲା ଓ ରାମଙ୍କର ମହାନତା ବର୍ଣ୍ଣନା କଲା । ମାତ୍ର କୁମ୍ଭକର୍ଣ୍ଣ ବିଭିଷଣକୁ ନାନାଦି ଭର୍ତ୍ସନା କଲା, "ତାର ଜନ୍ମଭୂମି ପ୍ରତି ବିଶ୍ୱାସଘାତକତା ପାଇଁ ଆଗାମି ପିଢି ତାକୁ ଘୃଣା କରିବେ । ରାବଣ ଆମ ବଡଭାଇ, ମଲେ ସାଙ୍ଗରେ ମରି ଥାଆନ୍ତେ । ସେ ଏକୁଟିଆ କାହିଁକି ମରିବ ?...."

"ତୁ ଶିଘ୍ର ମୋ ଆଗରୁ ପଳା । ନଚେତ ମୋର କ୍ରୋଧ ଉଦ୍ରେକ ହେଲେ ତୋପରି କୁଳାଙ୍ଗାରକୁ ମୁଁ ବଧ କରିବି । ତୋର ନିଜ ପୁଅ ମଧ୍ୟ ଲଙ୍କା ପାଇଁ ଯୁଦ୍ଧ କରି ଶହୀଦ ହେଲା,ଏଥିରୁ ତୁ ବୁଝିଲୁ ନାହିଁ ଯେ ତୋ କାମକୁ କେହି ସମର୍ଥନ କରୁ ନାହାନ୍ତି !"

ଯୁଦ୍ଧ ଆରମ୍ଭ ହେଲା । ଅନେକ ବାନରଙ୍କୁ ନିହତ କଲା ପରେ ବିଭୀଷଣ ତାର ମୃତ୍ୟୁଭେଦ ରାମଙ୍କ କାନରେ କହିଦେଲା । ବ୍ରହ୍ମଶର ମାରି ରାମ ତାହାକୁ ବଧ କଲେ ।

କୁମ୍ଭକର୍ଣ୍ଣର ଉପଦେଶ ରାମାୟଣର ଏକ ଅମୁଲ୍ୟ ସଂପଦ । ଛାର ଅସୁର ହେଲେ ମଧ୍ୟ ସେ ଯେଉଁ ଧର୍ମର ଉଚିତ ବାକ୍ୟ କହିଛି, ତାହା ତାକୁ ଏକ ବିଶିଷ୍ଟ ସ୍ଥାନ ପ୍ରଦାନ କରିଛି । ମାତ୍ର ଅମର ବର ପାଇଲେ ମଧ୍ୟ ଘରଭଙ୍ଗା ରୁପେ ଅପଖ୍ୟାତି ବହନ କରି ଏକ କଳଙ୍କିତ ଚରିତ୍ର ରୂପେ ବିଭିଷଣ ଇତିହାସରେ ରହି ଯାଇଛି।


+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ, ମୋ:୯୪୩୭୨୩୫୩୮୬

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ମଙ୍ଗଳବାର, ୯ ଜୁନ୍, ୨୦୨୦

# ଦେହକୁ ହିତ ଅଳେଇଚ

ଅଳେଇଚ ଆକାର ଛୋଟ, ହେଲେ ଏହାର ଫାଇଦା ଅନେକ । ବିଭିନ୍ନ ଔଷଧୀୟ ଗୁଣରେ ଭରପୂର ଅଳେଇଚ ଶରୀର ଓ ସ୍ୱାସ୍ଥ୍ୟା ପାଇଁ ଅତ୍ୟନ୍ତ ଉପଯୋଗୀ । ଏଥିରେ ସୋଡିୟମ, ପୋଟାସିୟମ, କାର୍ବୋହାଇଡ୍ରେଟ, ପ୍ରୋଟିନ୍, ଭିଟାମିନ୍-ସି, ଭିଟାମିନ୍, ଭିଟାମିନ୍-ଡି ଓ କ୍ୟାଲସିଅମ ପ୍ରଚୁର ମାତ୍ରାରେ ରହିଥାଏ । ସର୍ବାଧିକ ଅଳେଇଚ ଉତ୍ପାଦିତ ହୁଏ ନେପାଳରେ । ଏ କ୍ଷେତ୍ରରେ ଭାରତ ଓ ଭୁଟାନର ସ୍ଥାନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ । ଭାରତର ମହୀଶୂର, ମାଙ୍ଗାଲୋର ପରି କେତେକ ଅଞ୍ଚଳରେ ଏହା ଉତ୍ପାଦିତ ହୁଏ । ଅଳେଇଚ ସାଧାରଣତଃ ଦୁଇ ପ୍ରକାର, ଗୋଟିଏ କଳା ଓ ଅନ୍ୟଟି ସବୁଜ । କଳା ଅଳେଇଚ ମସଲାରେ ବ୍ୟବହାର କରାଯାଏ ।

### ଫାଇଦା

୧. ଅଳେଇଚରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଟରି ତତ୍ତ୍ୱ ମୁଖ ଓ ତ୍ୱଚା କର୍କଟର ପ୍ରତିରୋଧକ ଭାବରେ କାର୍ଯ୍ୟକରେ ।

୨. ଗ୍ୟାସ ଓ ଏସିଡିଟି ସମସ୍ୟା ଥିଲେ ଖାଇ ସାରିବା ପରେ ଗୋଟିଏ ଅଳେଇଚ ଚୋବାଇବାର ନିୟମିତ ଖାଆନ୍ତୁ ।

୩. ଏଥିରେ ଥିବା ମ୍ୟାଗ୍ନେସିଅମ ଓ ପୋଟାସିଅମ ରକ୍ତ ପ୍ରଭାବକୁ ନିୟନ୍ତ୍ରଣ କରେ । ଫଳରେ ରକ୍ତଚାପ ସ୍ୱାଭାବିକ ହୁଏ ।



୪. ଶ୍ୱାସରୋଗୀଙ୍କ ପାଇଁ ହିତକର । ଦିନକୁ ଥରେ ବା ଦୁଇଥର ଅଳେଇଚ ଚୋବାଇ ଖାଇଲେ ଉପକୃତ ହେବେ ।


୫. ସର୍ଦ୍ଦି ଓ କାଶ ସହିତ ଗଳା ରୁଦ୍ଧି ହେଉଥିଲେ ସାମାନ୍ୟ ଉଷୁମ ପାଣିରେ ଗୋଟିଏ ବା ଦୁଇଟି ଅଳେଇଚ ପକାଇ ଉକ୍ତ ପାଣି ପିଅନ୍ତୁ ଏବଂ ତା'ପରେ ଅଳେଇଚ ଖାଆନ୍ତୁ । ଆରାମ ମିଳିବ ।

୬. ନିୟମିତ ଖାଇଲେ ପାଚନ କ୍ରିୟା ଭଲ ହୁଏ ଏବଂ ଅଲ୍‌ସର ଆଶଙ୍କା ହ୍ରାସ କରେ ।

୭. ଖାଇ ସାରିବା ପରେ ଅଳେଇଚ ଖାଇଲେ ମୁଖ ଦୁର୍ଗନ୍ଧ ଦୂର ହୁଏ ।

୮. ଲିଭରକୁ ସୁସ୍ଥ ରଖେ ଏବଂ ଶରୀରର ଅତିରିକ୍ତ ଓଜନ କମାଇବାରେ ସହାୟକ ହୁଏ ।

# ଅକାଳକୁଷ୍ମାଣ୍ଡ କଥା



ଖରାପକୁ ଖରାପ ଓ ଭଲକୁ ଭଲ କହିବା ହେଉଛି ଆମର ପରମ୍ପରା । ଏହାର ଅନେକ ଦୃଷ୍ଟାନ୍ତ ଆମ ପରମ୍ପରାରେ ଅଛି । ଏଥିରୁ ଗୋଟିଏ ହେଉଛି 'ଅକାଳ କୁଷ୍ମାଣ୍ଡ' । 'କୁଷ୍ମାଣ୍ଡ'ର ଅର୍ଥ ପାଣିକଖାରୁ । ଏହି ଶବ୍ଦର ବ୍ୟୁତ୍ପତ୍ତି କହେ- ଏହାର ଅଣ୍ଡ ବା ବୀଜରେ ଉଷ୍ମତା ଥିବାରୁ ଏପରି ନାମକରଣ ହୋଇଛି । ଏଇଥିରୁ ଆସିଛି 'ଅକାଳକୁଷ୍ମାଣ୍ଡ' ପରି ପ୍ରସଙ୍ଗ । ବସ୍ତୁଗତ ଦୃଷ୍ଟିରୁ ବିଚାର କଲେ, 'ଅକାଳକୁଷ୍ମାଣ୍ଡ' ହେଉଛି ଅକାଳରେ ବା ଅସମୟରେ ଫଳିଥିବା ପାଣିକଖାରୁ । ପାଣିକଖାରୁର ଉପଯୋଗ ସାଧାରଣତଃ ଦୁଇଟି କାର୍ଯ୍ୟରେ କରାଯାଇଥାଏ । ଗୋଟିଏ ଖାଦ୍ୟ ଭାବରେ ଓ ଅନ୍ୟଟି ବଳି ଭାବରେ । ବଳି ରୂପେ, ପଶୁବଳିର ବିକଳ୍ପ ଭାବରେ ଏହାର ବ୍ୟବହାର ହୁଏ । କିନ୍ତୁ ଅସମୟରେ ଫଳିଥିବା ପାଣିକଖାରୁକୁ ଖାଦ୍ୟ ଭାବରେ ବା ବଳି ରୂପେ ବ୍ୟବହାର କରାହୁଏ ନାହିଁ । ଏଥିପାଇଁ ଶାସ୍ତ୍ରରେ ନିଷେଧ ରହିଛି । କିନ୍ତୁ ଗୋଟିଏ ପୁରାଣ-ପ୍ରସଙ୍ଗ ଏକ ବ୍ୟାପକ ଅର୍ଥ ଦେଇଛି । ତାହା ଯୋଗୁଁ 'ଅକାଳକୁଷ୍ମାଣ୍ଡ' ଏକ ପ୍ରତୀକ ପାଲଟି ଯାଇଛି । ପ୍ରସଙ୍ଗଟି 'ମହାଭାରତ'ର । କୌରବମାନେ ଥିଲେ ଶହେ ପୁଅ । ସେମାନଙ୍କର ମାଆ ଥିଲେ ଗାନ୍ଧାରୀ । କଥିତ ଅଛି ଯେ ଗର୍ଭମାସ ନ ପୂରୁଣୁ ଗାନ୍ଧାରୀଙ୍କ ଗର୍ଭରୁ ପାଣିକଖାରୁ ପରି ଏକ ମାଂଶପିଣ୍ଡ ପ୍ରସବ ହେଲା । ସେହି ମାଂସପିଣ୍ଡରୁ ଦୁର୍ଯ୍ୟୋଧନ ଆଦି ଶତପୁତ୍ର ଜନ୍ମଗ୍ରହଣ କଲେ । ସେମାନେ କୁରୁବଂଶର ବିନାଶର କାରଣ ହୋଇଥିଲେ । ତେଣୁ ଏହାକୁ 'ଅକାଳ କୁଷ୍ମାଣ୍ଡ' ସହ ଯୋଡାଯାଇ, କୁଳାଙ୍ଗାର ବା କୁଳପାଂଶୁଳ ସନ୍ତାନମାନଙ୍କୁ 'ଅକାଳ କୁଷ୍ମାଣ୍ଡ' କୁହାଯାଇଛି । କିନ୍ତୁ ଶିଖଧର୍ମର ପରମ୍ପରାରେ 'ଅକାଳ' ହେଉଛନ୍ତି - କାଳ ବା ସମୟର ଉର୍ଦ୍ଧ୍ୱରେ ଥିବା ପରମାତ୍ମା ପରଂବ୍ରହ୍ମା । ସେ ହେଉଛନ୍ତି- ଚିରନ୍ତନ ସତ୍ୟ । ତେଣୁ ସେମାନେ 'ସତ୍‌ଶ୍ରୀ ଅକାଲ' କହିଥାଆନ୍ତି । ଏହି 'ଅକାଳ' ହେଉଛନ୍ତି ଆମର 'କାଳ' ବା 'ମହାକାଳ' । 'କାଳ' ଭଗବାନ ବିଷ୍ଣୁଙ୍କୁ ବୁଝାଏ । ସେଥିପାଇଁ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି, "କଳନାକାରୀଙ୍କ ମଧ୍ୟରେ ମୁଁ ହେଉଛି କାଳ ।" ଆଉ ଆମର ଶିବ ତ ସ୍ୱୟଂ 'ମହାକାଳ' ।

# ବିଚିତ୍ର ରୋଗ : ଓସିଡି



ପ୍ରତି ୨୦ ଜଣରେ ୩ ଜଣ ଲୋକ ଓସିଡି(ଓସ୍‌ବେସିଭ୍ କମ୍ପଲସିଭ୍ ଡିସ୍‌ଅର୍ଡର) ରୋଗରେ ଆକ୍ରାନ୍ତ । ଏହା ଏକପ୍ରକାର ମାନସିକ ରୋଗ, ଯେଉଁଥିରେ ଆକ୍ରାନ୍ତ ହେବା ପରେ ରୋଗୀ ନିଜ ନିୟନ୍ତ୍ରଣରେ ରହିପାରେ ନାହିଁ । ଇଚ୍ଛା ନଥିଲେ ମଧ ଆମେ ଗୋଟିଏ କାମକୁ ବାରମ୍ବାର କରିଚାଲୁ । ଉଦାହରଣ ସ୍ୱରପ, ଆବଶ୍ୟକତାଠାରୁ ଅଧିକ ପରିଷ୍କାର ରହିବା, ଘରର ମୁଖ୍ୟ ଦୁଆର ଠିକ୍ ଭାବେ ବନ୍ଦ ହୋଇଛି କିମ୍ବା ନାହିଁ ବାରମ୍ବାର ଦେଖିବା, ପ୍ରତି କକ୍ଷରେ ବିଜୁଳି ବତି ବନ୍ଦ ହୋଇଛି କିମ୍ବା ଭୟ ମନରେ ରହୁଥିବା । ଯେ କୌଣସି ସ୍ଥାନକୁ ଛୁଇଁଲେ, ହାତକୁ ସବୁବେଳେ ଧୋଇବା ଇତ୍ୟାଦି । ବିଶେଷଜ୍ଞଙ୍କ ମନରେ ଏହା ଏକ ପ୍ରକାରର ରୋଗ । ଦିଲ୍ଲୀର ନୋଏଡାସ୍ଥିତ ଡାକ୍ତର ଅଧୁନା ଧୱନ୍‌ଙ୍କ ମତରେ ତାଙ୍କ ପାଖକୁ ଏଭଳି ସଂଖ୍ୟାଧିକ ରୋଗୀ ଆସିଥାନ୍ତି । କିଛିଦିନ ତଳେ ଜଣେ ମହିଳା ଆସିଥିଲେ । ତାଙ୍କ ବ୍ୟବହାରରେ ପରିବାରଲୋକ ଅତିଷ୍ଠ ହୋଇଗଲେଣି ବୋଲି ମହିଳାଜଣକ କହିଥିଲେ । ପ୍ରତି ସ୍ଥାନ ତାଙ୍କୁଚ ଅପରିଷ୍କାର ଲାଗୁଥିବାବେଳେ ତାଙ୍କର ଏଇ ଚିନ୍ତା ପାଇଁ ୬ ମାସର କୁନିଝିଅକୁ ମଧ ଦିନକୁ ସେ ୫-୬ଥର ଓଦା କପଡାରେ ପୋଛି ଦେଉଥିଲେ । ଏଥିପାଇଁ ପିଲାକୁ ସବୁବେଳେ ଥଣ୍ଡା, ସର୍ଦ୍ଦି । ବିଶେଷଜ୍ଞଙ୍କ ମତରେ ଏଇ ରୋଗ ପାଇଁ କୌଣସି ଔଷଧ ନାହିଁ । ଚିକିତ୍ସା ହେଉଛି ବ୍ୟକ୍ତିର ନିକଟତମ ଲୋକ ତାଙ୍କୁ ଠିକ୍ ଓ ଭୁଲ୍ ବାବଦରେ ଅବଗତ କରାଇବା ।

# ଓଜନ ହ୍ରାସ ହେଉଥିଲେ ସାବଧାନ ରୁହନ୍ତୁ




● ଅବସାଦ ଯୋଗୁ ଭୋକ କମ୍ ଲାଗିଥାଏ । କମ୍ ଖାଇବା ଯୋଗୁ ଶରୀରକୁ ଜରୁରୀ ଇନ୍ଧନ ମିଳିପାରେ ନାହିଁ । ଏପରିସ୍ଥଳେ ଶରୀରରେ ଜମି ଯାଇଥିବା ଫ୍ୟାଟ୍ ତରଳି ଗ୍ଲୁକୋଜରେ ପରିବର୍ତ୍ତିତ ହୋଇଥାଏ ଓ ଶରୀର ଏହାକୁ ଇନ୍ଧନ ଭାବରେ ବ୍ୟବହାର କରିଥାଏ । ଏହି କାରଣରୁ ମଧ ଓଜନ କମ୍ ହୋଇଥାଏ ।

● କ୍ୟାନ୍‌ସରର ଏକ ତୃତୀୟାଂଶ ମାମଲାରେ ବିଶେଷ କରି ବୟସ୍କ ଲୋକମାନଙ୍କର ଓଜନ ହ୍ରାସ ପାଇଥାଏ । ଏହାର କାରଣ କ୍ୟାନ୍‌ସରର କୋଷିକାଗୁଡିକ ଦ୍ରୁତ ଗତିରେ ବଢୁଥାନ୍ତି ଓ ସେଥିପାଇଁ ବ୍ୟକ୍ତିକୁ ଅଧିକ ଶକ୍ତିର ଆବଶ୍ୟକତା ଥାଏ ।

● ଦ୍ରୁତଗତିରେ ଓଜନ ହ୍ରାସ ପାଉଥିଲେ ଏହା ମାନସିକ ସ୍ତରରେ ଦୁର୍ବଳତା ମଧ ହୋଇପାରେ । ଯଦି କୌଣସି ବ୍ୟକ୍ତି ମାନସିକ ସ୍ତରରେ ଚିନ୍ତିତ ଅଛି ବା ତାର ଚିକିତ୍ସା ଚାଲିଛି ତେବେ ସେହି ବ୍ୟକ୍ତିର ଓଜନ ଦ୍ରୁତ ଗତିରେ ବୃଦ୍ଧି ପାଇଥାଏ ବା ହ୍ରାସ ପାଇଥାଏ ।

● ଅନେକ ମାମଲାରେ ଚାପ ଯୋଗୁ ଓଜନ ହ୍ରାସ ପାଇଥାଏ । ଖରାପ ସ୍ଥିତିରେ ବା କଠିନ ପରିସ୍ଥିତିରେ ମଧ ବ୍ୟକ୍ତିର ଓଜନ ହ୍ରାସ ପାଇଥାଏ । ଯେତେବେଳେ ଆମେ କମ୍ ଖାଦ୍ୟ ଖାଉ ସେତେବେଳେ ଶରୀରକୁ କ୍ୟାଲୋରୀ ବା ଶକ୍ତି ମିଳିପାରେ ନାହିଁ । ଏପରି ସ୍ଥିତିରେ ପୋଷକ ତତ୍ତ୍ୱର ଅଭାବରେ ଆମର ପ୍ରତିଯୋଧକ କ୍ଷମତା କମ୍ ହୋଇଯାଏ । ଏହା ବ୍ୟତୀତ ଲିଭର ବା ହୃଦୟର ସମସ୍ୟାର କାରଣରୁ ଓଜନ ହ୍ରାସ ହୋଇଥାଏ । ସେଥିପାଇଁ ଓଜନ ହ୍ରାସ ପାଇଲେ ଅଣଦେଖା କରିବା ଉଚିତ୍ ନୁହେଁ ।

# ଚଇତେ ନିମଚକୁଳି ଖାଇ

ଓଡିଆରେ ଗୋଟିଏ କଥା ଅଛି- "ପୁଷେ ଖଇ, ମାଘେ ଦହି, ଚଇତେ ନିମଚକୁଳି ଖାଇ ।" ଏହା ଆମକୁ ସୂଚାଏ ଯେ ପୌଷ ମାସରେ ଖଇ ଓ ମାଘ ମାସରେ ଦହି ପରି, ଚୈତ୍ର ମାସରେ ନିମଚକୁଳି ଖାଇବା ଆମ ସ୍ୱାସ୍ଥ୍ୟ ପକ୍ଷେ ହିତକର । ଚୈତ୍ୟ ମାସ ଫାଲ୍‌ଗୁନ ପରବର୍ତ୍ତୀ ଓ ବୈଶାଖର ପୂର୍ବବର୍ତ୍ତୀ ମାସ । ଏହିଠାରୁ ବସନ୍ତ ଋତୁ ଶେଷ ହୁଏ ଏବଂ ଗ୍ରୀଷ୍ମ ଋତୁ ଆରମ୍ଭ ହୁଏ । ଏହି ସମୟକୁ ନିମ ଗଛରେ ନୂଆପତ୍ର କଅଁଳି, କଢି ଧରେ ଓ ଫୁଲ ଫୁଟେ । ପ୍ରକୃତି ଆମ ପାଇଁ ସବୁ ସ୍ୱାସ୍ଥ୍ୟକର ଉପାଦାନ ବା ରୋଗ ପ୍ରତିରୋଧକ ଖଞ୍ଜିରଖିଛି, ସେସବୁ ମଧ୍ୟରୁ ନିମକଢ ବା ନିମଫୁଲ ଗୋଟିଏ । ନିମ୍ବ ବା ନିମ ଏପରି ଗୋଟିଏ ବୃକ୍ଷ ଯାହାର ପତ୍ର, ଫୁଲ, ଫଳ, ମଞ୍ଜି, ଛେଲି ଭଳି ରହିଛି । ଏ ଦୃଷ୍ଟିରୁ ଏହା 'ଈଶ୍ୱରୀୟ ବୃକ୍ଷ' ରୂପେ ବିବେଚିତ ହୁଏ । ଦେବତାଙ୍କର ପ୍ରତିମା ଗଠନପାଇଁ ମଧ୍ୟ ଏହି ବୃକ୍ଷ ଅତ୍ୟନ୍ତ ଉପଯୋଗୀ । ଏ ଦୃଷ୍ଟିରୁ ଶ୍ରୀଜଗନ୍ନାଥଙ୍କର ଦାରୁବିଗ୍ରହ ଏହି ବୃକ୍ଷରେ ହିଁ ଗଠିତ ହୋଇଥାଏ । ଶୀତ ଋତୁର ପତ୍ରଝରା ପରେ, ବସନ୍ତଋତୁର ଦ୍ୱିତୀୟ ମାସ ଏହି ଚୈତ୍ର ବେଳକୁ ନିମ ଗଛରେ ପତ୍ର କଅଁଳେ । ତାହା ଈଷତ୍ ଲାଲ ଓ ସବୁଜ ରଙ୍ଗର ହୋଇଥିବାବେଳେ, ଗାଢ ସବୁଜ ରଙ୍ଗ ଧାରଣ କରେ । କଅଁଳ ପତ୍ର ସହିତ ନିମଗଛରେ କଢି ମଧ୍ୟ ଧରେ ଓ ଫୁଲ ଫୁଟେ । ଏହି ଫୁଲ ଧଳା ଓ ସୁଗନ୍ଧଯୁକ୍ତ ହୋଇଥାଏ । ଫୁଲଗୁଡିକ ୫-୬ ମିଲିମିଟର ଏବଂ ଏହାର ଡେମ୍ପ ପ୍ରାୟ ୨୫ ମିଲିମିଟର ହୋଇଥାଏ । ଏହା ପେନ୍ଥା ହୋଇ ଫୁଟେ ଏବଂ ପ୍ରତି ପେନ୍ଥାରେ ପ୍ରାୟି ୧୫୦ରୁ ୨୫୦ଟି ଫୁଲ ବା କଢି ରହିଥାଏ। ଏହି ନିମ କଢକୁ ତୋଳି ବାଇଗଣ ସହିତ ଭାଜି ଖିଆଯାଏ । ଏହା ଅତ୍ୟନ୍ତ ସ୍ୱାଦିଷ୍ଟ । କୌଣସି କୌଣସି ଅଞ୍ଚଳରେ, ଏହାକୁ ବିରିଚାଉଳର ପିଠଉ ବା ଆଣରେ ମିଶାଇ ଚକୁଳି ପିଠା ପ୍ରସ୍ତୁତ କରାଯାଏ । ଏହା ଗର୍ମକୁ ସୁସ୍ଥ ରଖେ । ଏହି ଫୁଲ ଓ କଢ଼କୁ ଖରାରେ ଶୁଖାଇ, ସାଇତି ରଖି, ଦୀର୍ଘଦିନ ପର୍ଯ୍ୟନ୍ତ ବ୍ୟବହାର ମଧ୍ୟ କରାଯାଏ । ପିତ୍ତ, କଫ, କାଶ, ଜ୍ୱର, କୃମି ଓ ବ୍ରଣ ମଧ୍ୟ ଏହା ନାଶ କରିଥାଏ । ବିଶେଷକରି ମୂତ୍ରଦୋଷ ଓ ମଧୁମେହ ନାଶକାରୀ ଗୁଣ ନିମକଢ ସମେତ ଏହାର ପତ୍ର, ଛାଲି ଓ ମଞ୍ଜି ଆଦିରେ ଥିବାରୁ, ତିକ୍ତ ରସଯୁକ୍ତ ହେଲେ ମଧ୍ୟ ଏହାର ଆଦର କ୍ରମେ ବଢିବା ଲକ୍ଷ୍ୟ କରାଯାଉଛି ।



# ଆଖି ନଥିବା ଜୀବ




ଦୁନିଆରେ ଏପରି ଅନେକ ଜୀବ ରହୁଛନ୍ତି ଯେଉଁମାନଙ୍କୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଏହିପରି ଜୀବଜନ୍ତୁଙ୍କ ଉପରେ ବୈଜ୍ଞାନିକମାନେ ଗବେଷଣା କରୁଛନ୍ତି । ସେହିପରି ଏ ଅଜବ ଜୀବ ମେକ୍ସିକୋରେ ଦେଖିବାକୁ ମିଳିଛି । ମେକ୍ସିକୋର ସମୁଦ୍ର କୂଳରେ ଏହି ଅଜବ ଜୀବକୁ ଲୋକମାନେ ଦେଖିଥିଲେ ଓ ତା'ର ଆଖିନାହିଁ ଓ ତାର ଦାନ୍ତ ମୁନିଆଁ । ତାର ମୁଣ୍ଡ ଡଲ୍‌ଫିନ୍ ପରି କିନ୍ତୁ ତାର ଲାଞ୍ଜ ବେଙ୍ଗ ଛୁଆ ପରି । ସ୍ଥାନୀୟ ଲୋକମାନଙ୍କ ଅନୁସାରେ ପ୍ରଶାନ୍ତ ମହାସାଗରର ଗଭୀରତମ ପ୍ରଦେଶରୁ ଏହା ବାହାରକୁ ଚାଲି ଆସିଛି ଓ ପାଣିର ସ୍ରୋତରେ କୂଳକୁ ଆସିଯାଇଛି । କୁହାଯାଉଛି ଯେ ପାଣିର ଗଭୀରତାକୁ ସୂର୍ଯ୍ୟଙ୍କ କିରଣ ପହଂଚିପାରେ ନାହିଁ । ସେଥିପାଇଁ ସେଠାରେ ବିନା ଆଖି ଥିବା ଜୀବ ରହନ୍ତି । ପ୍ରଥମରୁ ଲୋକମାନେ ଏହାକୁ ଏକ ମୃତ ଡଲ୍‌ଫିନ ବୋଲି ଭାବିଥିଲେ । ପ୍ୟୁର୍ତୋ ଭାଲାର୍ଟାର ଏକ ହଜାର ମିଟରର ଗଭୀରତାରେ ଏକ ସମୁଦ୍ରୀ କ୍ଷେତ୍ର ରହିଛି । ସେହି ସ୍ଥାନରୁ ଏହି ଜୀବଟି ଆସିଥିବାର ଅନୁମାନ କରାଯାଉଛି । କିଛି ଦିନ ପୂର୍ବରୁ କାଲିଫର୍ଣ୍ଣିଆର ୟୁସୀ ସାନ୍ତା ବାରବରାର ଆମେରିକାନ ରିଭିଏରା କୂଳରେ ୭ଫୁଟ ଲମ୍ବାର ଏକ ଅଜବ ମାଛ ଦେଖାଯାଇଥିଲା । ଅନ୍ୱେଷଣକାରୀମାନେ ତାହା ହୁଡଓ୍ୱିଙ୍କର ସନଫିସ ବୋଲି କହିଥିଲେ । ସେମାନଙ୍କର ଅଧିକ ସମୟ ଲୁଚି ରହିବାର କ୍ଷମତା ଥାଏ ।

# ସେନ୍‌ସର୍ ସହାୟତାରେ ଖରାପ କ୍ଷୀର ହେବ ଚିହ୍ନଟ




ନିକଟରେ ୱାଶିଂଟନ୍ ଗବେଷକଦଳ ଉଚ୍ଚକ୍ଷମତା ସମ୍ପନ୍ନ ସେନ୍‌ସର୍ ତିଆରି ରଖିବା ଦ୍ୱାରା ଖରାପ ହୋଇଯାଇଥିବା କ୍ଷୀର ପ୍ୟାକେଟ୍ କିମ୍ବା ଡବାର ସଙ୍କେତ ଦେବ । ଅନେକ ସମୟରେ କ୍ଷୀର ପ୍ୟାକେଟ୍ ଉପରେ ଏକ୍ସପ୍ୟାରୀ ଡେଟ୍ ଲିଭି ଯାଇଥାଏ । ଆପଣ ପ୍ୟାକେଟ୍‌କୁ ସେନ୍‌ସର୍ ପାଖରେ ରଖିବା ମାତ୍ରେ ତାହା ତୁରନ୍ତ ସଙ୍କେତ ଦେବ । ସେନ୍‌ସର୍‌ରେ ଥିବା ନାନୋପାର୍ଟିକ୍ସ ସହାୟତାରେ କ୍ଷୀରର ସତେଜତା ଜାଣି ହୋଇଥାଏ ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟ ବ୍ୟତୀତ ସେନ୍‌ସରୁ ଅନ୍ୟାନ୍ୟ ତଥ୍ୟ ମଧ ଦେବ । ଯେପରି କ୍ଷୀରରେ ଅପମିଶ୍ରିତ ହୋଇଛି କିମ୍ବା ନାହିଁ । ଏ ବାବଦରେ ତଥ୍ୟ ଆପଣଙ୍କ ସ୍ମାର୍ଟଫୋନ୍‌କୁ ଆସିଯିବ ।




# ତ୍ୱଚାର ନୂତନ ଚର୍ଚ୍ଚା : 'କ୍ୟାଣ୍ଡେଲ୍ ସ୍ପା'

ମହାନଗରୀ ଦିଲ୍ଲୀ, ମୁମ୍ବାଇରେ ଏବେ ଅଧିକାଂଶ ଯୁବତୀ ଓ ମହିଳା 'କ୍ୟାଣ୍ଡେଲ୍ ସ୍ପା' ଚର୍ଚ୍ଚା କରାଇବାକୁ ପସନ୍ଦ କରୁଛନ୍ତି । ଭିନ୍ନ ଅନୁଭୂତି ବ୍ୟବହୃତ ହୋଇଥାଏ । ସୌନ୍ଦର୍ଯ୍ୟ ବିଶେଷଜ୍ଞ ମାହିରାଙ୍କ ମତରେ ଦିନକୁଦିନ ଏହି ସ୍ପାର ଲୋକପ୍ରିୟତା ବଢିବାରେ ଲାଗିଛି । ଗତ ବର୍ଷ ଜାପାନ ଗସ୍ତ ଅବସରରେ ସେ ଏହି ନୂତନ ସ୍ପାର ତାଲିମ ନେଇଆସିଛନ୍ତି । ଭାରତୀୟ ଜଳବାୟୁ ପାଇଁ କ୍ୟାଣ୍ଡେଲ୍ ସ୍ପା ଉତ୍ତମ ପ୍ରଭାବ ପକାଉଥିବାର ଗ୍ରାହକଙ୍କ ମତ । ଫେସିଆଲ୍‌ରେ ମଧ ଏହି ମହମବତିକୁ ଉପଯୋଗ କରାଯାଉଥିବାବେଳେ ଅନ୍ୟ ସ୍ପା ନିମନ୍ତେ ଗ୍ରାହକ ଅଧିକ ପସନ୍ଦ କରୁଛନ୍ତି । କ୍ୟାଣ୍ଡେଲ୍ ସ୍ପାର ସୁଗନ୍ଧରେ ମାନସିକ ଶାନ୍ତି ମିଳିବା ସହ ଜଣେ ଅବସାଦମୁକ୍ତ ମଧ ହୋଇପାରିଥାଏ । କର୍ମଜୀବୀ ମହିଳା ଏହି ସ୍ପା କରାଇବାକୁ ଆଗ୍ରହ ପ୍ରକାଶ କରୁଥିବାର ଦେଖାଯାଉଛି । କ୍ୟାଣ୍ଡେଲ୍ ସ୍ପାର ମୂଲ୍ୟ ୧,୫୦୦-୯,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି ।






# ଆଲମାରିର ପ୍ରକୃଷ୍ଟ ସ୍ଥାନ

ବାସ୍ତୁଶାସ୍ତ୍ରରେ ଘରର ପ୍ରତ୍ୟେକ କୋଣର ଏକ ବିଶେଷତ୍ୱ ରହିଛି । ଆସବାବପତ୍ର ମଧ୍ୟରେ ଆଲମାରି ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସେଥିରେ ଆମେ ଆବଶ୍ୟକ ସାମଗ୍ରୀ ସହ ଟଙ୍କା, ଗହଣା, ପୋଷାକପତ୍ର ସୁରକ୍ଷିତ ଭାବେ ରଖିଥାଉ ।

♦ ଘରର ଦକ୍ଷିଣ-ପଶ୍ଚିମ ଦିଗରେ ହିଁ ଆଲମାରି ରହିବା ଉଚିତ । ଏହି ଦିଗରେ ଆଲମାରି ଥିଲେ ଟଙ୍କା, ପଇସାର ଅଭାବ ହେଉନଥିବାର ବାସ୍ତୁବିତ୍‌ଙ୍କ ମତ । ଉତ୍ତର-ପୂର୍ବ କୋଣରେ ଆଲମାରି ରଖିବା ଅଶୁଭ ଫଳ ପ୍ରଦାନ କରିଥାଏ ।

♦ ଆଲମାରିର କବାଟ ଦକ୍ଷିଣ ଦିଗକୁ ଖୋଲିବା ଘରେ ନିୟମିତ ଅଭାବଅସୁବିଧାର କାରଣ ହୋଇଥାଏ ।

♦ ଭୂମି ଉପରେ ନ ରଖି କୌଣସି ଏକ ଷ୍ଟାଣ୍ଡ ଉପରେ ଆଲମାରି ରଖିବା ଉଚିତ ।

♦ ଆଲମାରି ଭିତରେ ଥିବା ଲକର୍ ବାକ୍ସକୁ କେବେହେଲେ ଖାଲି ରଖନ୍ତୁ ନାହିଁ । ହାଲକା ଗହଣା, ଅଳ୍ପ କିଛି ଟଙ୍କା ସବୁ ସମୟରେ ରହିବା ଶୁଭଫଳ ପ୍ରଦାନ କରେ ।

♦ ଏହା ସହ ଆପଣ ୫-୬ଟି ରୂପା ମୁଦ୍ରା ମଧ ଆଲମାରିରେ ରଖନ୍ତୁ । ଏପରି କଲେ ଟଙ୍କା, ପଇସାର ଅଭାବ ହୋଇନଥାଏ ।

♦ ଆଲମାରି ଚାରିପାଖେ ଓ ଭିତରର ଜିନିଷକୁ ବ୍ୟବସ୍ଥିତ ରଖିଲେ ଶୁଭଫଳ ମିଳିଥାଏ ।



# ସୁସ୍ଥତାର ସୂତ୍ର : ଉପବାସ

'କିଟୋ ଡାଏଟ୍'ପରେ ବଲିଉଡ ତାରକାମାନେ ଏବେ ଅନ୍ୟ ଏକ ପ୍ରକାରର ଖାଦ୍ୟପାନୀୟ ତାଲିକାରେ ନିଜକୁ ସାମିଲ କରାଇଛନ୍ତି । ନୂତନ ଧରଣର ଏଇ ପ୍ରଣାଳୀର ନାମ 'ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗ' । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ୩-୪ ମାସ ମଧରେ ଏହି ପ୍ରକ୍ରିୟାରେ ଜଣେ ବ୍ୟକ୍ତିର ଓଜନ ହ୍ରାସ ପାଇଥାଏ । ଦିନେ ଛଡା ଦିନେ ଉପବାସ କରିବା ହିଁ ପ୍ରମୁଖ ନିୟମ । ଉପବାସ ରହିବା ଦ୍ୱାରା ଆମ ଯକୃତରେ ଏକ ବିଶେଷ ଧରଣର ପ୍ରୋଟିନ୍ ପ୍ରସ୍ତୁତ ହୋଇଥାଏ, ଯାହା ଶରୀରର ରୋଗପ୍ରତିରୋଧକ ଶକ୍ତି ବଢାଇବାରେ ଖୁବ୍ ସହାୟକ ।

■ ସିଡ୍‌ନୀ ବିଶ୍ୱବିଦ୍ୟାଳୟର ଗବେଷକସମୂହ ମୂଷାଙ୍କ ଉପରେ ଏଇ ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗ ପ୍ରୟୋଗ କରିବା ପରେ ସମାନ ତଥ୍ୟ ପ୍ରକାଶ କରିଛନ୍ତି । ଦିନେ ଛଡା ଦିନେ ଉପବାସ କରିବା ଦ୍ୱାରା ତାହା ବରଂ ଶରୀରକୁ ଶକ୍ତି ଯୋଗାଇଥାଏ । ୨୫-୪୫ ବର୍ଷ ବୟସର ଲୋକ ଏଇ ଉପାୟରେ ନିଜ ଓଜନ କମ୍ କରିପାରିବେ । ବୟସ୍କ ପିଢି ଏସବୁ ପ୍ରଣାଳୀକୁ ଆପଣେଇବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବାର ଭୟ ରହିଛି ।

■ ଉପବାସ ସମୟରେ ଆବଶ୍ୟକ ପରିମାଣରେ ପାଣି ପିଇବା ଜରୁରୀ । ନଚେତ୍ ଏହି ଉପବାସ ନକାରାତ୍ମକ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିବାର ଭୟ ରହିଛି ।

# ଗଞ୍ଜାମ ଜିଲ୍ଲାରେ ଆଉ ଜଣେ କରୋନା ପଜିଟିଭ୍ ଚିହ୍ନଟ

## ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୫୯୮ କୁ ବୃଦ୍ଧି : ପୁଣି ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ, ଜିଲ୍ଲାରେ ମୃତ୍ୟୁ ସଖ୍ୟା ୪କୁ ବୃଦ୍ଧି

ଗଞ୍ଜାମ,୮/୬ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଆଜି ଆଉ ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୫୯୮ କୁ ବୃଦ୍ଧି ପାଇଛି । ଗତକାଲି ଜିଲ୍ଲାରେ ସର୍ବାଧିକ ୬୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ । ଗତକାଲି ସଂନ୍ଧ୍ୟା ସୁଦ୍ଧା ଜିଲ୍ଲାରେ ଆକ୍ରାନ୍ତଙ୍କ ୫୯୭ ଥିଲା । ନୂଆ ଚିହ୍ନଟ ହୋଇଥିବା ଆକ୍ରାନ୍ତ ଜଣକର ସୁରତ ଲିଙ୍କ୍ ରହିଥିବା ଏବଂ ସେ ଅସ୍ଥାୟୀ କ୍ୱାରେଂଟାଇନ ସେଂଟରର ବୋଲି ଜଣାପଡଛି । ପ୍ରକାଶ ଥାଉ କି, ଅଦ୍ୟାବଧି ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଛଅ ଶହ ଛୁଇଁବାକୁ ବସିଛି । ପୂର୍ବରୁ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଆଜି ଆଉ ଜଣକର ମୃତ୍ୟୁ ଘଟିଥିବା ନେଇ ସରକାରୀ ସ୍ତରରେ ଘୋଷଣା କରାଯାଇଛି । ଫଳରେ ଗଞ୍ଜାମ ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧି ପାଇଛି । ଏହି ୫୫ ବର୍ଷିୟ ମୃତ ବ୍ୟକ୍ତି ଜଣକ ସୁରତ ଫେରନ୍ତା । ସେ ଯକ୍ଷ୍ମା ଓ ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥିଲେ ।

# ଉମି ସଦାଫ ଟ୍ରଷ୍ଟ ପକ୍ଷରୁ ସଂଗରୋଧ ଗୃହକୁ ସାନିଟାଇଜେସନ

ଧର୍ମଶାଳା,୮/୬ (ନି.ପ୍ର): ଦେଶରେ କେରୋନା ସଂକ୍ରମଣ ଥମିବାର ନାଁ ନେଉ ନାହିଁ । ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢିବଢି ଚାଲିଛି । ସେହିପରି ରାଜ୍ୟରେ ମଧ୍ୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି । ଏଥି ସହିତ ପ୍ରବାସୀ ଓଡିଆମାନଙ୍କ ସଂଖ୍ୟା ବଢି ଚାଲିଛି । ସେମାନଙ୍କୁ ନିଜ ନିଜ ଅଂଚଳର ସଂଗେରୋଧ ଗୃହରେ ରହିବା ପାଇଁ ସରକାରଙ୍କ ନିୟମ ରହିଛି । ହେଲେ ଏହି ସଂଗରୋଧ ଗୃହମାନଙ୍କୁ ଠିକ୍ ସମୟରେ ସାନିଟାଇଜେସନ କରାଯାଉ ନ ଥିବା ବହୁ ସମୟରେ ଅଭିଯୋଗ ହୋଇଛି । ଏହି ସାନିଟାଇଜେସନ କରିବା ପାଇଁ କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଗେଇ ଆସିଛନ୍ତି । ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଏମସି ଉମି ସଦାଫ ଟ୍ରଷ୍ଟ ପକ୍ଷରୁ ସାନିଟାଇଜେସନ କରାଯାଉଥିବା ଦେଖିବାକୁ ମିଳିଛି । ଟ୍ରଷ୍ଟର ସମସ୍ତ ସଭ୍ୟମାନଙ୍କ ଉପସ୍ଥିତିରେ ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରକୁ ସାନିଟାଇଜେସନ କରାଯାଇଛି । ଏହି ବିଦ୍ୟାଳୟ ପ୍ରବାସୀ ଓଡିଆମାନେ ରହୁଥିବା ବେଳେ ଏହି ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବିଶୋଧନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ରହ୍ମବରଦା ସରପଂଚ ବିଜୟ ଦାସଙ୍କ ସମେତ ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଜୟପୁର ପ୍ରେସ୍ କ୍ଲବର ବୈଠକ, ବିକାଶମୂଳକ କାର୍ଯ୍ୟରେ ସାମିଲ୍ ପାଇଁ ନିଷ୍ପତ୍ତି

ଜୟପୁର,୮/୬ (ନି.ପ୍ର): ଜୟପୁର ପ୍ରେସ୍ କ୍ଲବର ଗୁରୁତ୍ୱପୂର୍ଣ୍ଣ ବୈଠକ ଲେକପ୍ଲାସିଡ ଠାର କ୍ଲବ ସାଧାରଣ ସମ୍ପାଦକ ସୁରେଶ ନାଇଡୁଙ୍କ ଆହ୍ୱାନରେ ଆୟୋଜିତ ହୋଇଛି । କ୍ଲବର ଆଇନ ପରାମର୍ଶଦାତା ଭାବେ ଜୟପୁର ବରିଷ୍ଠ ଆଇନଜୀବି କେ. ଭି.ଏସ ନାନାଜି ଆଚାରିଙ୍କୁ ଚୟନ କରାଯାଇ ଫୁଲ ତୋଡା, ଉତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା । ବୈଠକରେ ସଭାପତି ସତ୍ୟ ପଟ୍ଟନାୟକ, ଉପ ସଭାପତି ପଦ୍ମନାଭ ହୋତା ଉପସ୍ଥିତ ରହି ଜୟପୁରର ବିକାଶମୂଳକ କାର୍ଯ୍ୟ କରିବା ସହ ସହରର ଟୟଲେଟ ନଥିବାରୁ ସାଧାରଣ ଲୋକ ହଇରାଣ ହେଉଥିବାରୁ କ୍ଲବ ତରଫରୁ ପୌର କାର୍ଯ୍ୟନିର୍ବାହି ଅଧିକାରିଙ୍କୁ ଦାବୀ ପତ୍ର ପ୍ରଦାନ ପାଇଁ ସ୍ଥିର କରାଯାଇଥିଲା । ଏହା ସହ ବୃକ୍ଷରୋପଣ, ଗରିବ ଛାତ୍ର ଛାତ୍ରୀଙ୍କୁ ଖାତା, ପେନ୍ ବଂଟନ କରି ସହରର ବିକାଶମୂଳକ କାର୍ଯ୍ୟରେ ସାମିଲ୍ ହେବା ପାଇଁ ଆଲୋଚନା ହୋଇଥିଲା । ଜିଲା ପ୍ରଶାସନର ବିକାଶମୂଳକ କାର୍ଯ୍ୟରେ କ୍ଲବ ସଦସ୍ୟ ମାନେ ସାମିଲ ହେବା ପାଇ ନିଷ୍ପତି ହୋଇଛି । ଆଗାମି ଦିନରେ କ୍ଲବର ବାର୍ଷିକ ଉତ୍ସବ ଆୟୋଜନ ନେଇ ବୈଠକରେ ଆଲୋଚନା ହୋଇଥିଲା । ଆଇନଜୀବି ନାନାଚି ଆଚାରି କ୍ଲବର ଆଇନ ପରମର୍ଶଦାତା ଭାବେ ଯୋଗଦେଇ ଖୁସି ପ୍ରକଟ କରିବା ସହ ସାମ୍ବାଦିକଙ୍କୁ ଆଇନ୍ ପରାମର୍ଶ ଦେବା ସହ ସମାଜିକ ମାନସିକ ସ୍ତରରେ ସୁରକ୍ଷା ଦେବାକୁ ପ୍ରତିଶୃତି ଦେଇଥିଲେ । ବୈଠକରେ କାର୍ଯ୍ୟକାରି ସଭାପତି ରବି ନାୟକ, ଉପଦେଷ୍ଟା ପ୍ରମୋଦ ପଟ୍ଟନାୟକ, ସୁବାସ ଦାସ, ଯୁଗ୍ମ ସମ୍ପାଦକ ପବନ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ତରୁଣ ମହାପାତ୍ର, ରଶ୍ମିକାନ୍ତ ରଥ, କେ. ଶ୍ରିନିବାସ ରାଓ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ ।

# ପଦ୍ମଶ୍ରୀ କମଳା ପୁଜାରୀ ଅସୁସ୍ଥ, ଜିଲା ଚିକିତ୍ସାଳୟରେ ଭର୍ତ୍ତି

ଜୟପୁର,୮/୬ (ନି.ପ୍ର): କୋରାପୁଟ ଜିଲାର ଗର୍ବ ଓ ଗୌରବ ପଦ୍ମଶ୍ରୀ କମଳା ପୁଜାରି ଅସୁସ୍ଥ ହୋଇଛନ୍ତି । ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତି ହୋଇଛନ୍ତି । ପଦ୍ମଶ୍ରୀ କମଳା ଧାନର ଉତ୍ପତିସ୍ଥଳିରେ ଓଡ଼ିଶାରେ ରହିଥିବା ପାରମ୍ପରିକ ଧାନ କିସମ ସଂରକ୍ଷଣ କ୍ଷେତ୍ରରେ ଲୋପ ପାଇଯାଉଥିବା ଦେଶି ଧାନକୁ ସଂଗ୍ରହ ଓ ସଂରକ୍ଷଣ କରି ଜିଲା, ରାଜ୍ୟ ଓ ଦେଶକୁ ବିଶ୍ୱଦରବାରରେ ପରିଚିତ କରିଥିବା ଏକ ଆଦିବାସୀ ମହିଳା ହେଉଛନ୍ତି ଜୟପୁର ବ୍ଲକର ପାତ୍ରପୁଟ ଅଂଚଳର କମଳା ପୁଜାରୀ । ନିଜେ ଅବହେଳିତ ଓ ଅସହାୟ ହୋଇ ଆଗାମି ପିଢି ପାଇଁ ଦୁର୍ଲଭ ଦେଶି ଧାନର ସଂଗ୍ରହ କରି ନିଜ ପାଇଁ ପରିଚୟ ସୃଷ୍ଟି କରିପାରିଛନ୍ତି । କୃଷି ବୈଜ୍ଞାନିକ ମାନଙ୍କ ପାଇଁ ଉଦାହରଣ ପାଲଟିଥିବା ଏପରି ଜଣେ ମହାନ ଆଦିବାସୀ ମହିଳା ବିଲୁପ୍ତ ଦେଶି ଧାନ ସଂରକ୍ଷଣ ନିମନ୍ତେ ବିଶ୍ୱ ତତ୍ପରତା ଦେଖାଦେଇଛି । ଜଣେ ମହିଳା ହୋଇଥିବା ବେଳେ ଦୀର୍ଘ ୧୫ ବର୍ଷ ହେବ ଲୋପ ପାଇଯାଇଥିବା ଏକଶହରୁ ଅଧିକ ଦେଶୀ ଧାନକୁ ନିଜ କ୍ଷେତରେ ଚାଷ କରି ଭବିଷ୍ୟତ ପିଢି ପାଇଁ ସଂଗ୍ରହ କରିଛି । କାରଣ ବର୍ତମାନ ହାଇବ୍ରିଡ୍ ଧାନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବାରୁ ଧିରେ ଧିରେ ଦେଶୀ ଧାନ ଲୋପପାଉଛି । ପାରମ୍ପରିକ ରିତିରେ ବିନା ସରକାରୀ ଔଷଧ ସାହାଯ୍ୟରେ କେବଳ ଗୋବର ଖତ ଦ୍ୱାରା କଳାଜିରା, ହଳଦିଗଣ୍ଠି, ଝିଲ୍ଲୀ, ଲଦିଆରି, ଉମୁରିଆଚୁଡି, ଲଲାଟ, ଘିଆ ଧାନ, ବରପକ ଆଦି ଧାନ ସଂରକ୍ଷଣ କରିଛନ୍ତି । ଏହି ବିହନ ୧୦ ବର୍ଷରୁ ଉର୍ଦ୍ଧ ସମୟ ପର୍ଯ୍ୟନ୍ତ ସୁରକ୍ଷିତ ହୋଇ ରହିପାରିବ । ଏହି କାର୍ଯ୍ୟରେ ପ୍ରଥମେ ସହଯୋଗ କରିବା ସହ ସହାୟତାରେ ହାତ ବଢାଇଥିଲେ ଜୟପୁରସ୍ଥିତ ଏମ.ଏସ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ । ବୈଜ୍ଞାନିକ ଏମ ଏସ ସ୍ୱାମୀନାଥନ ନିଜ ସହିତ ଆଫ୍ରିକା ନେଇ ସେଠାରେ ବିଭିନ୍ନ କୃଷି କ୍ଷେତ୍ର ବୁଲାଇ ଥିଲେ । ଏହା ସହ ଦେଶି ଧାନ ସଂରକ୍ଷଣ କ୍ଷେତ୍ରରେ ବିଭିନ୍ନ ମାର୍ଗ ଦର୍ଶନ କରିବା ସହ ସ୍ଥାନୀୟ ଅନୁଷ୍ଠାନ ତରଫରୁ ବିହନ ଓ ତାଲିମ ମଧ୍ୟ ଦେଇଥିଲେ । ୨୦୦୨ ରେ ଜୋହାନ୍ସବର୍ଗ ଠାରେ ଆୟୋଜିତ ବିଶ୍ୱ ଚିରନ୍ତନ ବିକାଶ ସମ୍ମିଳନୀରେ ଇକ୍ୱେଟର୍ ଇନିସିଏଟିଭ୍ ପୁରସ୍କାର, ୨୦୦୩ ରେ ନୂଆଦିଲ୍ଲୀରେ କୃଷି ବିଷାରଦ ସମ୍ମାନ, ୨୦୦୪ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୃଷି ସମ୍ମାନରେ ସମ୍ମାନିତ ସହ ରାଜ୍ୟସ୍ତରୀୟ ପର୍ବରେ ମଧ୍ୟ ସମ୍ମାନିତ ହୋଇଛି । ଆଖ ପାଖର ମହିଳା ମାନଙ୍କ ସହ ମହୁଲି, ବାଲିଗୁଡା, ବାଲିଆ, କୁମ୍ଭାରପଡା ସହ ବହୁ ଗ୍ରାମର ଗ୍ରାମବାସୀ କୁ ଏକତ୍ର କରି ପାରମ୍ପରିକ କୃଷି ପଦ୍ଧତିରେ ଚାଷ କରିବାକୁ ସଚେତନ କରିବା ସହ ବହୁ ସମିତି ରେ ମଧ୍ୟ ସଦସ୍ୟ ରହି ଏପରି କାର୍ଯ୍ୟ କରିବାକୁ ପ୍ରୋତ୍ସାହନ କରୁଥିଲେ କମଳା । କମଳା ଦୁଇ ପୁଅ ଓ ଝିଅ ଘର ସଂସାର କରି ରହୁଛନ୍ତି । ଦିର୍ଘ ଦିନ ଧରି ପଦ୍ମଶ୍ରୀ କମଳାଙ୍କ ରକ୍ତଚାପ କମ ଥିବାରୁ ସେ ଅସୁସ୍ଥ ହୋଇପଡିଥିଲେ । ଏମିତିକି ତାଙ୍କ ଔଷଧ ମଧ୍ୟ ସରିଯାଇଥିଲା । ପଦ୍ମଶ୍ରୀ କମଳାଙ୍କ ପ୍ରବଳ ଅଂଟା ବଥା ହେବାରୁ ସେ ରବିବାର ଜିଲା ଚିକିତ୍ସାଳୟରେ ଭର୍ତି ହୋଇଛନ୍ତି । କମଳାଙ୍କ ନିକଟରେ ତାଙ୍କ ପୁଅ ଧନଞ୍ଜୟ ପୁଜାରୀ ଉପସ୍ଥିତ ଅଛନ୍ତି ।

# ସରକାରୀ ଡାକ୍ତରଖାନାରେ ୬୩ ପ୍ରତିଶତ ରୋଗୀ ହ୍ରାସ

ଭଦ୍ରକ, ୮/୬ (ହି.ସ.)- କରୋନା ଭୟରେ ସାଧାରଣ ରୋଗୀ ଡାକ୍ତରଖାନା ଆସୁନାହାଁନ୍ତି । ଫଳରେ ଗତ ୩ ମାସ ମଧରେ କେବଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଓପିଡି ରୋଗୀଙ୍କ ସଂଖ୍ୟା ୬୩ ପ୍ରତିଶତ ହ୍ରାସ ପାଇଥିବା ବେଳେ ଆଇପିଡି ରୋଗୀଙ୍କ ସଂଖ୍ୟା ପ୍ରାୟ ୨୦ ପ୍ରତିଶତ ହ୍ରାସ ପାଇଛି । କରୋନା କଟକଣା ଯୋଗୁଁ ସରକାରୀ ଡାକ୍ତରଖାନାରେ ସାଧାରଣ ରୋଗୀଙ୍କ ଚିକିତ୍ସା ଉପରେ ଅଂକୁଶ ଅନ୍ୟପଟରେ ଡାକ୍ତରଖାନା ଆସିବାକୁ ଗମନା ଗମନ ଅସୁବିଧା ଯୋଗୁଁ ବହୁ ରୋଗୀ ସରକାରୀ ସ୍ୱାସ୍ଥ୍ୟରୁ ବଂଚିତ ହୋଇଥିବା ବେଳେ ସରକାରୀ ସ୍ୱାସ୍ଥ୍ୟରୁ ବଂଚିତ ହୋଇଥିବା ବେଳେ ସରକାରୀ ଡାକ୍ତରଖାନାରେ ରୋଗୀ ସଂଖ୍ୟା ଦ୍ରୁତ ହ୍ରାସ ପାଇବାରେ ଲାଗିଛି । ସରକାରୀ ଡାକ୍ତରଖାନାରେ ଅଣ-କରୋନା ଆକ୍ରାନ୍ତ ରୋଗୀଙ୍କ ପ୍ରତି ଚିକିତ୍ସା ଜନିତ ଅବହେଳା ଗରିବ ଏବଂ ମଧ୍ୟବିତ ବର୍ଗର ଲୋକଙ୍କୁ ହତାସ କରିଛି । କରୋନା ଭୟରେ ଡାକ୍ତରଖାନାରେ ସେବା ଯୋଗାଇ ଦେବା ଦୂରକୁ ଥାଉ ସ୍ପର୍ଶ କରିବାକୁ ମଧ ସାହାସ କରୁନଥିବା ଅଭିଯୋଗ ହେଉଛି । ନିକଟରେ ଦରଡା ଅଂଚଳର ଦେବେନ୍ଦ୍ର ପଣ୍ଡା ତାଙ୍କର ଜଣେ ଅସୁସ୍ଥ ସଂପର୍କୀୟଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ବର୍ହିବିଭାଗକୁ ଆଣିଥିବା ବେଳେ ଡ୍ୟୁଟିରେ ଥିବା ଡାକ୍ତର ତାଙ୍କୁ କୌଣସି ପରୀକ୍ଷା ନିରୀକ୍ଷା କରିବା ଦୂରକୁ ଥାଉ ସାମାଜିକ ଦୂରତା ରକ୍ଷା କରି କେବଳ ଔଷଧ ଚିଠା ଲେଖି ବିଦା କରିଦେଇଥିଲେ । କରୋନା ଯୋଗୁଁ ମାର୍ଚ୍ଚ ଅପ୍ରେଲ ଏବଂ ମିଇ ୩ ମାସରେ ବର୍ହିବିଭାଗରେ ୬୩ ପ୍ରତିଶତ ଏବଂ ଅନ୍ତ ବିଭାଗରେ ପ୍ରାୟ ୨୦ ପ୍ରତିଶତ ରୋଗୀ ହ୍ରାସ ପାଇଛନ୍ତି । ଗତବର୍ଷ ଏହି ୩ ମାସରେ ଜିଲା ମୁଖ୍ୟ ଚିକିତ୍ସାଳୟ ବର୍ହି ବିଭାଗରେ ୧ ଲକ୍ଷ ୭ ହଜାର ୯୩୧ ଜଣ ରୋଗୀ ଚିକିତ୍ସିତ ହୋଇଥିବାବେଳେ ଅନ୍ତ ବିଭାଗରେ ୨୦ ହଜାର ୮୩୮ ଜଣ ରୋଗୀ ଚିକିତ୍ସିତ ହୋଇଥିଲେ । ତେବେ ଚଳିତବର୍ଷ କରୋନା ମହାମାରୀ ଜନିତ କଟକଣା ଯୋଗୁଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଓପିଡିରେ ମାତ୍ର ୪୦ ହଜାର ୧୨୪ ଜଣ ଚିକିତ୍ସିତ ହୋଇଥିବା ବେଳେ ଆଇପିଡିରେ ୧୭ ହଜାର ୭୬୫ ଜଣ ଚିକିତ୍ସିତ ହୋଇଛନ୍ତି । ଗତବର୍ଷ ଅପ୍ରେଲ ମାସରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଓପିଡିରେ ୩୫ ହଜାର ୨୬ ଜଣ ରୋଗୀ ଚିକିତ୍ସିତ ହୋଇଥିବାବେଳେ ଚଳିତବର୍ଷ ଏହି ମାସରେ ମାତ୍ର ୮ ହଜାର ରୋଗୀ ଚିକିତ୍ସିତ ହୋଇଛନ୍ତି । ଗୋଟିଏ ପଟରେ କରୋନା ଅନ୍ୟପଟରେ ଏହାକୁ ମୁକାବିଲା ଲାଗି ସରକାରଙ୍କ ପକ୍ଷରୁ କ୍ରମାଗତ ଭାବେ ଲକଡାଉନ୍, ସଟ୍ଡାଉନ୍ ଏବଂ କର୍ଫ୍ୟୁ ଭଳି କଟକଣା ସାଧାରଣ ଜୀବନଯାତ୍ରାକୁ ଗୁରୁତର ଭାବେ ପ୍ରଭାବିତ କରିଛି । କରୋନା ଭୟରେ ଲୋକେ ଘରୁ ଗୋଡ କାଢିବାକୁ ସାହାସ କରିପାରୁନଥିବା ବେଳେ ସରକାରୀ ସ୍ୱାସ୍ଥ୍ୟ ସେବା ପ୍ରଭାବିତ ହେଉଛି । ସରକାରୀ କଳ ସଂପୂର୍ଣ୍ଣ ଭାବେ କରୋନା ମୁକାବିଲାରେ ଲାଗିପଡିଥିବାବେଳେ ସେବା ନପାଇ ଅଣକରୋନା ପୀଡିତ ଲୋକେ ହନ୍ତସନ୍ତ ହେଉଛନ୍ତି ।

# ବିଜୟୱାଡାରୁ ଫେରିଲେ ପ୍ରବାସୀ, ଟ୍ରେନ ଫେଲ ହେବାରୁ ଗାଡିରେ ଫେରିଲେ୧୦ ଯୁବତୀ

ଧର୍ମଶାଳା,୮/୬ (ନି.ପ୍ର): କରୋନା ମହାମାରୀ ଯୋଗୁଁ ବିଭିନ୍ନ ରାଜ୍ୟରେ ନିଜକୁ ଅସୁରକ୍ଷିତ ମନେ କରି ଘର ମୁହାଁ ହେଉଛନ୍ତି ଓଡିଆ । ତେବେ ବିଭିନ୍ନ ବାଧାବିଘ୍ନକୁ ଅତିକ୍ରମ କରି ବିଜୟୱାଡାରୁ ଓଡିଶା ଫେରିଛନ୍ତି ୧୦ ଜଣ ଯୁବତୀ । ଏମାନଙ୍କ ମଧ୍ୟରୁ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ଅଂଚଳୀ ୫ ଜଣ ଏବଂ କଟକ ଜିଲାର ୫ ଜଣ ଥିବା ଜଣାପଡିଛି । ଏହି ଯୁବତୀମାନଙ୍କ ପାଇଁ ଦେବଦୂତ ସାଜିଲେ ଜାରକା 'ଅଂଶୁମାନ ମେମୋରିଆଲ ଟ୍ରଷ୍ଟ' । ସୂଚନା ମୁତାବକ ଓଡିଶାକୁ ଟ୍ରେନ ଯାଉଥିବା ଖବର ପାଇ ଟିକେଟ କରି ଆନ୍ଧ୍ରପ୍ରଦେଶର ସୁଲୁରପେଟା ଅଂଚଳରୁ ଏକ କାର କରି ଏହି ୧୦ ଯୁବତୀ ବିଜୟୱାଡା ଷ୍ଟେସନରେ ପଂହଚିଥିଲେ । ହେଲେ ସେମାନେ ଷ୍ଟେସନରେ ପଂହଚିବା ପୂର୍ବରୁ ଟ୍ରେନ ଛାଡି ଦେଇଥିଲା । ଏନେଇ ଷ୍ଟେସନ ମାଷ୍ଟର ଓ ରେଳବାଇ ପୁଲିସଙ୍କୁ ସେମାନଙ୍କ ଅସୁବିଧା ସମ୍ପର୍କରେ ଜଣାଇଥିଲେ । ହେଲେ ସେମାନଙ୍କ କଥାକୁ କେହି ଗୁରୁତ୍ୱ ଦେଇ ନ ଥିଲେ । ଏପରିକି ଷ୍ଟେସନରେ ରାତି କଟାଇଥିଲେ । ଏହି ସମୟରେ ଯୁବତୀମାନେ ଫେସବୁକ୍ ପେଜ୍ ଦେଖି ଅଂଶୁମାନ ଟ୍ରଷ୍ଟର ସମ୍ପାଦକ ହିମାଂଶୁ ଶେଖର ସାହୁଙ୍କ ସହ ଯୋଗାଯୋଗ କରିଥିଲେ । ପରେ ଟ୍ରଷ୍ଟର ସମ୍ପାଦକ ତାଙ୍କର ବନ୍ଧୁଙ୍କ ସହ ଯୋଗାଯୋଗ କରି ସେମାନଙ୍କର ରାତ୍ର ଭୋଜନ ବ୍ୟବସ୍ଥା କରିଥିଲେ । ଏଥିସହ ଗାଡି କରି ଯୁବତୀମାନଙ୍କୁ ସୁରକ୍ଷିତଭାବେ ଓଡିଶାରେ ପଂହଚାଇବା ପାଇଁ ବନ୍ଦୋବସ୍ତ କରିଥିଲେ । ଶନିବାର ରାତିରେ ଏହି ୧୦ ଯୁବତୀ ଯାଜପୁର ଜିଲା ଜାରକାରେ ପହଂଚି ଟ୍ରଷ୍ଟର ସହଯୋଗକୁ ପ୍ରଶଂସା କରିବା ସହ ସମ୍ପାଦକ ଶ୍ରୀ ସାହୁଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଗଞ୍ଜାମ ଜିଲ୍ଲାରେ ଆସନ୍ତା କାଲିଠୁ ଆରମ୍ଭ ହେବ ଦ୍ୱିତୀୟ ପର୍ଯ୍ୟାୟ ମେଗା ହେଲଥ୍ ସ୍କ୍ରିନିଂ

ଗଞ୍ଜାମ,୮/୬ (ନି.ପ୍ର): ଆସନ୍ତା କାଲି ଠାରୁ ଗଞ୍ଜାମ ଜିଲ୍ଲାରେ ଆରମ୍ଭ ହେବାକୁ ଯାଉଛି ଦ୍ୱିତୀୟ ପର୍ଯ୍ୟାୟ ମେଗା ହେଲଥ୍ ସ୍କ୍ରିନିଂ । ଏହି ସ୍କ୍ରିନିଂ ପାଇଁ ଗୋଟିଏ ଟିମ୍ ରେ ରହିବେ ୪ ଜଣ ସଦସ୍ୟ । ଜିଲ୍ଲାରେ ଘରକୁ ଘର ଯାଇ ଏହି ଟିମ୍ ଲୋକଙ୍କ ସ୍କ୍ରିନିଂ କରିବେ । ଉକ୍ତ ଟିମ୍ ରେ ରହିବେ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱାସ୍ଥ୍ୟ କର୍ମୀ ଏବଂ ସ୍ୱାସ୍ଥ୍ୟ ଅଧିକାରୀ । ଥର୍ମାଲ୍ ସ୍କ୍ରିନିଂ ସହିତ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥାର ଅନୁଧ୍ୟାନ କରିବ ଏହି ଟିମ୍ । ସ୍ୱାସ୍ଥ୍ୟକର୍ମୀ ମାନେ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ସହିତ ଇନଫ୍ରାରେଡ୍ ମାଧ୍ୟମରେ ଶରୀରର ତାପମାତ୍ରା ରେକର୍ଡ କରାଯିବ ଏବଂ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ ସୂଚନା ଦେଇଛନ୍ତି । ଏନେଇ ଆଜି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଛତ୍ରପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ଗତ ଅପ୍ରେଲ ୯ ତାରିଖରେ ଗଞ୍ଜାମ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟ ହେଲଥ୍ ସ୍କ୍ରିନିଂ ହୋଇଥିଲା ।

# ଜନ୍ମ ଦିନରେ ଟ୍ରକ ଚାପାରେ ନାବାଳିକାଙ୍କ ଶୋଚନୀୟ ମୃତ୍ୟୁ

ନୂଆପଡା,୮/୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସହରର ବୋଡେନ ଛକ ତଥା ୩୫୩ ନଂ ଜାତୀୟ ରାଜପଥରେ ରବିବାର ଏକ ଟ୍ରକ ଚାପାରେ ଜଣେ ନାବାଳିକାଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ମୃତ ନାବାଳିକା ଜଣକ ହେଉଛନ୍ତି ଖଡିଆଳ ସହର ୬ ନଂ ୱାର୍ଡ ନିବାସୀ ଦିବ୍ୟ କୁମାର ଖମ୍ପରୀଆଙ୍କ ଝିଅ ବୈଷ୍ଣବୀ(୮) ବର୍ଷ ଏବଂ ଆଜି ତାଙ୍କର ଜନ୍ମ ଦିନ ବୋଲି ଜଣାପଡିଛି । ସୂଚନାମତେ ଦିବ୍ୟ ଖମ୍ପରୀଆଙ୍କ ପତ୍ନୀ ରୀତା ମିଶ୍ରା ତାଙ୍କର ସ୍କୁଟି ନଂ ଓଆର-୨୬ ଏ-୨୮୦୦ ରେ ରବିବାର ଝିଅ ବୈଷ୍ଣବୀଙ୍କୁ ବସାଇ ଜିନିଷପତ୍ର କିଣିବାକୁ ଖଡିଆଳ ସହରର ବୋଡେନ ଛକ ପଟକୁ ଯାଇଥିଲେ । ସେଠାରେ ରୀତା ମିଶ୍ରା ସ୍କୁଟିକୁ ରାସ୍ତା ସାଇଟରେ ରଖି ଝିଅଙ୍କୁ ସ୍କୁଟି ପାଖରେ ଛିଡା କରି ଜିନିଷପତ୍ର କିଣିବାକୁ ଯାଇଥିଲେ । ଏହି ସମୟରେ ଦ୍ରୁତ ଗତିରେ ମିଶନ ପଟରୁ ଆସୁଥିବା ଏକ ମାଲ ବୋଝେଇ ଟ୍ରକ ନଂ ସିଜି-୦୬-ଜିଆର-୭୩୨୨ ଝିଅ ବୈଷ୍ଣବୀଙ୍କ ଉପରେ ଚଢି ଯାଇଥିଲା । ଫଳରେ ଘଟଣାସ୍ଥଳରେ ନାବାଳିକା ବୈଷ୍ଣବୀଙ୍କର ମୃତ୍ୟୁ ହୋଇଯାଇଥିଲା । ଏହି ଘଟଣା ପରେ ଲୋକେ ଟ୍ରକକୁ ଅଟକାଇ ରଖିଥିବା ବେଳେ ଟ୍ରକ ଡ୍ରାଇଭରଙ୍କ ବେପାରୁଆ ଗାଡି ଚାଳନା ସାଙ୍ଗକୁ ଅଣ ଓସାରିଆ ରାସ୍ତା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ କରିଛନ୍ତି । ଘଟଣା ସ୍ଥଳରେ ଖଡିଆଳ ପୁଲିସ ପହଂଚି ମୃତ ଦେହକୁ ଉଦ୍ଧାର କରି ୧୧୯/୨୦୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇ ଘଟଣାର ତଦନ୍ତ ଚଳାଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୁଲିସ ଜବତ କରି ଡ୍ରାଇଭରଙ୍କୁ ଅଟକ ରଖିଥିବା ସୂଚନା ମିଳିଛି । ଖବର ପାଇ ଖଡିଆଳ ତହସିଲଦାର ସିନ୍ଧୁସୂତା ପାତ୍ର ପହଂଚି ରେଡକ୍ରସ ପାଣ୍ଠିରୁ ୧୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ପ୍ରଦାନ କରିଥିବା ସୂଚନା ମିଳିଛି । ଏହି ଦୁର୍ଘଟଣାର ସିସିଟିଭି ଫୁଟେଜରେ ମଧ୍ୟ ଦୁର୍ଘଟଣାର ଚିତ୍ର ସ୍ପଷ୍ଟ ଦେଖିବାକୁ ମିଳିଛି ।

# ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରିବାକୁ ବିଧାୟକଙ୍କ ଦାବୀ

ନୂଆପଡା,୮/୬ (ନି.ପ୍ର): ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଭାବରେ ନିର୍ମାଣ କରିବାକୁ ଦାବୀ କରିଛନ୍ତି । ସୂଚନାମତେ ଖଡିଆଳ ସହର ମଧ୍ୟରେ ଥିବା ଉପଖଣ୍ଡ ଚିକିତ୍ସାଳୟ ସହରର ଚନାବେଡା ଗ୍ରାମ ଠାରେ ନୂତନ ଭାବରେ ନିର୍ମାଣ ହୋଇଥିବା ମାଁ ଓ ଶିଶୁ ପ୍ରଯତ୍ନ କେନ୍ଦ୍ରକୁ ସ୍ଥାନାନ୍ତର ହୋଇଯାଇଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗତମାସ ୮ ତାରିଖ ଦିନ ସ୍ଥାନାନ୍ତର ହୋଇଥିବା ବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଡାକ୍ତରଖାନାର ଶୁଭ ଉଦଘାଟନ କରିଥିଲେ । ସେହି ଦିନ ଠାରୁ ସହରର ପୁରୁଣା ଉପଖଣ୍ଡ ଡାକ୍ତରଖାନା ଖାଲି ପଡିଛି । ଅନ୍ୟପକ୍ଷରେ ସହର ଠାରୁ ନୂତନ ଡାକ୍ତରଖାନା ହାରାହାରି ୪ କିଲୋମିଟର ଦୂରରେ ରହିଥିବା ବେଳେ ଏହି ଖାଲି ପଡିଥିବା ଡାକ୍ତରଖାନାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କଲେ ଲୋକେ ଉପକୃତ ହେବେ ବୋଲି ଜଣାପଡିଛି । ଏହି ପୁରୁଣା ଡାକ୍ତରଖାନାକୁ ଅତିଶିଘ୍ର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଭାବରେ ନିର୍ମାଣ କରିବାକୁ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଦାବୀ ଜଣାଇଛନ୍ତି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ଏଦିଗରେ ଦୃଷ୍ଟି ଦେବାକୁ ଖଡିଆଳ ଅଂଚଳବାସୀ ଦାବୀ କରିଛନ୍ତି ।

# ଖଡିଆଳରେ ବାଇପାସ ରାସ୍ତା ନିର୍ମାଣ ଦାବୀ ଜୋର ଧରିଲା

ନୂଆପଡା,୮/୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସହର ଦେଇ ଯାଇଥିବା ୩୫୩ ନଂ ଜାତୀୟ ରାଜପଥ ଖଡିଆଳ ସହରର ବୋଡେନ ଛକ ନିଟକରେ ଏକ ଟ୍ରକ ଚାପାରେ ଜଣେ ନାବାଳିକାଙ୍କ ଶୋଚନୀୟ ମୃତ୍ୟୁ ପରେ ବିଭିନ୍ନ ମହଲରୁ ବାଇପାସ ରାସ୍ତା ନିର୍ମାନ କରିବାକୁ ଦାବୀ କରାଯାଉଛି । ନୂଆପଡା ଜିଲ୍ଲା ପ୍ରେସ କ୍ଲବ, ବରିଷ୍ଠ ନାଗରିକ ସଂଘ, ମାରୱାଡି ଯୁବା ମଂଚ, ବ୍ୟବସାୟୀ ସଂଘ, ଜିଲ୍ଲା ଦଳିତ ଅଧିକାର ମଂଚ, ବିଭିନ୍ନ ସଂଗଠନ ସହ ଅନେକ ବିଦ୍ୟାଳୟର ଅଭିଭାବକ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ମାନେ ବାଇପାସ ରାସ୍ତା ଅତିଶିଘ୍ର ନିର୍ମାଣ କରିବାକୁ ଜିଲା ପ୍ରଶାସନ ଆଗରେ ଦାବୀ ଜଣାଇଛନ୍ତି । ୩୫୩ ନଂ ଜାତୀୟ ରାଜପଥ ଗୋପାଲପୁର ଠାରୁ ରାୟପୁରକୁ ସଂଯୋଗ କରିଥିବା ବେଳେ ଖଡିଆଳ ସହର ମଧ୍ୟରେ ଏହ ରାଜପଥ ଯାଇଛି । ଯାହାଫଳରେ ପ୍ରତିଦିନ ଶତାଧିକ ସଂଖ୍ୟାରେ ଚାରିଚକିଆ ଓ ଭାରି ଯାନବାହାନ ଗୁଡିକ ଯାତାୟତ କରିଥାଏ । ଫଳରେ ସହର ମଧ୍ୟରେ ଏହି ଜାତୀୟ ରାଜପଥ ଯାଇଥିବାରୁ ସହରବାସୀଙ୍କୁ ଅନେକ ସମୟରେ ଅସୁବିଧା ଭୋଗ କରିବାକୁ ପଡୁଥିବା ବେଳେ ଭାରି ଯାନବାହାନ ଯାତାୟତ ଯୋଗୁଁ ଅନେକ ସମୟରେ ଅନେକ ଦୂର୍ଘଟଣା ମାନ ଘଟି ବହୁ ଧନଜୀବନ ଯାଇଥିବା ନଜରକୁ ଆସିଛି । ଫଳରେ ଭାରି ଯାନବାହାନ ଯାତାୟତ ପାଇଁ ବାସପାସ ରାସ୍ତା ନିର୍ମାଣ ଜରୁରୀ ହୋଇ ପଡିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଏକ ବାଇପାସ ରାସ୍ତା ନିର୍ମାଣ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବୀ ହେଉଛି ।

# ବଡ଼ଚଣା ଓ ବାଲିପଡ଼ିଆ ଗ୍ରାମପଚାଂୟତକୁ କଂଟେନମେଂଟ ଜୋନ୍ ଘୋଷଣା

## ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ କଟକଣା ବଳବତର ରହିବ

ଯାଜପୁର,୮/୬ (ନି.ପ୍ର): ଗତ ୫ ତାରିଖ ଦିନ ବଡ଼ଚଣା ବ୍ଲକର ଶାସନ ପୁରୁଷୋତମପୁର ଗ୍ରାମରୁ ଦୁଇ ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ସ୍ୱରୂପ ବଡ଼ଚଣା ବ୍ଲକର ବଡ଼ଚଣା ଗ୍ରାମପଚାଂୟତ ଓ ବାଲିପଡ଼ିଆ ଗ୍ରାମପଚାଂୟତକୁ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି । ଗତକାଲି ଅର୍ଥାତ୍ ୬ ତାରିଖ ଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସମ୍ପୃକ୍ତ ଦୁଇ ପଚାଂୟତରେ କଂଟେନମେଂଟ କଟକଣା ବଳବତର ରହିବ । କଂଟେନମେଂଟ ଜୋନ୍ ଘୋଷଣା ପରେ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଂଚଳ ମଧ୍ୟକୁ ପ୍ରବେଶ ଓ ପ୍ରସ୍ଥାନ ଉପରେ କଟକଣା ଜାରୀ କରାଯାଇଛି । ସ୍ୱାବ୍ ନମୁନା ସଂଗ୍ରହ ଓ ଆକ୍ରାନ୍ତଙ୍କ କଂଟାକ୍ଟ ଟ୍ରେସିଂ ପ୍ରକ୍ରିୟା ଆରମ୍ଭ ହୋଇଛି ।

# ସୁନ୍ଦରଗଡ ଜିଲ୍ଲାରେ ଦୁଇ ଜଣ ଡାକ୍ତରୀ ସମେତ ୧୮ ଜଣ କରୋନା ପଜିଟିଭ

ରାଉରକେଲା,୮/୬ (ନି.ପ୍ର): ସୁନ୍ଦରଗଡ ଜିଲ୍ଲାରେ ଦୁଇ ଜଣ ଡାକ୍ତର, ସମେତ ୧୮ ଜଣ କରୋନା ପଜିଟିଭ ହୋଇଥିବା ସୂଚନା ଦେଇଛନ୍ତି ସୁନ୍ଦରଗଡ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ । ସେ କହିଛନ୍ତି ଯେ ଆଜି ଏହି ୧୮ ଜଣଙ୍କ ମଧ୍ୟରୁ ୧୪ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ଦୁଇ ଜଣ ହୋମ କ୍ୱାରେଂଟାଇନ ତଥା ଦୁଇ ଜଣ ସ୍ଥାନୀୟ ଲୋକ ସଂକ୍ରମିତ ହୋଇଛନ୍ତି। ସେ କହିଛନ୍ତି ଯେ ପୂର୍ବରୁ କୋଭିଡ ୧୯ ଡ୍ୟୁଟିରେ ଥିବା ରାଉରକେଲା ସରକାରୀ ହସପିଟାଲର ଦୁଇ ଜଣ କୋରୋନା ସଂକ୍ରମିତ ହୋଇଛନ୍ତି । ହସପିଟାଲକୁ ସାନିଟାଇଜ କରା ଯାଇଛି ଓ କଂଟାକ୍ଟ ଟ୍ରେସିଂ କାମ ଜାରୀ ରହିଛି । କରୋନା ପଜିଟିଭ ଆସିବା ପରେ ଦୁଇ ଜଣ ଡାକ୍ତର କ୍ୱାରେଂଟାଇନରେ ଅଛନ୍ତି ।

# ସକାଳ ୭ ରୁ ସଂଧ୍ୟା ୬ ପର୍ଯ୍ୟନ୍ତ ବ୍ୟବସାୟ ପ୍ରତିଷ୍ଠାନ ଖୋଲିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଆନନ୍ଦର ଲହରି

ଭୁବନ,୮/୬ (ନି.ପ୍ର): ଆସନ୍ତା କାଲି ଠାରୁ ୧୫ ତାରିଖ ରଜ ସଂକ୍ରାନ୍ତି ପର୍ଯ୍ୟନ୍ତ ଢେଙ୍କାନାଳ ଜିଲ୍ଲାରେ ସକାଳ ୭ ଘଟିକା ଠାରୁ ସଂଧ୍ୟା ୬ ଘଟିକା ପର୍ଯ୍ୟନ୍ତ ବ୍ୟବସାୟ ପ୍ରତିଷ୍ଠାନ ଖୋଲା ରହିବ ବୋଲି ଜିଲ୍ଲାପାଳ ଭୂମେଶ ଚନ୍ଦ୍ର ବେହେରା ଆଜି ଚିଠି ନଂ-୪୯୪୫ ରେ ନିର୍ଦ୍ଦେଶ ଦେଇଥିବା ଯୋଗୁ ସାରା ଜିଲ୍ଲାରେ ବ୍ୟବସାୟୀ ମହଲରେ ଆନନ୍ଦର ଲହରି ଖେଳିଯାଇଛି । ବଡବଡ ବ୍ୟବସାୟୀ ଲୁଗା ଦୋକାନୀ,ଡ୍ରେସ ଦୋକାନୀ ଙ୍କ ସମେତ ବିଶେଷ କରି କ୍ଷୁଦ୍ର ବ୍ୟବସାୟୀ ମାନେ ବେଶ୍ ଖୁସି ହେଉଛନ୍ତି । ତେବେ ୧୬ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ପୂର୍ବଭଳି ସକାଳ ୭ ଟାରୁ ଦିନ ୨ ଟା ପର୍ଯ୍ୟନ୍ତ ବ୍ୟବସାୟ ପ୍ରତିଷ୍ଠାନ ଖୋଲା ରହିବ ଓ ସଂଧ୍ୟା ୭ ଟାରୁ ସକାଳ ୭ ଟା ପର୍ଯ୍ୟନ୍ତ ରାତ୍ର କାଳୀନ କର୍ଫ୍ୟୁ ଜାରି ରହିବ । ଦିନକୁ ଦିନ କରୋନା ସଂକ୍ରମିତ ଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଜୀବିକା ପାଇଁ ନିଜେ ସତର୍କ ରହିବା ସହ ସଚେତନ ହେବାକୁ ପରାମର୍ଶ ଦେଇଛନ୍ତି । ନିହାତି ଆବଶ୍ୟକ ନଥିଲେ ଘରୁ ପଦାକୁ ନବାହାରିବା, ୬୫ ବର୍ଷରୁ ଉର୍ଦ୍ଧ୍ୱ, ୧୦ ବର୍ଷରୁ କମ ବୟସର ପିଲା, ଗର୍ଭବତି ମହିଳା ଓ ଅସୁସ୍ଥ ବ୍ୟକ୍ତି ମାନେ ଆଦୌ ପଦାକୁ ନଆସିବା ସହିତ ସାମାଜିକ ଦୂରତା ରକ୍ଷା କରିବା, ବାରମ୍ବାର ସାବୁନରେ ହାତକୁ ୨୦ ସେକେଣ୍ଡ ପର୍ଯ୍ୟନ୍ତ ଦୋଇବା ଓ ଘରୁ ପଦାକୁ ବାହାରିଲେ ମୁହଁରେ ମାସ୍କ ପିନ୍ଧିବା ପାଇଁ ମଧ ସତର୍କ କରାଇଛନ୍ତି ।

# ବିଜେପି ମିଡ଼ିଆ ସେଲ ସଂଯୋଜକ ପ୍ରମୁଖ ଭାବେ ଯୁବ ନେତା ଦିନେଶ ଦାସଙ୍କୁ ନିଯୁକ୍ତି ଦିଆଗଲା

ବାରିପଦା,୮/୬ (ନି.ପ୍ର): ଆଜି ବିଜେପିର ମୟୂରଭଞ୍ଜ ପୂର୍ବ ଜିଲ୍ଲା ସଙ୍ଗଠନର ମିଡ଼ିଆ ସେଲକୁ ପୁର୍ନଗଠନ କରାଯାଇଛି । ଦଳର ଯୁବ ନେତା ଦିନେଶ ଦାସଙ୍କୁ ସଙ୍ଗଠନର ମିଡ଼ିଆ ସେଲ ସଂଯୋଜକ ପ୍ରମୁଖ ଭାବେ ନିଯୁକ୍ତି ଦିଆଗଲା । ଶ୍ରୀ ଦାସ ପୂର୍ବରୁ ଜିଲ୍ଲା ଯୁବ ମୋର୍ଚ୍ଚା ଉପସଭାପତି ଦାୟିତ୍ୱରେ ରହିଥିବା ସମୟରେ ନିଷ୍ଠା ଓ ଶୃଙ୍ଖଳାର ସହିତ ନିଜର ଦାୟିତ୍ୱ ସମ୍ପାଦନ କରି ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତା, କର୍ମକର୍ତାମାନଙ୍କ ବିଶ୍ୱାସ ଭାଜନ ହୋଇପାରିଥିଲେ । ଏଥି ସହିତ ତାଙ୍କୁ ଯେଉଁ ସମୟରେ ଯେଉଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା ତାହା ମଧ ନିଷ୍ଠାର ସହିତ ସମ୍ପାଦନ କରି ସମସ୍ତଙ୍କ ଦ୍ୱାରା ପ୍ରଶଂସିତ ହୋଇପାରିଥିଲେ । ତେଣୁ ଗଣମାଧ୍ୟମ ସହିତ ଉତମ ସମ୍ପର୍କ ରକ୍ଷା ପୂର୍ବକ କାର୍ଯ୍ୟ ଓ ଦାୟିତ୍ୱ ତୁଲାଇବା କ୍ଷେତ୍ରରେ ଯୁବ ନେତା ଦିନେଶ ଦାସ ଉପଯୁକ୍ତ ବୋଲି ବିଜେପିର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ ପ୍ରକାଶ କରିଛନ୍ତି ।

# ପ୍ରକୃତିବନ୍ଧୁ ଏକାକୀ ପାଳିଲେ ବିଶ୍ୱ ପରିବେଶ ଦିବସ

ଭଦ୍ରକ,୮/୬ (ହି.ସ.)-ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ପରିବେଶବିତ୍ ତଥା ସର୍ବୋଚ୍ଚ ନ୍ୟାୟାଳୟର ଅଧିବକ୍ତା ରାଧାକାନ୍ତ ତ୍ରିପାଠୀ ଚଳିତବର୍ଷ ଏକାକି ପାଳନ କରିଛନ୍ତି ବିଶ୍ୱ ପରିବେଶ ଦିବସ । ଏଥି ଉପଲକ୍ଷେ ସେ ନିଜସ୍ୱ ଉଦ୍ୟମରେ କିଛି ଚାରା ରୋପଣ କରି 'ଏକ୍ଲା ଚଲୋ' ନ୍ୟାୟରେ ଦିବସଟିର ଗୁରୁତ୍ୱ ରଖିବାର ପ୍ରୟାସ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଏବେ କୋଭିଡ୍-୧୯ ଯୋଗୁଁ କଟକଣା ଲାଗୁହୋଇଥିବାରୁ ସେ ବିଶ୍ୱ ପରିବେଶ ଦିବସଟିକୁ ଏକ ନିଆରା ଢଙ୍ଗରେ ଏକାକି ପାଳନ କରି ଉଦାହରଣ ସୃଷ୍ଟି କରିଛନ୍ତି ।

# ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଭର୍ଚୁଆଲ୍ ରାଲିକୁ ସମାଜବାଦୀ ପାର୍ଟିର ସମାଲୋଚନା

ଭୁବନେଶ୍ୱର,୮।୬ (ନି.ପ୍ର): ଆଜି ୪ଟା ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଅମିତ୍ ଶାହା ଏକ ଭର୍ଚୁଆଲ୍ ରାଲି ମାଧ୍ୟମରେ ଓଡ଼ିଶାବାସୀଙ୍କୁ ଉଦ୍‌ବୋଧନ ଦେଇ ଓଡ଼ିଶା ପ୍ରତି ବିଜେପିର ଅବଦାନ ସମ୍ପର୍କରେ ତଥ୍ୟ ଭିତିକ ବକ୍ତବ୍ୟ ପ୍ରଦାନ କରିଛନ୍ତି। ବିଜେପି ଶାସନ କାଳରେ ଓଡ଼ିଶା ୫ଲକ୍ଷ ୫୨ ହଜାର ୧୦୯ କୋଟି ଟଙ୍କା ପାଇଛି ବୋଲି ଶ୍ରୀ ଶାହା କହିଛନ୍ତି। ଓଡ଼ିଶାର ଚାଷୀକୁଳର ବିକାଶ ପାଇଁ ବିଜେପି ନେତୃତ୍ୱ ପ୍ରତିଶ୍ରୁତିବଦ୍ଧ ଏବଂ ସେଥିପାଇଁ ଧାନର ଏମ୍.ଏସ୍.ପି. ବଢାଯାଇ କେନ୍ଦ୍ର ସରକାର ଓଡ଼ିଶା ଚାଷୀଙ୍କୁ ସର୍ବାଧିକ ଲାଭ ଦେବେ ବୋଲି ଶ୍ରୀ ଶାହା ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖଥାଉକି, ଗତବର୍ଷ ଧାନ କ୍ୱିଂଟାଲ୍ ପିଛା ଦର ୧୮୧୫ ଟଙ୍କା ଥିଲା, ଯାହାକୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜୁନ୍ ମାସ ୧ ତାରିଖ ଦିନ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୧୮୬୮ ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହାକି ଧର୍ମକୁ ଆଖିଠାର ବୋଲି କହି ସମାଜବାଦୀ ପାର୍ଟି ପୂର୍ବରୁ ସମାଲୋଚନା କରିଆସିଅଛି । କ୍ୱିଂଟାଲ୍ ପିଛା ୫୩ ଟଙ୍କା ବୃଦ୍ଧି କେବେହେଲେ ଚାଷୀଙ୍କ ପାଇଁ ଲାଭଦାୟକ ନୁହେଁ । ବିଜେପି ଦଳ କ୍ଷମତାକୁ ଆସିବା ପୂର୍ବରୁ ଚାଷୀଙ୍କୁ ଉତ୍ପାଦିତ ଖର୍ଚ୍ଚର ଦେଢଗୁଣା ଏମ୍.ଏସ୍.ପି. ଦେବ ଓ ଚାଷୀର ଆୟକୁ ଦ୍ୱିଗୁଣିତ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଓଡ଼ିଶା ବିଧାନସଭାର ଏକ ସର୍ବସମ୍ମତ ପ୍ରସ୍ତାବକ୍ରମେ ଧାନ କ୍ୱିଂଟାଲ୍ ପିଛା ୨୯୩୦ଟଙ୍କା କରିବାକୁ ବାରମ୍ବାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି ହୋଇଆସିଛି । ସେଥିପାଇଁ ବିଜେଡ଼ି, କଂଗ୍ରେସ ଓ ବିଜେପି ଦଳର ବିଧାୟକମାନଙ୍କୁ ନେଇ ଏକ ସର୍ବଦଳୀୟ ଗୃହ କମିଟି ପ୍ରଧାନମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ବାସ୍ତବ ରୂପ ନେଇପାରିନାହିଁ। ଏହାହିଁ ହେଉଛି ଓଡ଼ିଶାର ଚାଷୀମାନଙ୍କ ପ୍ରତି ବିଜେପିର ଅବଦାନ। ସେହିଭଳି ଦେଶସାରା ଲକ୍‌ଡାଉନ୍ ଥିଲାବେଳେ ଓଡ଼ିଶାର ଚାଷୀମାନଙ୍କ ସମେତ ଭାରତ ବର୍ଷର ଦୁଗ୍ଧଚାଷୀମାନେ ବହୁ କ୍ଷତିଗ୍ରସ୍ତ ହୋଇଛନ୍ତି । କେନ୍ଦ୍ର ସରକାର ଘୋଷଣା କରିଥିବା ୧ ଲକ୍ଷ ୭୦ ହଜାର କୋଟି ଟଙ୍କା ପ୍ୟାକେଜ୍‌ରେ କ୍ଷତିଗ୍ରସ୍ତ ଦୁଗ୍ଧଚାଷୀମାନଙ୍କ ପାଇଁ ଟଙ୍କାଟିଏ ନାହିଁ କିମ୍ବା ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ୨୦ ଲକ୍ଷ କୋଟି ଟଙ୍କା 'ଆତ୍ମନିର୍ଭର ଭାରତ' ଯୋଜନାରେ ଋଣକୁ ଛାଡ଼ିଦେଲେ ଦୁଗ୍ଧଚାଷୀଙ୍କ ପାଇଁ ଟଙ୍କାଟିଏ ଅନୁଦାନ ଦିଆଯାଇନାହିଁ। ତେଣୁ ବିଜେପି ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦିବା ବନ୍ଦ କରୁ ବୋଲି ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଏକ ପ୍ରେସ୍ ବିବୃତିରେ ବିଜେପିକୁ ସମାଲୋଚନା କରିଛନ୍ତି । ଶ୍ରୀ ବେହେରା ଆହୁରି କହିଛନ୍ତି ଯେ, ବିଜେପି ସରକାର ଯେଉଁ ଅତ୍ୟାବଶ୍ୟକୀୟ ସାମଗ୍ରୀ ତାଲିକା ଉପରେ ନୀତି ପ୍ରଣୟନ କରିଛି, ଏହା ଚାଷୀଙ୍କ ଅପେକ୍ଷା ବଡ଼ ବେପାରୀ ଓ କର୍ପୋରେଟ୍ ବେପାରୀଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ । ଭବିଷ୍ୟତରେ ଆଳୁ, ପିଆଜ, ଖାଇବା ତେଲ ପ୍ରଭୃତିର ଅହେତୁକ ଦର ବୃଦ୍ଧି ହେବ ଏବଂ ସାଧାରଣ ଖାଉଟି କ୍ଷତିଗ୍ରସ୍ତ ହେବେ। ଏହାଦ୍ୱାରା କେବେହେଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀ କିମ୍ବା ଭାଗଚାଷୀମାନେ ଲାଭ ପାଇବେ ନାହିଁ ବୋଲି ଶ୍ରୀ ବେହେରା ମତବ୍ୟକ୍ତ କରିଛନ୍ତି। ତେଣୁ ଚାଷୀଙ୍କ ପ୍ରତିନିଧିତ୍ୱ କରୁଛି ବୋଲି ମିଥ୍ୟା ପ୍ରଚାରରୁ ବିଜେପି କ୍ଷାନ୍ତ ରହୁ ବୋଲି ଶ୍ରୀ ବେହେରା ବିଜେପିକୁ କଟାକ୍ଷ କରିଛନ୍ତି।

## ଭାଲୁ ଆକ୍ରମଣରେ ମହିଳା ଆହାତ

ନୀଳଗିରି,୮।୬ (ନି.ପ୍ର): ନୀଳଗିରି ଥାନା ଅଧିନସ୍ଥ ଅଯୋଧ୍ୟା ପଂଚାୟତ ପ୍ରତାପପୁର ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ମହିଳା ଆହତ ହୋଇଛନ୍ତି। ଉକ୍ତ ଗ୍ରାମର ମଙ୍ଗୁଲିଆ ସିଂଙ୍କ ସ୍ତ୍ରୀ ସୋମବାରୀ(୪୨) ଶୌଚ ପାଇଁ ବାଡି ଭିତରକୁ ଯାଇଥିବା ବେଳେ ହଠାତ ବାଡି ଭିତରେ ଲୁଚି ରହିଥିବା ଭାଲୁଟି ସୋମବାରୀ ଙ୍କ ଅର୍ତକିତ ଆକ୍ରମଣ କରି କ୍ଷତାକ୍ତ କରିଥିଲା । ଜୀବନ ବିକଳରେ ସୋମବାରୀ ଚିତ୍କାର କରିବାରୁ ପରିବାର ଲୋକେ ବାହାରି ପାଟି କରିବାରୁ ଭାଲୁଟି ଛାଡି ଜଙ୍ଗଲକୁ ପଳାଇଯାଇଥିଲା। ପରିବାର ଲୋକେ ସୋମବାରୀକୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତି କରିଛନ୍ତି। ଖବର ପାଇ ଘଟଣା ସ୍ଥଳରେ ବନ ବିଭାଗ ପହଂଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# କେନ୍ଦ୍ର ଗୃହମନ୍ତ୍ରୀଙ୍କ ଭର୍ଚୁଆଲ ରାଲି ଉଦ୍‌ବୋଧନ: ଡିଜିଟାଲ ପ୍ଲାଟଫର୍ମରେ ଯୋଡ଼ିହେଲେ ବିଜେପି କାର୍ଯ୍ୟକର୍ତ୍ତା

ବାଲେଶ୍ୱର,୮।୬ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ବିଜେପି ପକ୍ଷରୁ ଆୟୋଜିତ ଜନ ସମ୍ବାଦ ରାଲିରେ ଯୋଗ ଦେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ସାହା ଡିଜିଟାଲ ପ୍ଲାଟଫର୍ମ ଜରିଆରେ ରାଜ୍ୟବାସୀଙ୍କୁ ଆଜି ସମ୍ବୋଧିତ କରିଛନ୍ତି। ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏଭଳି ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ସମାବେଶ ପାଇଁ ବିଜେପି ପକ୍ଷରୁ ନିଷ୍ପତି ନିଆଯାଇଛି। କେନ୍ଦ୍ରମନ୍ତ୍ରୀଙ୍କ ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଓ ତାଙ୍କ ସହ ଯୋଡ଼ିହେବା ପାଇଁ ଦଳ ପକ୍ଷରୁ ଜିଲ୍ଲାଠାରୁ ବୁଥ୍ ପର୍ଯ୍ୟନ୍ତ ପଦକ୍ଷେପ ନିଆଯାଇଛି । ଏନେଇ ବିଭିନ୍ନ ସ୍ଥାନରେ ଡିଜିଟାଲ ଷ୍ଟେଜ୍ ଆୟୋଜନ କରାଯିବା ସହ ଦଳୀୟ କର୍ମକର୍ତ୍ତା ଓ ସଦସ୍ୟମାନେ ସମାବେଶ ହୋଇଥିବା ଦେଖିବାକୁ ମିଳିଥିଲା । ଏହି ପରିପ୍ରେକ୍ଷୀରେ ବିଜେପି ପକ୍ଷରୁ ସହରର ଭେନ୍ୟା ପରାଡାଇଜ୍ କଲ୍ୟାଣମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ବରିଷ୍ଠ ବିଜେପି ନେତା ଶୁଭଙ୍କର ମହାପାତ୍ର, ଲମ୍ବୋଦର ନାୟକ, ହରେକୃଷ୍ଣ ଦାଶ, ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ପ୍ରବୀର ଶଙ୍କର ଦାଶ, ଜୋନାଲ ମିଡିଆ ସଂଯୋଜକ ସତ୍ୟଜିତ୍ ମିଶ୍ର, ନାରୀନେତ୍ରୀ ସୁଷମା ବିଶ୍ୱାଳ, କମଳା ବିନ୍ଧାଣୀ, ସିପ୍ରା ବାଜପେୟୀ ପ୍ରମୁଖ ଯୋଗଦେଇ ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ କେନ୍ଦ୍ରମନ୍ତ୍ରୀଙ୍କ ଭର୍ଚ୍ଚୁଆଲ ରାଲି ସହ ଯୋଡ଼ି ହୋଇଥିଲେ। ମିଡିଆ ସେଲ୍ ସଂଯୋଜକ ଶ୍ରୀନିବାସ ପ୍ରଧାନ ଓ ଚନ୍ଦ୍ରଶେଖର ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦ୍ୱିତୀୟ ପାଳିର ପ୍ରଥମ ବର୍ଷରେ ସରକାର ରାଷ୍ଟ୍ରର ହିତପାଇଁ ନେଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଓ କାର୍ଯ୍ୟକାରୀ କରିଥିବା ଏକାଧିକ ଲୋକାଭିମୁଖୀ ଯୋଜନା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ସାହା ହିସାବ ଦେଇଥିଲେ। ଜିଲ୍ଲା ବିଜେପିର କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ସୋସିଆଲ ମିଡିଆ ଜରିଆରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ସାହାଙ୍କର ବାର୍ତ୍ତାକୁ ଜିଲ୍ଲାବାସୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଉଦ୍ୟମ ଜାରି ରଖିଥିବା ଲକ୍ଷ୍ୟ କରାଯାଇଥିଲା।

## ୨୪ ଘଂଟାରେ ୩୩୧୭ ନମୁନାର ପରୀକ୍ଷଣ

ଭୁବନେଶ୍ୱର,୮।୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟାରେ ୩୩୧୭ ନମୁନାର ପରୀକ୍ଷା କରା ଯାଇଛି। ବର୍ତମାନ ସୁଦ୍ଧା ରାଜ୍ୟରେ ୧୭୯୪୧୫ ନମୁନାର ପରୀକ୍ଷଣ କରା ଯାଇ ସରିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ବିଭାଗ ପକ୍ଷରୁ କୁହା ଯାଇଛି ଯେ ବର୍ତମାନ ସୁଦ୍ଧା ରାଜ୍ୟରେ ୨୯୯୪ ଟି ମାମଲା ସାମନାକୁ ଆସିଛି। ଏଥି ମଧ୍ୟରୁ ୯ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୮୯୪ ଜଣ ସୁସ୍ଥ ହୋଇ ସାରିଛନ୍ତି। ରାଜ୍ୟରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୦୮୯ ରହିଛି।

# ସୋନ ନଦୀରେ ଚୋରା ବାଲି ଚାଲଣ ଉପରେ ଚଢାଉ : ୨ଡମ୍ଫର ସହ ୩ ଟ୍ରାକ୍ଟର ଜବତ







ନୀଳଗିରି,୮।୬ (ନି.ପ୍ର): ନୀଳଗିରି ତହସିଲ ଅଧିନରେ ପ୍ରବାହିତ ହୋଇଥିବା ସୋନନଦୀରୁ ବାଲି ମାଫିଆ ମାନେ ଅଧିକ ସକ୍ରିୟ ହୋଇ ରାତିରେ ପାଠପାଳ, ପୁନ୍ଦାଳ ଓ ଅଯୋଧ୍ୟା ଅଂଚଳରେ ଶହ ଶହ ଟ୍ରିପ ଚୋରା ବାଲି ଚାଲଣ କରି ମାଲେମାଲ ହେଉଥିବା ବେଳେ ସରକାରଙ୍କ ତହବିଲରୁ କୋଟି କୋଟି ଟଙ୍କା ରାଜସ୍ୱ କ୍ଷତି ହେଉଥିଲା। ଏନେଇ ବହୁ ବାର ସ୍ଥାନୀୟ ଲୋକ ଅଭିଯୋଗ କରୁଥିଲେ ସୁଦ୍ଧା ପ୍ରଶାସନ ନୀରବ ଥିଲା। ଏପରିକି ବାଲି ମାଫିଆମାନେ କାଠପାଳ ପୋଲ ନିକଟରେ ଲକ୍ଷ ଲକ୍ଷ ଟଙ୍କାର ବାଲି ଗଚ୍ଛିତ ରଖିଛନ୍ତି। ଗତକାଲି ରାତିରେ ବାଲି ମାଫିଆ କିଛି ସ୍ଥାନୀୟ ଗ୍ରାମବାସୀଙ୍କୁ ହାତବାରିଷି କରି ବାଲି ଚୋରି କରି ଗଚ୍ଛିତ କରିବା ସହିତ ବିଭିନ୍ନ ଗାଡି ମାଧ୍ୟମରେ ବାହାରକୁ ଚାଲଣ କରୁଥିଲେ। ଗତକାଲି ରାତି ୩.୨୦ ମିନିଟ ସମୟରେ ନୀଳଗିରି ତହସିଲଦାର, ସ୍ଥାନୀୟ ପୋଲିସ ଚଢାଉ ପ୍ରକ୍ରୀୟାରେ ସହାୟତାରେ କାଠପାଳ ପୋଲ ନିକଟରେ ଚଢାଉ କରି ୨ ଡମ୍ଫର ଓ ୩ଟି ଟ୍ରାକ୍ଟର ସହିତ ଗୋଟିଏ ଲୋର୍ଡର ଓ ୪ଟି ବାଇକ ଜବତ କରିଛନ୍ତି। ଘଟଣାସ୍ଥଳରୁ ବାଲି ମାଫିଆ, ଗାଡି ଡ୍ରାଇଭର, ହେଲପର ଓ ସହଯୋଗୀ ମାନେ ଛୁ ମାରିଥିଲେ। ଏଭଳି ଚଢାଉରେ ବାଲି ମାଫିଆଙ୍କ ମଧ୍ୟରେ ଛନକା ପଶିଥିବା ଜଣାପଡିଛି। ଅପରପକ୍ଷରେ ଗତକାଲି ମଧ୍ୟ ଗୋଟିଏ ବାଲି ଓ ମେଟାଲ ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ପ୍ରଶାସନିକ ଅଧିକାରୀମାନେ ଯଦି ସରକାରୀ ନିୟମକୁ କଡାକଡି ପାଳନ କରନ୍ତି ତାହାଲେ ସରକାରଙ୍କ ରାଜକୋଷରୁ କ୍ଷତି ହେଉଥିବା କୋଟି କୋଟି ଟଙ୍କା ରୋକାଯାଇପାରିବ ବୋଲି ବୁଦ୍ଧିଜୀବି ମାନେ ପ୍ରକାଶ କରିଛନ୍ତି।

# କେସିଙ୍ଗା ଏମଏସଏମଇ ପାର୍କ ନିର୍ମାଣ ଅଗ୍ରଗତି ସମୀକ୍ଷା: ବିନିଯୋଗ ହେବ ୧୦୦ କୋଟି

ଭୁବନେଶ୍ୱର ,୮।୬ (ନି.ପ୍ର): କଳାହାଣ୍ଡି ଜିଲ୍ଲାର କେସିଙ୍ଗାଠାରେ ପ୍ରତିଷ୍ଠା କରାଯାଇଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଉପରେ ଆଜି ଏକ ସମୀକ୍ଷା ବୈଠକ ଏମଏସଏମଇ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କ ଅଧକ୍ଷତାରେ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । କେସିଙ୍ଗାଠାରେ ଏଥିପାଇଁ ସରକାର ୬୪ ଏକର ଜମି ଚିହ୍ନଟ କରି ସେଠାର ଏମଏସଏମଇ ପାର୍କ ପ୍ରତିଷ୍ଠା କରୁଛନ୍ତି । ଏଥିପାଇଁ ୪୦ କୋଟି ବିନିଯୋଗ କରିବାର ପ୍ରସ୍ତବା ରହିଛି । ତନ୍ମଧ୍ୟରୁ ରାଜ୍ୟ ସରକାର ୨୦୧୯-୨୦ ଆର୍ଥିକ ବର୍ଷରେ ଏହି ପାର୍କ ନିମନ୍ତେ ରାଜ୍ୟ ରାଜକୋଷରୁ ୧୦ କୋଟି ମଂଜୁର କରି ସାରିଛନ୍ତି । ଏବେ ସେଠାରେ ଏକ ଫୁଡ୍ ପାର୍କ ପ୍ରତିଷ୍ଠା ଲାଗି ସରକାର ପଦକ୍ଷେପ ନେଇଛନ୍ତି । ସେଥିରେ ୫୦ କୋଟି ବିନିଯୋଗ ପାଇଁ ପ୍ରସ୍ତାବ ରହିଛି । ଏହା ଯେତେ ଶୀଘ୍ର କରାଯାଇ ପାରିବ ସେଥିପାଇଁ ଆନୁସଙ୍ଗିକ ପଦକ୍ଷେପ ନେବାକୁ ଆଜିର ସମୀକ୍ଷା ବୈଠକରେ ମନ୍ତ୍ରୀ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ତେବେ ଏହାକୁ ପୂର୍ଣ୍ଣାଙ୍ଗ ହେବାକୁ ଦେଢ଼ରୁ ଦୁଇବର୍ଷ ସମୟ ଲାଗିବ ବୋଲି ପ୍ରାରମ୍ଭିକ ଆକଳନରୁ ଜଣାପଡ଼ିଛି । ତେବେ ଏହି ବହୁ ପ୍ରତିକ୍ଷୀତ ଏମଏସଏମଇ ପାର୍କ ପ୍ରତିଷ୍ଠା ହେଲେ ସ୍ଥାନୀୟ ଯୁବକ ଯୁବତୀ ନିମନ୍ତେ କର୍ମସଂସ୍ଥାନର ସୁଯୋଗ ସୃଷ୍ଟି ହେବା ସହ କଳାହାଣ୍ଡି ଜିଲ୍ଲା ଶିଳ୍ପ ସମୃଦ୍ଧି ଦିଗରେ ଆଉ ଦୁଇ ପାଦ ଆଗେଇ ଯିବ ବୋଲି ମନ୍ତ୍ରୀ କ୍ୟାପଟେନ୍ ମିଶ୍ର ଆଶା ପ୍ରକାଶ କରିଛନ୍ତି । ଏଥି ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ କରାଯାଇଥିବା ଫୁଡ୍ ପାର୍କ ଗୁଡ଼ିକର ଅଗ୍ରଗତି ସମ୍ବନ୍ଧରେ ମନ୍ତ୍ରୀ ସମୀକ୍ଷା କରିଥିଲେ । ଅଜିର ଏହି ବୈଠକରେ ନିର୍ବାହୀ ଯନ୍ତ୍ରୀ ଇଂ. ଭକ୍ତକବି ଦାସ, ମୁଖ୍ୟ ସାଧାରଣ ପ୍ରବନ୍ଧକ, ଏମଏସଏମଇ କୁଶଧର ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ରାୟାଁ ରାମଚନ୍ଦ୍ରପୁର ଓ କୋଟସାହିଠାରୁ ବ୍ୟାପକ ବେଆଇନ୍ ବାଲି ଚାଲାଣ : ପ୍ରଶାସନ ନିରବଦ୍ରଷ୍ଟା



ଜଳେଶ୍ୱର,୮।୬(ନିପ୍ର) : ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରେ ବାଲି ନିଲାମ ନ ହୋଇ ମଧ୍ୟ ଚୋରାବାଲି ରାକେଟ ସକ୍ରୀୟ ଥିବାରୁ ପ୍ରତିଦିନ ଶହ ଶହ ଟ୍ରାକ୍ଟର ବାଲି ବିନା ରୟାଲିଟିରେ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଛି । ଫଳରେ ରାଜସ୍ୱ ବିଭାଗର ବ୍ୟାପକ କ୍ଷତି ଘଟୁଛି । ସୁବର୍ଣ୍ଣରେଖା ନଦୀ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଜମାଲପୁର, ରାୟାଁରାମଚନ୍ଦ୍ରପୁର, କୋଟସାହି ଓ ଗୋବର୍ଦ୍ଧନପୁର ଠାରେ ଜଳେଶ୍ୱର ସୀମାରେ ପ୍ରବାହିତ । ନଦୀର ଓପରପାର୍ଶ୍ୱ ମଧ୍ୟ ଉପରୋକ୍ତ ଗ୍ରାମଗୁଡିକର ହୋଇଥିଲେ ମଧ୍ୟ ବସ୍ତା ଅଂଚଳର କେତେକ ବାଲି ମାଫିଆ ସେଠାରୁ ପ୍ରତିଦିନ ବାଲି ଚାଲାଣ କରି ଆସୁଛନ୍ତି । ଜଳେଶ୍ୱର ବ୍ଲକ ଅଂଚଳ ବ୍ୟତୀତ ବସ୍ତା ଅଂଚଳର ବାଲି ସୌରାତ ସେଠାରେ ଥିଲେ ମଧ୍ୟ ତାହା ନିଲାମ ହୋଇନାହିଁ । ସେଠାରେ କାଦରାୟାଁ, ଆମ୍ବ କୁତୁଚି ଅଂଚଳର କେତେକ ମାଫିଆ ଚୋରାରେ ବାଲି ଚାଲାଣ କରୁଥିଲେ ମଧ୍ୟ ଦୁଇ ତହସିଲ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ସେ ଅଂଚଳର କେତେକ ବ୍ୟକ୍ତି ଆଜି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଓ ଲିଖିତଭାବେ ଜଣାଇଛନ୍ତି । ଏପରି ବାଲି ଚାଲାଣ ବନ୍ଦ ନ ହେଲେ ସେଠାରେ ଆସନ୍ତା ବନ୍ୟା ସମୟରେ ପରିସ୍ଥିତି ଜଟିଳ ହେବ ବୋଲି ଗ୍ରାମବାସୀମାନେ ଜଣାଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

## ଓଡ଼ିଶାକୁ ବିଜେପିର...

ପାରାଦ୍ୱୀପ-ହରିଦାଶପୁର ରେଳ ଲାଇନ ପାଇଁ ୧୮୯୯ କୋଟି, ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳ ଲାଇନ ପାଇଁ ୩୭୯୧ କୋଟି, ତାଳଚେର ବିମଳାଗଡ ରେଳ ପ୍ରକଳ୍ପ ପାଇଁ ୧୯୨୮ କୋଟି, ଅନୁଗୁଳ-ସୁକିନ୍ଦା ରେଳ ପ୍ରକଳ୍ପ ପାଇଁ ୧୨୦୩ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଛନ୍ତି । ସେହିପରି ପାରାଦ୍ୱୀପରେ ପେଟ କୋକ ଗ୍ୟାସିଫିକେସନ ପ୍ରକଳ୍ପ ପାଇଁ ୧୧,୩୦୦ କୋଟି, ପାଇକ ବିଦ୍ରୋହର ସ୍ମାରକୀ ନିର୍ମାଣ ପାଇଁ ୧୦୦ କୋଟିର କେନ୍ଦ୍ରୀୟ ଅନୁଦାନ ଦିଆଯାଇଛି ବୋଲି ଶ୍ରୀ ଶାହା କହିଛନ୍ତି । ବିଜେପି କ୍ଷମତା ହାତେଇବା ପାଇଁ ରାଜନୀତି କରେ ନାହିଁ । ସଙ୍ଗଠନ ମାଧ୍ୟମରେ ଜନ ସଂପର୍କ କରିବା ସହ ଲୋକଙ୍କ ସମସ୍ୟା ବୁଝିବା ଏବଂ ସରକାରୀ ଯୋଜନା ସମ୍ବନ୍ଧରେ ଲୋକଙ୍କୁ ଜଣାଇବାର କାର୍ଯ୍ୟ କରିଥାଏ । ସରକାରର ପ୍ରଥମ ବର୍ଷଠୁ ଆରମ୍ଭ କରି ୫ ବର୍ଷ ପର୍ଯ୍ୟନ୍ତ ପ୍ରତି ବର୍ଷ ଜନତାଙ୍କୁ ହିସାବ ଏହିଭଳି ଜନସମ୍ବାଦ ର୍‌ୟାଲି ମାଧ୍ୟମରେ ଦେଇଆସିଛି । କରୋନା ମହାମାରୀ ସମଗ୍ର ବିଶ୍ୱ ଏବଂ ମାନବ ଜାତି ପାଇଁ ଏକ ଚ୍ୟାଲେଂଜ ସୃଷ୍ଟି କରିଛି । ପ୍ରଧାନମନ୍ତ୍ରୀ ମୋଦୀଜି କହିଛନ୍ତି ମହାମାରୀରୁ ଦୂରେଇ ରହିବା ପାଇଁ ୨ ଗଜ ଦୂରତା ଅବଲମ୍ବନ କରିବା ଦରକାର । ଭର୍ଚୁଆଲ ରାଲି ମାଧ୍ୟମରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଏହି ରାଲିକୁ ଆରମ୍ଭ କରିଛନ୍ତି । ଦେଶର ଲୋକତନ୍ତ୍ରକୁ ମଜବୁତ କରିବା ପାଇଁ ଏଭଳି ଜନସମ୍ବାଦ ରାଲି କରାଯାଉଛି । ଆଗାମୀ ଦିନରେ ୭୫ଟି ଭର୍ଚୁଆଲ ରାଲି ମାଧ୍ୟମରେ ବିଜେପିର ବରିଷ୍ଠ ନେତାମାନେ ଦେଶର ଜନତାଙ୍କୁ ଜନସମ୍ବାଦ କରିବେ ବୋଲି ଶ୍ରୀ ଶାହ କହିଛନ୍ତି । ଉଜ୍ଜଳା ଯୋଜନା ମାଧ୍ୟମରେ ୮ କୋଟି ଗରିବ ମା ଭଉଣୀଙ୍କ ପାଖରେ ଗ୍ୟାସ ସଂଯୋଗ କରି ସେମାନଙ୍କ ପାଖରୁ ଧୂଆଁକୁ ଦୂରେଇ ଦିଆଯାଇଛି । ମୋଦି ସରକାର ସୌଭାଗ୍ୟ ଯୋଜନାରେ ୨୦ହାଜାର ଗାଁରେ ବିଜୁଳି ପହଂଚାଇ ପାରିଛନ୍ତି, ଯାହା କଂଗ୍ରେସ କରିପାରି ନଥିଲା । ବିଜେପି ସରକାର ଅଢେଇ କୋଟି ଲୋକଙ୍କ ଘରେ ବିଜୁଳି ପହଂଚିଛି । ୧୦ କୋଟି ଲୋକଙ୍କ ଘରେ ଶୌଚାଳୟ ନିର୍ମାଣକରିଛନ୍ତି । ମୋଦି ସରକାର ୨.୫ କୋଟି ଲୋକଙ୍କୁ ପକ୍କାଘର ଯୋଗାଇଛନ୍ତି ବୋଲି ଶ୍ରୀ ଶାହ କହିଛନ୍ତି । ଶ୍ରୀ ଶାହ କହିଛନ୍ତି ଯେ କାଶ୍ମିରରେ ଧାରା ୩୭୦, ୩୫ (ଏ) ହଟାଯାଇଛି । ରାମ ଜନ୍ମଭୂମି ଟ୍ରଷ୍ଟ ନିର୍ମାଣ କରି ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଦେଶର କୋଟି କୋଟି ମୁସଲିମ ଭଉଣୀ ମାନଙ୍କ ନ୍ୟାୟ ଦେବାକୁ ଯାଇ ମୋଦି ସରକାର ଟ୍ରିପଲ ତଲାକ ବିଲକୁ ହଟାଇଛନ୍ତି ।ଶରଣାର୍ଥୀ ମାନଙ୍କୁ ସମ୍ମାନ ଏବଂ ନାଗରିକତା ପ୍ରଦାନ କରିବା ପାଇଁ ମୋଦି ସରକାର ନାଗରିକତା ସଂଶୋଧନ ଆଇନ ଆଣି କୋଟି କୋଟି ଶରଣାର୍ଥୀଙ୍କୁ ନାଗରିକତା ଦେବାର କାର୍ଯ୍ୟ କରିଛନ୍ତି । ନିର୍ବାଚନ ସମୟରେ ରାହୁଲ ଗାନ୍ଧୀ ଚାଷୀଙ୍କ ଋଣ ଛାଡ କରିବା କଥା ମିଡିଆରେ ଦାବି କରିଚାଲିଥିଲେ । କଂଗ୍ରେସ ସରକାର ୧୦ ବର୍ଷରେ ସାଢେ ୩ କୋଟି ଚାଷୀଙ୍କୁ ୬୦ କୋଟି ଟଙ୍କା ଋଣ ଛାଡ କରିଥିଲେ । ଏବେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ସାଢେ ୯ କୋଟି ଚାଷୀଙ୍କ ବ୍ୟାଙ୍କ ଆକାଉଂଟରେ ୭୨ ହଜାର କୋଟି ଜମା କରିଛନ୍ତି । କରୋନା ସାରା ବିଶ୍ୱକୁ କବଳିତ କରିଛି । ମୋଦି ସରକାର ଦେଶର ଜନତାଙ୍କୁ ସାଙ୍ଗରେ ନେଇ କରୋନା ବିରୁଦ୍ଧରେ ଲଢେଇ କରି ଏହି ମହାମାରୀକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ୧୩୦କୋଟି ଲୋକ ଘରେ ବନ୍ଦ ରହି ଜନତା କର୍ଫ୍ୟୁକୁ ପାଳନ କରିଛନ୍ତି । ମହାମାରୀ କଥା ଆସିଲେ ଆଗାମୀ ଦିନରେ ମୋଦିଜୀଙ୍କ ପ୍ରୟାସ ଦ୍ୱାରା ହୋଇଥିବା ଜନତା କର୍ଫ୍ୟୁ ସ୍ୱର୍ଣ୍ଣିମ ଅକ୍ଷରରେ ଲେଖା ହେବ ବୋଲି ଶ୍ରୀ ଶାହା କହିଛନ୍ତି । ଏହି ଭର୍ଚୁଆଲ ର୍‌ୟାଲିରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରାରମ୍ଭିକ ଭାଷଣ ଦେଇଥିଲେ । ଏହି ସଭାକୁ ପରିଚାଳନା ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ କରିଥିଲେ । ଆତ୍ମନିର୍ଭର ଅଭିଯାନ ସଂକଳ୍ପକୁ ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ପାଠ କରିଥିଲେ । ରାଜ୍ୟ ସାଧାରଣ ସଂପାଦକ ଭୃଗୁ ବକ୍ସିପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଭର୍ଚୁଆଲ ରାଲିରେ ଦିଲ୍ଲୀ ଠାରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଏବଂ ଓଡିଶା ପ୍ରଭାରୀ ତଥା ସାଂସଦ ଅରୁଣ ସିଂ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ସାଧାରଣ ସଂପାଦକ ସୌଦାନ ସିଂହ, ଭୁବନେଶ୍ୱରରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଉପନେତା ବିଷ୍ଣୁ ସେଠୀ ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଉପସ୍ଥିତ ଥିଲେ ।

## ସ୍ୱାଧୀନତା ପରେ ମୋଦିଙ୍କ....

ବିଶ୍ୱାସ ମନ୍ତ୍ରରେ ଏହି ଦୁଇଟି ରାଜ୍ୟକୁ ଗସ୍ତ କରି ପଶ୍ଚିମବଙ୍ଗ ପାଇଁ ତତ୍କାଳୀନ ୧୦୦୦ କୋଟି ଏବଂ ଓଡିଶା ପାଇଁ ୫୦୦ କୋଟି ଟଙ୍କା ଘୋଷଣା କଲେ । ଏହାସହ ଗସ୍ତର ଦିନକ ପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଛୁଟି ଦିନରେ ରାଜ୍ୟକୁ ସଙ୍ଗେସଙ୍ଗେ ୫୦୦ କୋଟି ଟଙ୍କା ପଠାଇଦେଲେ । ୨୦୧୪ ପୂର୍ବରୁ ଦିଲ୍ଲୀ ସରକାରରେ ଶାସନ ଦାୟିତ୍ୱରେ ଥିବା ସରକାର ଯଦି ପୂର୍ବ ଭାରତକୁ ଗୁରୁତ୍ୱ ଦେଇଥାନ୍ତେ ତେବେ ଏଭଳି ଦିନ ଦେଖାଯାଇନଥାନ୍ତା । ସ୍ୱାଧୀନତା ପରେ ପଶ୍ଚିମ ଓ ଦକ୍ଷିଣ ଭାରତ ପରି ପୂର୍ବ ଭାରତ ବିକଶିତ ହୋଇନାହିଁ । ଯେ ପର୍ଯ୍ୟନ୍ତ ପୂର୍ବ ଭାରତର ବିକାଶ ହୋଇନାହିଁ ସେ ପର୍ଯ୍ୟନ୍ତ ସମଗ୍ର ଭାରତର ସନ୍ତୁଳିତ ବିକାଶ କଳ୍ପନା କରିବା ଅସମ୍ଭବ ବୋଲି ଏକ ଭାଷଣରେ ମୋଦି କହିଥିଲେ । ନରେନ୍ଦ୍ର ମୋଦିଙ୍କ ଏହା କେବଳ ଭାଷଣ ନଥିଲା ବାସ୍ତବରେ ମଧ୍ୟ ଏପରି କରି ଦେଖାଇଛନ୍ତି । ୨୦୦୫ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମୋନମୋହନ ସିଂହ ଦାୟିତ୍ୱରେ ଥିବାବେଳେ ସେ ଓଡିଶାର ହକ୍ ମାଗିବା ପାଇଁ ତାଙ୍କ ପାଖକୁ ଯାଇଥିଲେ । ମାତ୍ର ସେ ଟଙ୍କା କଣ ଗଛରେ ଫଳେ ବୋଲି କହି କଂଗ୍ରେସର ବୈମାତୃକ ମନୋଭାବପୋଷଣ କରିଥିଲେ । ପରିବର୍ତ୍ତିତ ବିଶ୍ୱରେ ଭାରତବର୍ଷ ଏକ ନୂଆ ଆତ୍ମବିଶ୍ୱାସ ନେଇ ଆଗକୁ ବଢୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ ନେତୃତ୍ୱ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କ ସ୍ୱଷ୍ଟ କ୍ରିୟାନ୍ୱୟନ କାରଣରୁ ଦେଶ ଆଜି ପୃଥିବୀରେ ନୂଆ ମାଇଲଖୁଂଟ ତିଆରି କରିଛି । ପୃଥିବୀର ୧୫୦ ଦେଶକୁ ଭାରତ ନିଜେ ସମ୍ଭାଳିବା ସହ ଗରିବ ମାନଙ୍କ ଭିତରେ ନୂଆ ଆଶାର ସଂଚାର ଭରିଛି ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି ।

## କେଜ୍ରିଓ୍ୱାଲ ଅସୁସ୍ଥ .....

ଆମେ ସମସ୍ତେ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ସେ ନିରାପଦରେ ରୁହନ୍ତୁ ଏବଂ ସୁସ୍ଥ ହୋଇ କାମକୁ ଫେରିଆସନ୍ତୁ । ସେହିପରି ଆମ୍ ଆଦମୀ ପାର୍ଟିର ନେତା ତଥା ରାଜ୍ୟସଭା ସଦସ୍ୟ ସଞ୍ଜୟ ସିଂ କହିଛନ୍ତି ଯେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ୭ ଜୁନ୍ ଅପରାହ୍ନରୁ ଜ୍ୱର ଏବଂ ଗଳା ଯନ୍ତ୍ରଣା ଅନୁଭବ କରିଆସୁଛନ୍ତି । ସେ ଘରେ ନିଜକୁ ଅଲଗା କରି ରଖିଛନ୍ତି । ଜୁନ୍ ୯ ରେ ଡାକ୍ତରଙ୍କ ପରାମର୍ଶ କ୍ରମେ କରୋନା ପରୀକ୍ଷା ହେବ ।

## ପ୍ରସ୍ତାବିତ ହଂସପାଳ....

ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଗତ ନିର୍ବାଚନ ସମୟରେ ଏଠାରେ ଫ୍ଲାଇ ଓଭରବ୍ରିଜ୍ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ପ୍ରତିଶ୍ରୁତି ରକ୍ଷା କରି କେନ୍ଦ୍ର ସଡକ ପରିବହନ ମନ୍ତ୍ରୀଙ୍କ ସହ ଆଲୋଚନା କରି ଜାତୀୟ ରାଜପଥ ପ୍ରାଧିକରଣ କର୍ତୃପକ୍ଷ କର୍ମକର୍ତାଙ୍କୁ ଆଣି କ୍ଷେତ୍ର ପରିଦର୍ଶନ କରାଇ ଏ ବାବଦରେ ଅର୍ଥର ବ୍ୟୟ ବରାଦ କରାଇଛନ୍ତି ।

## ପୂର୍ବତନ କେନ୍ଦ୍ରମନ୍ତ୍ରୀ...

ହୋଇ ତାଙ୍କର ଲୋକପ୍ରିୟତାକୁ ସେ ପ୍ରତିପାଦନ କରି ପାରିଛନ୍ତି । ବାଜେପେୟୀଙ୍କ ସରକାରରେ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଥିଲେ । ତାଙ୍କ ଜୀବନକାଳ ମଧ୍ୟରେ ଭଦ୍ରକ ତଥା ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ବିକାଶ ଦିଗରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରିଥିଲେ । ତାଙ୍କର ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

## କେବଳ ଏମଏସଏମଇ ....

ଟିକସ ଦରର ଲାଭ ଶିଳ୍ପ ଜଗତକୁ ମିଳୁ ବୋଲି ଆମେ ଚାହୁଁ ଏବଂ ମୁଁ ୩୧ମାର୍ଚ୍ଚ, ୨୦୨୩ର ଶେଷ ତାରିଖକୁ ସମ୍ପ୍ରସାରଣ କରିବାର ପ୍ରସଙ୍ଗ ପ୍ରତି ଧ୍ୟାନ ଦେବି", ବୋଲି ଶ୍ରୀମତୀ ସୀତାରମଣ କହିଥିଲେ । କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ କିମ୍ବା ସେବା ଅନ୍ତିମ ତାରିଖ ସଂକ୍ରାନ୍ତରେ ସେମାନଙ୍କ ସୁପାରିସ ଦାଖଲ କରିବା ନିମନ୍ତେ ଅର୍ଥମନ୍ତ୍ରୀ ଶିଳ୍ପ ଜଗତକୁ ପରାମର୍ଶ ଦେଇଥିଲେ । ଯାହାଫଳରେ ସେ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇପାରିବ । ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିବା କ୍ଷେତ୍ରରେ ଜିଏସଟି ଦର ହ୍ରାସର ଆବଶ୍ୟକତା ସମ୍ପର୍କରେ ଅର୍ଥମନ୍ତ୍ରୀ କହିଥିଲେ ଯେ ଏହି ପ୍ରସଙ୍ଗ ଜିଏସଟି ପରିଷଦରେ ଉପସ୍ଥାପନ କରାଯିବ । ତେବେ ପରିଷଦ ରାଜସ୍ୱ ସଂଗ୍ରହ ପ୍ରତି ମଧ୍ୟ ଧ୍ୟାନ ଦେଉଛି । ଯେକୌଣସି କ୍ଷେତ୍ରରେ ଜିଏସଟି ଦର ହ୍ରାସ ପ୍ରସଙ୍ଗରେ ପରିଷଦ ହିଁ ନିଷ୍ପି ନେବ ବୋଲି ସେ କହିଥିଲେ । ଏହି ଅବସରରେ ଅର୍ଥ ଓ ରାଜସ୍ୱ ସଚିବ ଶ୍ରୀ ଅଜୟ ଭୂଷଣ ପାଣ୍ଡେ ଫିକ୍କି ସଦସ୍ୟମାନଙ୍କୁ ସୂଚନା ଦେଇ କହିଥିଲେ ଯେ କର୍ପୋରେଟଗୁଡ଼ିକୁ ଆୟକର ରିଫଣ୍ଡ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଗତ କିଛି ସପ୍ତାହ ମଧ୍ୟରେ ୩୫ ହଜାର କୋଟି ଟଙ୍କାର ଆଇଟି ରିଫଣ୍ଡ ଦାଖଲ କରାଯାଇସାରିଲାଣି । ଏହି ବୈଠକରେ ଅର୍ଥନୈତିକ ବ୍ୟାପାର ସଚିବ ତରୁଣ ବଜାଜ, କର୍ପୋରେଟ ବ୍ୟାପାର ସଚିବ ରାଜେଶ ବର୍ମା ଓ ଅର୍ଥ ସେବା ସଚିବ ଶ୍ରୀ ଦେବାଶିଷ ପଣ୍ଡା ଉପସ୍ଥିତ ଥିଲେ । କୋଭିଡ-୧୯ କାରଣରୁ ପଡ଼ିଥିବା ପ୍ରଭାବର ମୁକାବିଲା କରିବା ଲାଗି ଘୋଷଣା କରାଯାଇଥିବା ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସହଯୋଗ ନିମନ୍ତେ ଫିକ୍କି ସଦସ୍ୟମାନେ ନିରନ୍ତର ଭାବେ ବିଭିନ୍ନ ସରକାରୀ ବିଭାଗ ସହିତ ସମ୍ପର୍କରେ ରହିଛନ୍ତି ବୋଲି ଫିକ୍କି ଅଧ୍ୟକ୍ଷ ଡ. ସଙ୍ଗୀତା ରେଡ୍ଡୀ ଏହି ଅବସରରେ ଅର୍ଥମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ । 'ଆତ୍ମନିର୍ଭର ଭାରତ'ର ଏକାର୍ଯ୍ୟ କରୁଛି ବୋଲି ଡ. ରେଡ୍ଡୀ ଉଲ୍ଲେଖ କରିଥିଲେ ।

# ଡମଣାରେ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୮।୬ (ନି.ପ୍ର): ସୋମବାର ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରେ ଆଉ ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ହୋଇଥିବା ବ୍ୟକ୍ତି ଭୁବନେଶ୍ୱର ଡମଣା ଅଂଚଳର ୨୫ ବର୍ଷୀୟ ଯୁବକ । ସେ ନିକଟରେ ମୁମ୍ବାଇରୁ ଫେରି ହୋମ୍ କ୍ୱାରେଂଟାଇନ୍ ରେ ଥିଲେ । ତାଙ୍କର କଂଟାକ୍ଟ ଟ୍ରେସିଂ ଜାରୀ ରହିଥିବା ବେଳେ ବର୍ତମାନ ସୁଦ୍ଧା ତାଙ୍କ ସମ୍ପର୍କରେ ଆସିଥିବା ଲୋକଙ୍କୁ କ୍ୱାରେଂଟାଇନ୍ ରେ ରଖାଯିବା ସହ ଆଖପାଖ ଅଂଚଳକୁ ସାନିଟାଇଜ୍ କରାଯାଇଛି । ଏସମ୍ପର୍କରେ ବିଏମସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ସେହିପରି ଗତ ୨୪ ଘଂଟା ମଧ୍ୟରେ ବିଏମି ଅଂଚଳରେ ୨ ଜଣ କରୋନା ପଜିଟିଭ୍ ସୁସ୍ଥ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଶୈଳଶ୍ରୀ ବିହାର ଅଂଚଳର ଜଣେ ୨୩ ବର୍ଷୀୟ ଯୁବକ ରହିଥିବା ବେଳେ ଆଉ ଜଣେ ନୟାପଲ୍ଲୀ ଅଂଚଳର ୪୬ ବର୍ଷୀୟ ବ୍ୟକ୍ତି ଅଛନ୍ତି । ସୂଚନା ଅନୁଯାୟୀ ବର୍ତମାନ ସୁଦ୍ଧା ବିଏମସି ଅଂଚଳରେ ୮୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୫୩ ଜଣ ସୁସ୍ଥ ହୋଇଛନ୍ତି । ବର୍ତମାନ ଭୁବନେଶ୍ୱରରେ ୩୩ ଟି ସକ୍ରିୟ ମାମଲା ରହିଛି । ସେହିପରି ୩ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି ।

ମଙ୍ଗଳବାର, ୯ ଜୁନ୍ ୨୦୨୦

# ଧ୍ୱନି ପ୍ରତିଧ୍ୱନି



## ବିଭିନ୍ନ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା

ଭୁବନେଶ୍ୱର,୮।୬ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଲଗାତାର ଭାବେ ବଢି ଚାଲିଛି । ବର୍ତ୍ତମାନ ଏହି ସଂଖ୍ୟା ୨୯୯୪ ହୋଇଥିବା ବେଳେ ଗଂଜାମ ଜିଲ୍ଲାରେ ସର୍ବାଧିକ ଆକ୍ରାନ୍ତ ରହିଛନ୍ତି। ଗଂଜାମ ଜିଲ୍ଲାରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୩୧ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଯାଜପୁର ଜିଲ୍ଲାରେ ୩୨୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖୋର୍ଧା ଜିଲ୍ଲାରେ ୨୫୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଭାବେ ବାଲେଶ୍ୱର ଜିଲ୍ଲାରେ ୧୯୦, କେନ୍ଦ୍ରାପଡା ଜିଲ୍ଲାରେ ୧୬୭ ଓ କଟକ ଜିଲ୍ଲାରେ ୧୮୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଭଦ୍ରକ ଜିଲ୍ଲାରେ ୧୫୧, ବଲାଙ୍ଗୀର ଜିଲ୍ଲାରେ ୧୨୨ ଜଣ ତଥା ପୁରୀ ଜିଲ୍ଲାରେ ୧୦୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରେ ୮୯, ସୁନ୍ଦରଗଡ ଜିଲ୍ଲାରେ ୧୧୧ ଓ ନୟାଗଡ ଜିଲ୍ଲାରେ ୯୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରେ ୭୨ ଜଣ, ମୟୁରଭଂଜ ଜିଲ୍ଲାରେ ୭୬ ଜଣ ଓ ଗଜପତି ଜିଲ୍ଲାରେ ୬୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବିଭାଗ ପକ୍ଷରୁ କୁହା ଯାଇଛି ଯେ ବୌଦ୍ଧ ଜିଲ୍ଲାରେ ୩୪, ଢେଙ୍କାନାଳ ଜିଲ୍ଲାରେ ୩୮ ତଥା ଦେବଗଡ ଜିଲ୍ଲାରେ ୩୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାରେ ୪୩, ଅନୁଗୁଳ ଜିଲ୍ଲାରେ ୩୩ ଓ ସୋନପୁର ଜିଲ୍ଲାରେ ୨୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରେ ୩୫, କଳାହାଣ୍ଡି ଜିଲ୍ଲାରେ ୨୯ ତଥା ମାଲକାନଗିରି ଜିଲ୍ଲାରେ ୨୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁର ଜିଲ୍ଲାରେ ୧୭, ବରଗଡ ଜିଲ୍ଲାରେ ୧୬ ଓ କୋରାପୁଟ ଜିଲ୍ଲାରେ ୧୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଝାରସୁଗୁଡା ଜିଲ୍ଲାରେ ୮, ରାୟଗଡା ଜିଲ୍ଲାରେ ୩ ଓ ନବରଙ୍ଗପୁର ଜିଲ୍ଲାରେ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## ୧୫ ଜିଲ୍ଲାରୁ ସୁସ୍ଥ ହେଲେ ୯୯ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୮।୬ (ନି.ପ୍ର): ରାଜ୍ୟରେ ସୋମବାର ଦିନ ଆଉ ୯୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ୧୫ ଜିଲ୍ଲାରୁ ୯୯ ଜଣ ସୁସ୍ଥ ହେବା ପରେ ଏହାକୁ ମିଶାଇ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା ୧୯୯୩କୁ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ ୯୯ ଜଣ ସୁସ୍ଥଙ୍କ ମଧ୍ୟରୁ ଯାଜପୁରର ସର୍ବାଧିକ ୧୬ଜଣ ରହିଛନ୍ତି । ସେହିପରି ଖୋର୍ଦ୍ଧାର ୧୩ଜଣ, କେନ୍ଦ୍ରାପଡାର ୧୧ଜଣ, ଗଞ୍ଜାମର ୯ଜଣ, ଦେବଗଡର ୮ଜଣ, କଟକର ୭ଜଣ, ଜଗତସିଂହପୁରର ୭ଜଣ, ବାଲେଶ୍ୱରର ୬ଜଣ, ବରଗଡର ୬ଜଣ, ବଲାଙ୍ଗୀରର ୬ଜଣ, କେନ୍ଦୁଝରର ୪ଜଣ, ନୟାଗଡର ୩ଜଣ ଓ କୋରାପୁଟ, ସମ୍ବଲପୁର ଏବଂ ସୁନ୍ଦରଗଡରୁ ଜଣେ ଲେଖାଏଁ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ଯେ ସୋମବାର ସକାଳେ ରାଜ୍ୟରେ ୧୩୮ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ ।

## କାଠମାଫିଆ-ବନବିଭାଗ ମଧୁ ଚନ୍ଦ୍ରିକାର ଫଳ: ଜଙ୍ଗଲ ଭିତରେ ଚାଲିଛି କରତ କଳ

ବାଲେଶ୍ୱର,୮।୬ (ନି.ପ୍ର): ଗ୍ଲୋବାଲ ୱର୍ମିଂରୁ ବର୍ତ୍ତିବା ତଥା ପରିବେଶ ସୁରକ୍ଷା ପାଇଁ ସମ୍ପ୍ରତି ସବୁ ମହଲରେ ବକ୍ଷରୋପଣ ଓ ଜଙ୍ଗଲ କ୍ଷୟ ରୋକିବାକୁ ଗୁରୁତ୍ୱ ଦିଆଯାଉଥିଲେ ବି ଖୁଦ୍ ବନ ବିଭାଗର ସ୍ଥାଣୁତା ଯୋଗୁଁ ରୂପସା ଲଛମନଖୁଣ୍ଟା ଅଞ୍ଚଳର ବିସ୍ତୃତ ଜଙ୍ଗଲ ଏବେ ପଦା ହେବାକୁ ବସିଛି । ରୂପସା ଅଞ୍ଚଳରେ ପତିଆରା ଥିବା ଅସାମାଜିକ ବ୍ୟକ୍ତି ଓ କାଠ ମାଫିଆଙ୍କ ସହ ବନ ବିଭାଗର ଉତ୍ତମ ସମ୍ପର୍କ ହିଁ ଲଛମନଖୁଣ୍ଟା ଜଙ୍ଗଲ କ୍ଷୟ ରୋକିବାରେ ଅନ୍ତରାୟ ହୋଇଥିବା ନେଇ ସ୍ଥାନୀୟ ବାସିନ୍ଦା ଆରୋପ ଉଠାଇଛନ୍ତି । ପ୍ରାୟ ୪ଶହ ଏକର ପରିମିତ ଏହି ଜଙ୍ଗଲରୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ଶାଳ ଓ ଆକାଶି ଗଛ କଟାଯାଇ ସେଠାରେ ଥିବା ଚୋରା କରତକଳରେ ସୋଇଙ୍ଗ ହୋଇ ଚାଲାଣ କରାଉଛି । ଗଛ କାଟି ସଫା କରିବା ପରେ ସେହି ଜମିକୁ ଚାଷ ଉପଯୋଗୀ କିମ୍ବା ପୋଖରୀ ଖୋଳା ଯାଉଥିବା ସ୍ଥାନୀୟ



ଏସଏଚଜି ମହିଳାମାନେ ପ୍ରକାଶ କରିଛନ୍ତି । ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର କାଠ ବାହାରକୁ ଚାଲାଣ କରାଯାଉଥିବା ସେମାନେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି । ଚୋରା କାଠ ଚାଲାଣ ଓ ଜଙ୍ଗଲ କ୍ଷୟ ବିରୋଧରେ ମହିଳାମାନେ ସ୍ଥାନୀୟ ପୁଲିସ, ତହସିଲଦାର ଓ ବନ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ବି ମାଫିଆଙ୍କ ସହ ଉତ୍ତମ ସମ୍ପର୍କ ରହିବା କାରଣରୁ ସେମାନେ କେହି ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ଅନ୍ୟପକ୍ଷରେ ମହିଳାମାନଙ୍କୁ କାଠମାଫିଆ ଓ ଅସାମାଜିକ ବ୍ୟକ୍ତିମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ୍ କରିବା ସହିତ ସେମାନଙ୍କ ପରିବାର ଲୋକଙ୍କୁ ଜୀବନରୁ ମାରିଦେବାର ଧମକ ଦେଉଛନ୍ତି । ସବୁଆଡୁ ନିରାଶ ହୋଇ ଶେଷରେ ଏସଏଚଜି ମହିଳାମାନେ ଆଜି ଜିଲ୍ଲାପାଳଙ୍କ ନିକଟରେ ଆପତ୍ତି ଜଣାଇଛନ୍ତି । କ୍ଷେତ୍ର ତଦନ୍ତ ସହ ଏହି କାଠ ଚୋରା ଚାଲାଣରେ ସମ୍ପୃକ୍ତ ମାଫିଆ ଓ ସରକାରୀ ବିଭାଗର ଅସାଧୁ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମହିଳାମାନେ ଦାବି କରିଛନ୍ତି । ନଚେତ୍ ଆଗାମୀ ଦିନରେ ରୂପସା ଓ ଲଛମନଖୁଣ୍ଟା ଅଞ୍ଚଳର ଏସଏସଜି ମହିଳାମାନେ ସଂଗଠିତ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଏହିପରିପେକ୍ଷୀରେ ଦାବିସମ୍ବଳିତ ଏକ ସ୍ମାରକପତ୍ର ସେମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି ।

## କରୋନାମୁକ୍ତ ହେଲା ନ୍ୟୁଜିଲାଣ୍ଡ



ୱେଲିଂଟନ୍,୮।୬ (ନି.ପ୍ର): କରୋନା ମହାମାରୀକୁ ପ୍ରତିହତ କରିବାରେ ସଫଳ ହୋଇଛି ନ୍ୟୁଜିଲାଣ୍ଡ । ନ୍ୟୁଜିଲାଣ୍ଡ କରୋନାମୁକ୍ତ ହେଲା ବୋଲି ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ଜାସିଣ୍ଡା ଆର୍ଡେନ୍ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସୋମବାର ନ୍ୟୁଜିଲାଣ୍ଡରେ ଶେଷ କରୋନା ଆକ୍ରାନ୍ତ ରୋଗୀ ସୁସ୍ଥ ହୋଇଛନ୍ତି । ଫଳରେ ନ୍ୟୁଜିଲାଣ୍ଡରେ କରୋନା ସଂକ୍ରମଣକୁ ରୋକାଯାଇ ପାରିଛି । ୧୭ ଦିନ ତଳେ ଏଠାରେ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ସେତେବେଳେ ୪୦ହଜାର ଲୋକଙ୍କ କରୋନା ପରୀକ୍ଷା କରାଯାଇଥିଲା । ଗତ ଫେବୃଆରୀରୁ ସୋମବାର ସୁଦ୍ଧା ଜଣେ ହେଲେ କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି । ଆଜି ମଧ ରାତ୍ରିରୁ ନ୍ୟୁଜିଲାଣ୍ଡ୍ରେ ସାରା ଦେଶର ଦୋକାନବଜାର ଓ ଅନ୍ୟାନ୍ୟ ପ୍ରତିଷ୍ଠାନ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ କରୋନା ସଂକ୍ରମଣର ପରବର୍ତ୍ତି ପର୍ଯ୍ୟାୟ ପାଇଁ ଦେଶବାସୀ ପ୍ରସ୍ତୁତ ରହିବାକୁ କ୍ୟାବିନେଟରେ ଏକ ସଂକଳ୍ପନାମା ପାରିତ ହୋଇଛି । ଏବେ କରୋନା ଭୂତାଣୁ ସଂକ୍ରମଣ ରୋକିବାରେ ସଫଳ ହୋଇଛୁ । ଏହା ସମସ୍ତଙ୍କ ମିଳିତ ପ୍ରୟାସ ଯୋଗୁ ସମ୍ଭବ ହୋଇଛି । ନ୍ୟୁଜିଲାଣ୍ଡ୍ରେ କଡ଼ାକଡ଼ି ଭାବେ ଲକଡାଉନ୍ ପାଳନ କରାଯାଇଥିବାରୁ କରୋନା ସଂକ୍ରମଣକୁ ରୋକାଯାଇପାରିଛି । ତେବେ ଦେଶରେ ୧,୫୦୦ରୁ ଅଧିକ ଲୋକ କରୋନା ଆକ୍ରାନ୍ତ ହୋଇଥିବାବେଳେ ମୋନଙ୍କ ମଧ୍ୟରୁ ୨୨ଜଣଙ୍କ ମୃତ୍ୟୁ ହୋଇଛି । ତେବେ ୫ ମିଲିୟନ୍ ଲୋକଙ୍କ ନିରନ୍ତର ପ୍ରୟାସ ଯୋଗୁ ନ୍ୟୁଜିଲାଣ୍ଡ କରୋନା ମୁକ୍ତ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି ।

## ବାଲେଶ୍ୱର ଜିଲ୍ଲାରେ ଜଳସେଚନ ଓ ଡ୍ରେନେଜ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସଂପର୍କରେ ଜଳ ସଂପଦ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର ,୮।୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ଜଳସେଚନ ଓ ଡ୍ରେନେଜ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆଜି ପୂର୍ବାହ୍ନରେ ଏକ ସମୀକ୍ଷା ବୈଠକ ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ଅଧକ୍ଷତାରେ ସ୍ଥାନୀୟ ଗୀତ ଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସିମୁଳିଆ ବିଧାୟକ ତଥା ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ସୋର ବିଧାୟକ ପର୍ଶୁରାମ ଧଡ଼ା, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରାଜ୍ୟ ଜଳ ସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର, ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ମୁଖ୍ୟ ଯନ୍ତ୍ରୀ (ଲୋୟର ମହାନଦୀ ବେସିନ୍), ମୁଖ୍ୟ ଯନ୍ତ୍ରୀ (କ୍ଷୁଦ୍ର ଜଳ ସେଚନ), ମୁଖ୍ୟଯନ୍ତ୍ରୀ (ଡ୍ରେନେଜ) ଓ ନିର୍ବାହୀ ଯନ୍ତ୍ରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଜଳ ସଂପଦ ମନ୍ତ୍ରୀ ଶ୍ରୀ ଦାସ କହିଲେ ଯେ, ଆଗକୁ ମୌସୁମୀ ବର୍ଷା ଆସୁଛି । ଏଥିପାଇଁ ପୂର୍ବରୁ ବାଲେଶ୍ୱର ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତି ସଂପର୍କରେ ଆଲୋଚନା ହୋଇଥିଲା । ଏହାକୁ ଆଧାର କରି ଅନୁଷ୍ଠିତ ବୈଠକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ଜଳ ନିଷ୍କାସନ ବା ଡ୍ରେନେଜ୍ ବ୍ୟବସ୍ଥାକୁ ସୁଚାରୁରୂପେ ପରିଚାଳନା କରିବାକୁ ମନ୍ତ୍ରୀ ବିଭାଗୀୟ ଯନ୍ତ୍ରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । କେବଳ ବାଲେଶ୍ୱର ଜିଲ୍ଲା ନୁହେଁ, ରାଜ୍ୟର ସମସ୍ତ ଜିଲ୍ଲାର ମଧ ଜଳ ସେଚନ ଓ ଡ୍ରେନେଜ୍ ବ୍ୟବସ୍ଥାର ଉନ୍ନତି ପାଇଁ ବିଭାଗ ତରଫରୁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଦାସ ପ୍ରକାଶ କରିଥିଲେ । ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଜିଲ୍ଲାର ବିଭିନ୍ନ ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟା ନେଇ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ସମାଧାନ ସଂପର୍କରେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଜିଲ୍ଲାର ଉପସ୍ଥିତ ଅନ୍ୟ ସମସ୍ତ ବିଧାୟକମାନେ ନିଜ ନିଜ ଅଂଚଳର କାର୍ଯ୍ୟକାରୀ ହେଉଥିବା ଜଳ ସେଚନ ପ୍ରକଳ୍ପକୁ ଶେଷ କରାଯିବା ଓ ଡ୍ରେନେଜ୍ ବ୍ୟବସ୍ଥାର ଉନ୍ନତିକରଣ ନେଇ ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ମନ୍ତ୍ରୀ ଓ ବିଧାୟକମାନେ ଦେଇଥିବା ପ୍ରସ୍ତାବ ଉପରେ ଗୁରୁତ୍ୱ ଦିଆଯାଇ ଏଥିପାଇଁ ବିସ୍ତୃତ ଯୋଜନା ପ୍ରସ୍ତୁତି ପୂର୍ବକ ପର୍ଯ୍ୟାୟକ୍ରମେ କାର୍ଯ୍ୟ ସଂପାଦନ ବ୍ୟବସ୍ଥା କରାଯିବ ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ପ୍ରକାଶ କରିଥିଲେ । ବୈଠକରେ ବନ୍ୟା ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜଳସେଚନ ଡିଭିଜନ ଅନ୍ତର୍ଗତ ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀ, ସୁବର୍ଣ୍ଣରେଖା ଏବଂ କାଂଶବାଂସ ନଦୀ ଅଞ୍ଚଳ ମଧ୍ୟରେ ରହୁଥିବା ଡ୍ରେନେଜ୍ କାର୍ଯ୍ୟ, ବାଲେଶ୍ୱର ସହରାଂଚଳରେ ଡ୍ରେନେଜ୍ କାର୍ଯ୍ୟ ଏବଂ ଚେକ୍ ଡ୍ୟାମ ନିର୍ମାଣ କାର୍ଯ୍ୟ ସବୁକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଡ୍ରେନେଜ୍ ଡିଭିଜନ ଭଦ୍ରକ, ସିମୁଳିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଂଚଳରେ ଥିବା ଡ୍ରେନେଜ୍ କାର୍ଯ୍ୟ ତଦାରଖ କରୁଥିବାରୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେଇ ବିଭାଗୀୟ ଯନ୍ତ୍ରୀମାନଙ୍କୁ ମଧ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ଜିଲ୍ଲାରେ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ, ଉଠା ଜଳ ସେଚନ ପ୍ରକଳ୍ପର ମରାମତି ଓ ରକ୍ଷଣାବେକ୍ଷଣ ଏବଂ ନୀଳଗିରି ଏନ୍.ଏ.ସିରେ ଡ୍ରେନେଜ୍ ବ୍ୟବସ୍ଥାର ଉନ୍ନତିକରଣ ନିମନ୍ତେ ଆଲୋଚନା ହୋଇଥିଲା । ଅନୁଷ୍ଠିତ ବୈଠକବେଳେ ସାମାଜିକ ଦୂରତ୍ୱ ବଜାୟ ରଖିବା ସହିତ କୋଭିଡ-୧୯ ପରିସ୍ଥିତିରେ ଆବଶ୍ୟକ ସତର୍କତା ଅବଲମ୍ବନ କରାଯାଇଥିଲା ।

## କେବଳ ଏମଏସଏମଇ ନୁହେଁ କୋଭିଡ ଜରୁରିକାଳୀନ ଋଣ ସୁବିଧା ସବୁ କମ୍ପାନୀ ପାଇଁ ଉପଲବ୍ଧ : ଅର୍ଥମନ୍ତ୍ରୀ




ନୁଆଦିଲ୍ଲୀ,୮।୬ (ନି.ପ୍ର): କେନ୍ଦ୍ର ଅର୍ଥ ଓ କର୍ପୋରେଟ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଆଜି କହିଛନ୍ତି ଯେ କୋଭିଡ ଜରୁରିକାଳୀନ ଋଣ ସୁବିଧା କେବଳ ଏମଏସଏମଇଗୁଡ଼ିକ ପାଇଁ ନୁହେଁ ସମସ୍ତ କମ୍ପାନୀ ପାଇଁ ଉପଲବ୍ଧ ରହିଛି । ଫିକ୍କି କାର୍ଯ୍ୟକାରିଣୀ ସମିତି ସଦସ୍ୟମାନଙ୍କୁ ସମ୍ବୋଧିତ କରି ଶ୍ରୀମତୀ ସୀତାରମଣ ଉଦ୍ୟୋଗ ଜଗତକୁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ସହାୟତା ପାଇଁ ଆଶ୍ୱାସନା ଦେଇଥିଲେ । ଭାରତୀୟ ଉଦ୍ୟୋଗ ଜଗତକୁ ସହାୟତା କରିବା ଏବଂ ଅର୍ଥବ୍ୟବସ୍ଥାର ପୁନରୁଦ୍ଧାର ସରକାରଙ୍କ ଉଦ୍ଦେଶ୍ୟ । ଏଥିପାଇଁ ଆପଣମାନଙ୍କର କେହି ଜଣେ ସଦସ୍ୟ ସମସ୍ୟାରେ ଥିଲେ, ସରକାର ସହାୟତା/ହସ୍ତକ୍ଷେପ କରିବାକୁ ପ୍ରସ୍ତୁତ ବୋଲି ଅର୍ଥମନ୍ତ୍ରୀ କହିଥିଲେ । ନଗଦ ପ୍ରସଙ୍ଗରେ ଉତର ରଖି ଅର୍ଥମନ୍ତ୍ରୀ କହିଥିଲେ, ଆମେ ନଗଦ ପ୍ରସଙ୍ଗକୁ ସ୍ପଷ୍ଟ ଭାବେ ସମାଧାନ କରିବାକୁ ଉଦ୍ୟମ କରିଛୁ । ତଥାପି ସମସ୍ୟା ଥିଲେ ଆମେ ସମାଧାନ କରିବାକୁ ପ୍ରସ୍ତୁତ । ସେ ଆହୁରି କହିଥିଲେ ଯେ ସମସ୍ତ ବକେୟା ଅର୍ଥ ପଇଠ କରିବା ଲାଗି ସରକାରୀ ବିଭାଗଗୁଡ଼ିକୁ କୁହାଯାଇଛି । ଏହା ସତ୍ତ୍ୱେ କୌଣସି ବିଭାଗରେ କୌଣସି ସମସ୍ୟା ରହିଥିଲେ ସରକାର ସେଥିପ୍ରତି ଧ୍ୟାନ ଦେବେ । ଅର୍ଥମନ୍ତ୍ରୀ ଆହୁରି ମଧ କହିଥିଲେ ନୂତନ ନିବେଶ ଉପରେ ୧୫ ପ୍ରତିଶତ କର୍ପୋରେଟ ଟିକସ ଦର ସୁବିଧା ହାସଲ କରିବାର ଶେଷ ତାରିଖ ବଢ଼ାଇବା ପ୍ରସଙ୍ଗ ପ୍ରତି ସରକାର ଧ୍ୟାନ ଦେବେ । "କଣ କରାଯାଇପାରିବ ମୁଁ ଦେଖିବି । ନୂତନ ନିବେଶ ଉପରେ ୧୫ ପ୍ରତିଶତ କର୍ପୋରେଟ

▶▶ପୃଷ୍ଠା ୭

## ୬୬ଟି ରୁଟ୍‌ରେ ଆଜିଠାରୁ ଚାଲିଲା ଓଏସଆରଟିସି ବସ୍

ଭୁବନେଶ୍ୱର, ୦୮ ଜୁନ - ଆଜି ଠାରୁ ଓଏସଆରଟିସିର ବସ୍ ଚଳାଚଳ ଆରମ୍ଭ ହୋଇଛି । ।୬୬ଟି ରୁଟ୍‌ରେ ଏହି ବସ୍ ଚଳା ଚଳା ଆରମ୍ଭ କରା ଯାଇଛି । ବିନା ମାସ୍କରେ କୌଣସି ଯାତ୍ରୀ ଯାଇପାରିବେ ନାହିଁ କି ବସ୍‌ରେ ଛିଡ଼ା ହୋଇ କୌଣସି ବ୍ୟକ୍ତି ଯାଇପାରିବେ ନାହିଁ । ପର୍ଯ୍ୟାୟକ୍ରମେ ଅଧିକ ରୁଟ୍‌ରେ ବସ୍ ଚାଲିବ । ସାମାଜିକ ଦୂରତାକୁ ମଧ ବଜାୟ ରଖାଯିବ ବୋଲି ଓଏସଆରଟିସି ପକ୍ଷରୁ ପ୍ରକାଶ କରା ଯାଇଚି ।

## ସମୁଦ୍ର ସେତୁ ଅଭିଯାନରେ ଇରାନରୁ ନାଗରିକଙ୍କ ସ୍ଥାନାନ୍ତରଣ ଆରମ୍ଭ କରିଛି ଭାରତୀୟ ନୌସେନା



ନୁଆଦିଲ୍ଲୀ,୮।୬ (ନି.ପ୍ର): ଆଜିଠାରୁ ଭାରତୀୟ ନୌସେନା ସମୁଦ୍ର ସେତୁ ଅଭିଯାନରେ ଭାରତୀୟମାନଙ୍କୁ ସ୍ୱଦେଶ ଫେରାଇ ଆଣିବା କାର୍ଯ୍ୟ ପୁଣି ଆରମ୍ଭ କରିଛି । ଭାରତୀୟ ନୌସେନା ଜାହାଜ ଆଇଏନଏସ ଜଳଶ୍ୱ ଏବଂ ମଗର ମାଳଦୀପ ଏବଂ ଶ୍ରୀଲଙ୍କାରେ ଫସି ରହିଥିବା ୨୮୭୪ଜଣ ଭାରତୀୟଙ୍କୁ କୋଚି ଏବଂ ତୁତିକୋରିନରେ ପହଂଚାଇଛନ୍ତି । ସମୁଦ୍ର ସେତୁର ପରବର୍ତ୍ତୀ ପର୍ଯ୍ୟାୟ ସ୍ୱରୂପ ଆଜି ଭାରତୀୟ ନୌସେନା ଜାହାଜ ଆଇଏନଏସ ଶାର୍ଦ୍ଦୁଳ ଇରାନର ବନ୍ଦର ଅବ୍ବାସରୁ ଭାରତୀୟମାନଙ୍କୁ ଗୁଜୁରାଟର ପୋରବନ୍ଦରରେ ପହଂଚାଇବ । ଯେଉଁ ଭାରତୀୟମାନେ ଆସିବେ ଇରାନରେ ଥିବା ଭାରତୀୟ ଦୂତାବାସ ସେମାନଙ୍କ ଏକ ତାଲିକା ପ୍ରସ୍ତୁତ କରିଛି । ଆଇଏନଏସ ଶାର୍ଦ୍ଦୁଳର ବୋର୍ଡରେ ସାମାଜିକ ଦୂରତା ରକ୍ଷା, ଅତିରିକ୍ତ ଚିକିତ୍ସା ସୁବିଧା, ଔଷଧ ଭଣ୍ଡାର ପିପିଇ ଏତ୍ୟାଦି ସହ ଡାକ୍ତରୀ ଉପକରଣ ଓ ଚିକିତ୍ସକ ସୁବିଧା ମହଜୁଦ ଅଛି ।

## ଋଣକିସ୍ତି ଆଦାୟରେ ଏସଏଚଜି ମହିଳାଙ୍କୁ ମାନସିକ ନିର୍ଯାତନା

### ଆନ୍ଦୋଳନମୁଖୀ ଜନ ଅସନ୍ତୋଷ

ବାଲେଶ୍ୱର,୮।୬ (ନି.ପ୍ର): ଲକ୍ ଡାଉନ ପ୍ରଭାବରୁ ମୁକୁଳିବା ପାଇଁ ଋଣ ଗ୍ରହିତାଙ୍କ ନିମନ୍ତେ ସରକାରଙ୍କ କିସ୍ତିଅର୍ଥ ଛାଡ଼ ନିର୍ଦ୍ଦେଶ ସତ୍ତ୍ୱେ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସଏଚଜି)ଙ୍କ ଉପରେ ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କ ପକ୍ଷରୁ ହେଉଥିବା ଜୁଲମକୁ ନେଇ ବଢୁଥିବା ଅସନ୍ତୋଷ କ୍ରମଶଃ ଜନ ଆନ୍ଦୋଳନରେ ରୂପ ନେବାରେ ଲାଗିଛି । କରୋନା ଭଳି ସଙ୍ଗୀନ ସ୍ଥିତିରେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି)ମାନେ ନେଇଥିବା ଋଣ ବାବଦୀୟ କିସ୍ତି ଆଦାୟ ଜୁଲମ୍ ଉପରେ ଅଙ୍କୁଶ ଲଗାଇବା ଦାବିରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଥିଲେ ବି ଏନେଇ ଜିଲ୍ଲା ପ୍ରଶାସନ କିମ୍ବା ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠା ପରିଲକ୍ଷିତ ହେଉନାହିଁ । ଏହି କ୍ରମରେ ଚାନ୍ଦିପୁର ମିର୍ଜାପୁର ଅଞ୍ଚଳର ଏକାଧିକ ଏସଏଚଜି ସଂଗଠିତ ହୋଇ ଜିଲ୍ଲାପାଳ ଓ ଏସପିଙ୍କଠାରେ ଫେରାଦ ହେବାକୁ ନିଷ୍ପତି ନେଇଛନ୍ତି । ସେମାନଙ୍କ କହିବା ଅନୁସାରେ ବାଲେଶ୍ୱର ଜିଲ୍ଲାର ପ୍ରାୟ ୯୦ ପ୍ରତିଶତ ମହିଳା ଶହ ଶହ ଏସଏଚଜି ଜରିଆରେ ଏକାଧିକ ଅଣ ବ୍ୟାଙ୍କିଙ୍ଗ ସଂସ୍ଥାଙ୍କଠାରୁ ଋଣ ନେଇଛନ୍ତି । ଅର୍ଥଲଗାଣକାରୀ ସଂସ୍ଥାଗୁଡ଼ିକ ଋଣପ୍ରଦାନ ସହ ସେମାନଙ୍କଠାରୁ ୧୭ରୁ ୨୪ ପ୍ରତିଶତ ସୁଧ ହାରରେ ମାସିକ, ପାକ୍ଷିକ ଓ ସାପ୍ତାହିକ ଆକାରରେ କିସ୍ତିଅର୍ଥ ଆଦାୟ କରିଆସୁଥିଲେ । ସ୍ୱାବଲମ୍ବୀ ହେବା ତଥା ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ କରିବା ପାଇଁ ମହିଳାମାନେ ଏହି ଅର୍ଥକୁ ଛୋଟମୋଟ ବ୍ୟବସାୟରେ ଲଗାଇଥିଲେ । ଦେଶର ଲକ୍ ଡାଉନ୍ ସ୍ଥିତିକୁ ଦୃଷ୍ଟିରେ ରଖି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣରଙ୍କ ସମେତ କେନ୍ଦ୍ର ସରକାର ପ୍ରତ୍ୟେକ ଋଣ ଗ୍ରହିତାଙ୍କୁ ପ୍ରଥମେ ୩ ମାସ ଓ ପରେ ଆଉ ୩ ମାସ କିସ୍ତି ଛାଡ଼ ପାଇଁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଏହି ନିର୍ଦ୍ଦେଶକୁ ଅଣ ବ୍ୟାଙ୍କିଙ୍ଗ ସଂସ୍ଥା ଓ ବିଭିନ୍ନ ବ୍ୟାଙ୍କମାନେ ଅବଜ୍ଞା କରି ଜୋର ଜବରଦସ୍ତ କିସ୍ତି ଆଦାୟ କରିବାରେ ଲାଗିଛନ୍ତି । ଏମିତିକି କିସ୍ତି ଅର୍ଥ ଦେଇପାରୁ ନଥିବା ଗ୍ରୁପ୍‌ଙ୍କ ଉପରେ ଏବେ ସେମାନଙ୍କ ଦୌରାତ୍ମ୍ୟ ସୀମା ଟପିଥିବା ମିର୍ଜାପୁର ଅଞ୍ଚଳର ଏକାଧିକ ଏସଏଚଜିର ମହିଳା ଆରୋପ ଉଠାଇଛନ୍ତି । ଋଣଗ୍ରହିତାଙ୍କ ଘରେ ପହଞ୍ଚି ସଂସ୍ଥାର ପ୍ରତିନିଧିମାନେ ବିଭିନ୍ନ ପ୍ରକାରର ଭୟଭ୍ରାନ୍ତି କଥା କହି ମାନସିକ ନିର୍ଯାତନା ଦେବା ସହ କିସ୍ତି ଅର୍ଥ ଆଦାୟ ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଏଭଳି ସ୍ଥିତିରେ ପ୍ରଶାସନ ତଥା ସରକାର ହସ୍ତକ୍ଷେପ କରିବା ସହ ଅଣବ୍ୟାଙ୍କିଙ୍ଗ୍ ସଂସ୍ଥାଙ୍କ କିସ୍ତି ଆଦାୟ ଉପରେ ଅଙ୍କୁଶ ଲଗାଇବା ଏବଂ ପୁନଃ ଋଣ ପ୍ରଦାନ ପାଇଁ ବିଭିନ୍ନ ଏସଏଚଜି ଗ୍ରୁପ୍ ପକ୍ଷରୁ ଦାବି ମଧ୍ୟ ହୋଇଛି । ନଚେତ୍ ଆଗାମୀ ଦିନରେ ସେମାନେ ସଂଗଠିତ ହେବା ସହ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo